# ସଂଚାର

THE SANCHAR

Website: sanchar.live  mail Id: sanchorodisha@gmail.com

RNI NO :ODIODI/2001/04811  Postal Regd No : BN/249/15-17


**ଛୁଟି ଘୋଷଣା**

ପବିତ୍ର ଦୁର୍ଗାପୂଜା ଉପଲକ୍ଷେ ଆସନ୍ତା ଅକ୍ଟୋବର ୧ରୁ ୩ ତାରିଖ ପର୍ଯ୍ୟନ୍ତ 'ସଂଚାର' କାର୍ଯ୍ୟାଳୟ ଓ ପ୍ରେସ୍ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୫ ତାରିଖରେ ପ୍ରକାଶ ପାଇବ। ଏହି ଅବସରରେ 'ସଂଚାର' ପରିବାରର ସମସ୍ତ ପାଠକପାଠିକା, ପ୍ରତିନିଧି, ବିଜ୍ଞାପନଦାତା ଓ ଶୁଭେଚ୍ଛୁମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।

ପ୍ରକାଶକ

ଯା' ଦେବୀ ସର୍ବଭୂତେଷୁ
ମାତୃ ରୂପେଣ ସଂସ୍ଥିତା
ନମସ୍ତସ୍ୟୈ ନମସ୍ତସ୍ୟୈ
ନମସ୍ତସ୍ୟୈ ନମୋନମଃ




Vol. 33 | ISSUE 191 | ଭାଗ ୩୩ | ସଂଖ୍ୟା ୧୯୦ | Wednesday 1 October 2025 | Page 8 Rs. 5.00 | ଭୁବନେଶ୍ୱର ବୁଧବାର ୧ ସେପ୍ଟେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## କେନ୍ଦୁଝରରେ ମଣ୍ଡପ ବୁଲିଲେ ମୁଖ୍ୟମନ୍ତ୍ରୀ



**କେନ୍ଦୁଝର/କଟକ, ୩୦।୯ (ସଂଚାର ବ୍ୟୁରୋ):** ସମ୍ପ୍ରତି ରାଜ୍ୟରେ ଶାରଦୀୟ ମାହୋଲ୍ ଜାରି ରହିଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ଜିଲ୍ଲା କେନ୍ଦୁଝର ଗସ୍ତ କରି ସେଠାରେ ମା'ଙ୍କ ବିଭିନ୍ନ ମଣ୍ଡପ ବୁଲିବା ସହ ଦର୍ଶନ କରିଛନ୍ତି। ଆଜି ମହାଷ୍ଟମୀରେ ଶ୍ରୀ ମାଝୀ ମା'ଙ୍କ ପୂଜାର୍ଚ୍ଚନା କରିବା ସହ ରାଜ୍ୟବାସୀଙ୍କ ମଙ୍ଗଳ କାମନା କରିଛନ୍ତି। ପ୍ରତିବର୍ଷ ପରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଚଳିତ ବର୍ଷ ଝୁମ୍ପୁରା ଦୁର୍ଗାପୂଜା ମଣ୍ଡପରେ ପହଞ୍ଚି ମା'ଙ୍କ ଆଶିଷ ଭିକ୍ଷା କରିଛନ୍ତି। ଦୁଇଦିନିଆ ଜିଲ୍ଲା ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ରାଇସୁଆଁ ଏୟାରଷ୍ଟ୍ରିପରେ ଅବତରଣ କରିବା ପରେ ତାଙ୍କ ପୈତୃକ ଗାଁ ରାଇକଳାରେ ପହଞ୍ଚିଥିଲେ। ➪ପୃଷ୍ଠା-୬

● ଆଜି କଟକରେ ଦର୍ଶନ

### ଏସଆଇ ନିଯୁକ୍ତି ପ୍ରକ୍ରିୟାରେ ଜାଲିଆତି ସନ୍ଦେହ

## ପରୀକ୍ଷା ସ୍ଥଗିତ, ତଦନ୍ତ କରିବ କ୍ରାଇମବ୍ରାଞ୍ଚ



**ଭୁବନେଶ୍ୱର,୩୦।୯(ସଂଚାର ବ୍ୟୁରୋ):** ପୁଲିସ ଏସଆଇ ପରୀକ୍ଷାରେ ଜାଲିଆତିର ପର୍ଦ୍ଦାଫାସ। ବହୁତ ବଡ଼ ଦୁର୍ନୀତିର ସୁରାଗ ମିଳିଛି। ଏହାପରେ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ସରକାର। କ୍ରାଇମବ୍ରାଞ୍ଚ ଟିମ୍ ବ୍ରହ୍ମପୁରରେ ପହଞ୍ଚି ଆରମ୍ଭ କରିଛନ୍ତି ଘଣ୍ଟାଚକଟା। ପୁଲିସ ଏସଆଇ ପରୀକ୍ଷା ପରୀକ୍ଷା ଆସନ୍ତା ଅକ୍ଟୋବର ୫ ଓ ୬ ତାରିଖରେ ହେବାର ଥିଲା। ଜାଲିଆତିର ସୁରାଗ ପାଇବା ପରେ ପରୀକ୍ଷାକୁ ସ୍ଥଗିତ ରଖିଛି ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ (ଓପିଆର୍‌ବି)। ଏସଆଇ ପରୀକ୍ଷାର ୧୨୦ ପ୍ରାର୍ଥୀଙ୍କୁ ବ୍ରହ୍ମପୁର ପୋଲିସ ଧରିବା ପରେ ଏତେ ବଡ଼ ଦୁର୍ନୀତିର ପର୍ଦ୍ଦାଫାସ ହୋଇଛି। ଏହି ଆଶାର୍ଥୀଙ୍କୁ ହାଇଦ୍ରାବାଦ ନେଉଥିଲା ପରୀକ୍ଷା ପରିଚାଳନାର ଦାୟିତ୍ୱ ନେଇଥିବା ସଂସ୍ଥା। ହାଇଦ୍ରାବାଦରେ କୋଚିଂ ଦେବା ପାଇଁ ସେମାନଙ୍କୁ ନିଆଯାଇଥିଲା। ସନ୍ଦେହ କରାଯାଉଛି ଯେ ସେଠାରେ କୋଚିଂ ବାହାନାରେ ଫିକ୍ସିଂ ହୋଇଥାନ୍ତା। ପରୀକ୍ଷାର୍ଥୀଙ୍କୁ ଅସାଧୁ ଉପାୟ ଅବଲମ୍ବନ ନେଇ ସୁଯୋଗ ମିଳିଥାନ୍ତା। ଯାହା ଫଳରେ ସେମାନେ ଚାକିରି ପାଇଥାନ୍ତେ। ତେବେ ବ୍ରହ୍ମପୁର ପୁଲିସ କୌଣସି ସୂତ୍ରରୁ ଖବର ପାଇଁ ସେମାନଙ୍କ ପିଛା କରିବା ସହ ସମସ୍ତଙ୍କୁ ଶ୍ରୀକାକୁଲମ୍‌ରୁ ଗିରଫ କରିଥିଲା। ସମସ୍ତଙ୍କୁ ଧରି ପୁଲିସ୍ ବ୍ରହ୍ମପୁର ଆଣିବା ସହ ଅଧିକ ତଥ୍ୟ ହାସଲ ପାଇଁ ସେମାନଙ୍କୁ ପଚରାଉଚରା ଚଳାଇଥିବା ଜଣାପଡ଼ିଛି।

ତେବେ ଏତେ ବଡ଼ ଦୁର୍ନୀତିର ସୁରାଗ ମିଳିବା ପରେ ପରୀକ୍ଷାକୁ ସ୍ଥଗିତ ରଖିଛି ଓପିଆର୍‌ସି। ପରେ ନୂଆ ତାରିଖ ଘୋଷଣା ହେବ ବୋଲି କର୍ତ୍ତୃପକ୍ଷଙ୍କ ତରଫରୁ ଘୋଷଣା କରାଯାଇଛି। ସେପଟେ ରାଜ୍ୟ ସରକାର ଏହାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। କ୍ରାଇମବ୍ରାଞ୍ଚର ଏକ ଟିମ୍ ବ୍ରହ୍ମପୁରରେ ପହଞ୍ଚି କରୁଛନ୍ତି ତନାଘନା। ଘଟଣାର ଚେର ଖୋଜୁଛି କ୍ରାଇମବ୍ରାଞ୍ଚ। ଏହି ଜାଲିଆତି ଧରାପଡ଼ିବା ପରେ ଓପିଆର୍‌ବି ପକ୍ଷରୁ ଆଶାର୍ଥୀମାନଙ୍କ ପାଇଁ ଜାରି କରାଯାଇଛି ହେଲ୍ପଲାଇନ୍ ନମ୍ବର। ହେଲ୍ପଲାଇନ ନମ୍ବର ୯୦୪୦୪ ୯୩୨୨୩ ହୋଇଥିବା ବେଳେ ଏଥିରେ ଯୋଗାଯୋଗ କରିବାକୁ କୁହାଯାଇଛି। ଓଡ଼ିଶା ପୁଲିସର ୬୦୯, ସଶସ୍ତ୍ର ପୁଲିସର ୨୫୩, ଅଗ୍ନିଶମ ସେବାର ୪୭ ଷ୍ଟେସନ ଅଫିସର ଓ ୨୪ଟି ଆସିଷ୍ଟାଣ୍ଟ ଜେଲର୍ ଭାବେ ସବ୍‌ଇନ୍ସପେକ୍ଟର ପଦବୀ ପାଇଁ ଗତ ଜାନୁଆରୀରେ ପ୍ରକାଶିତ ପାଇଥିଲା ବିଜ୍ଞପ୍ତି। ଓପିଆର୍‌ବି ପକ୍ଷରୁ ପରୀକ୍ଷା ହେବାର ଥିଲେ ହେଁ ଏହା ପୂର୍ବରୁ ଏହି ଧରଣର ଏକ ଜାଲିଆତି ଧରାପଡ଼ିଛି।

## ଝଡ଼ିପଡ଼ିଲା ୬ ଜୀବନ

**ଅମଙ୍ଗଳିଆ ମଙ୍ଗଳବାର**

**ଦିଗପହଣ୍ଡି/ଓଡ଼ଗାଁ,୩୦।୯(ସଂଚାର ବ୍ୟୁରୋ):** ଆଜି ମଙ୍ଗଳବାରରେ ରାଜ୍ୟରେ ଦୁଇଟି ପୃଥକ୍ ଘଟଣାରେ ବଡ଼ ଧରଣର ଅଘଟଣ ଘଟିଛି, ଯେଉଁଥିରେ ୬ଟି ଅମୂଲ୍ୟ ଜୀବନ ଅକାଳରେ ଝଡ଼ିପଡ଼ିଛି। ଗୋଟିଏ ପଟେ ନଦୀରେ ବୁଡ଼ି ଗୋଟିଏ ପରିବାରର ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଅନ୍ୟ ୩ ଜଣ ପ୍ରାଣ ହରାଇଛନ୍ତି।

ମିଳିଥିବା ସୂଚନାନୁସାରେ, ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ୍ ଅନ୍ତର୍ଗତ କଳିଙ୍ଗଦଳା ଗ୍ରାମର ପ୍ରକାଶ ବେହେରାଙ୍କ ପତ୍ନୀ ଅନସୂୟା ➪ପୃଷ୍ଠା-୬








**ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**

ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଉଦ୍ଦେଶ୍ୟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଆସନ୍ତୁ, ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ନିର୍ମାଣରେ ନିଜକୁ ସମର୍ପିତ କରିବା ପାଇଁ ସଂକଳ୍ପବଦ୍ଧ ହେବା ।

(ହରି ବାବୁ କମ୍ଭମ୍ପାଟି)

DADLS-52/15001/13/1198/2526




**ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**

ଆସନ୍ତା କାଲି ଗାନ୍ଧୀ ଜୟନ୍ତୀ । ଏହି ଉପଲକ୍ଷେ ମୁଁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ମହାତ୍ମା ଗାନ୍ଧୀ ଥିଲେ ସତ୍ୟ, ନ୍ୟାୟ ଓ ଅହିଂସାର ପ୍ରତୀକ, ଯାହାଙ୍କ ଜୀବନ ଦର୍ଶନ ସମଗ୍ର ବିଶ୍ୱକୁ ପ୍ରଭାବିତ କରିଛି । ତାଙ୍କ ସ୍ୱଦେଶୀ ଓ ସ୍ୱଚ୍ଛତା ବିଚାର ଆଜି ବି ଆମ ଜୀବନ ଓ ସମାଜ ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଆସନ୍ତୁ, ତାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଆତ୍ମନିର୍ଭର ଓ ସ୍ୱଚ୍ଛ ଭାରତ ଗଠନ ଦିଗରେ ସମସ୍ତେ ସମର୍ପିତ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା




**ପବିତ୍ର ବିଜୟା ଦଶମୀ-୨୦୨୫ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**

ପବିତ୍ର ବିଜୟା ଦଶମୀ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।

ବିଜୟା ଦଶମୀ ହେଉଛି ଅସତ୍ୟ ଉପରେ ସତ୍ୟର, ଅନ୍ୟାୟ ଉପରେ ନ୍ୟାୟର ଏବଂ ଅଶାନ୍ତି ଉପରେ ଶାନ୍ତିର ବିଜୟ ପ୍ରତୀକ । ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନରେ ତଥା ସମାଜରେ ସତ୍ୟ, ନ୍ୟାୟ ଏବଂ ଶାନ୍ତି ପ୍ରତିଷ୍ଠା ଦିଗରେ ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମ୍ପାଟି)

DADLS-53/15001/13/1202/2526



**ଦୁର୍ଗାପୂଜା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**

ଶାରଦୀୟ ଦୁର୍ଗାପୂଜା ଅବସରରେ ରାଜ୍ୟବାସୀ ଭାଇ ଓ ଭଉଣୀ ମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି ।

ମା' ଦୁର୍ଗା ଆମ ପାଇଁ ଶକ୍ତି ଓ ସୁରକ୍ଷାର ନିଦର୍ଶନ । ଆମ ସମାଜରେ ଦୁର୍ଗାପୂଜା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ଏହା ହେଉଛି ଶକ୍ତି, ସାହସ ଓ ନୈତିକ ବିଜୟର ପ୍ରତୀକ । ମା' ଙ୍କ ଧରାବତରଣ ସମସ୍ତଙ୍କ ପାଇଁ ଶୁଭମୟ ହେଉ ।

ଜଗତ୍‌ଜନନୀ ମା' ଦୁର୍ଗାଙ୍କ ଅପାର କରୁଣାରୁ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦ ଭରିଉଠୁ, ପାର୍ବଣର ଏହି ଅମୃତ ଲଗ୍ନରେ ମା'ଙ୍କ ନିକଟରେ ଏତିକି ପ୍ରାର୍ଥନା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ସାର ପାଇଁ ସମିତି ଆଗରେ ଚାଷୀଙ୍କ ଭିଡ଼

## ପୁଲିସ ସହାୟତାରେ ବିକ୍ରି ହେଲା ସାର

ଡେରାବିଶ,୩୦।୯ (ସଂଚାର ବ୍ୟୁରୋ): ଖରିଫ୍ ଧାନ ଚାଷ ନିମନ୍ତେ ଏବେ ୟୁରିଆ ସଙ୍କଟ ଦେଖା ଦେଇଛନ୍ତି। ଏବେ ଖୋଲାବଜାରରେ ୟୁରିଆ ସାରର ଘୋର ଅଭାବ। ସେପଟେ ସରକାରଙ୍କ ପକ୍ଷରୁ ମାର୍କଫେଡ୍ ଜରିଆରେ ସମବାୟ ସମିତି ମାଧମରେ ଚାଷୀମାନଙ୍କୁ ସାର ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ ସେଥିରେ ବିଫଳ ହୋଇଛନ୍ତି। ଯାହା ଫଳରେ ପ୍ରତ୍ୟେକ ସମବାୟ ସମିତିକୁ ଆସୁଥିବା ସାର ନେବା ପାଇଁ ଚାଷୀଙ୍କ ମଧରେ ପ୍ରତିଯୋଗିତା ହେବା ସହ




ବହୁ ସମୟରେ ଗଣ୍ଡଗୋଳ ମଧ ଘଟୁଛି। ଆଜି ଏପରି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଚାନ୍ଦୋଳ ଶାଖା ଅଧୀନ ହରିଅଙ୍କ ସ୍ଥିତ କପିଳେଶ୍ୱର ସେବା ସମବାୟ ସମିତିରେ।

ଏହି ସମିତିକୁ ଆଜି ସମିତିକୁ ଆସିଥିବା ୨୨୨ ବସ୍ତା ସାରକୁ ନେବା ପାଇଁ ୫୦୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ଭିଡ଼ ହୋଇଥିଲା। ଚାଷୀମାନଙ୍କର ଧାନ ବିଲରେ ସାରର ଆବଶ୍ୟକତା ରହିଥିବା ବେଳେ ସମସ୍ତ ଚାଷୀ ସାର ନେବା ପାଇଁ ପ୍ରତିଯୋଗିତା କରିବା ସହିତ ଜିଦ୍ ଧରି ବସିଥିଲେ। ଫଳରେ ପରିଚାଳନା କମିଟି ଓ ସମବାୟ କର୍ମଚାରୀମାନେ ଅପ୍ରିତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ବାଧ ହୋଇ ଚାନ୍ଦୋଳ ଫାଣ୍ଡି ପୁଲିସର ସହାୟତା ନେଇଥିଲେ। ଚାନ୍ଦୋଳ ଫାଣ୍ଡି ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ଚାଷୀମାନଙ୍କୁ ଧାଡ଼ି କରି ସାର ସରିବା ପର୍ଯ୍ୟନ୍ତ ବିକ୍ରୟ କରିଥିଲେ।

ତେବେ ସାର ନପାଇ ନିରାଶ ହୋଇ ଫେରିଥିବା ଚାଷୀମାନଙ୍କୁ ପରବର୍ତ୍ତୀ ସମୟରେ ସାର ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ।

# ୩୬ ବର୍ଷରେ ପିକାରାଳୀ ଦୁର୍ଗାପୂଜା



ମାର୍ଶାଘାଇ,୩୦।୯(ସଂଚାର ବ୍ୟୁରୋ): ମାର୍ଶାଘାଇ ବ୍ଲକ ପିକାରାଳୀ ଖେଳପଡ଼ିଆ ପୂଜାମଣ୍ଡପରେ ୩୬ ବର୍ଷ ହେବ ଦୁର୍ଗତିନାଶିନୀ ମା ଦୁର୍ଗାଙ୍କ ପୂଜା ହେଉଅଛି । ଚିତ୍ରୋତ୍ପଳା, ଲୁଣାନଦୀ ଘେରା ଏହି ଗ୍ରାମକୁ ଅତୀତରେ ସ୍ଥଳପଥରେ ଯାତାୟତର ସୁବିଧା ନ ଥିଲା । ପିକାରାଳୀ, ପରକୁଳା, ନରସିଂହପୁର ସମେତ ପଡ଼ା ଗ୍ରାମ କଣ୍ଟାଗୋବିନ୍ଦ, କୁମ୍ଭାଡି ପ୍ରଭୃତି ଅଞ୍ଚଳର ଶ୍ରଦ୍ଧାଳୁମାନେ ଦୁର୍ଗାପୂଜା ଦେଖିବା ପାଇଁ ମାର୍ଶାଘାଇ ଏବଂ ଆଖୁଆ ପୂଜାମଣ୍ଡପକୁ ଯାଉଥିଲେ। ଗ୍ରାମର କିଛି ଯୁବକମାନେ ମିଶି ଗ୍ରାମ ମଧସ୍ଥ ଖେଳ ପଡିଆ ଏବଂ ସାପ୍ତାହିକ ହାଟ ହେଉଥିବା ପଡ଼ିଆରେ ମା ଦୁର୍ଗାଙ୍କ ପୂଜା ଆରମ୍ଭ କରିଥିଲେ ବୋଲି ବୟସ୍କ ସଦସ୍ୟ ପ୍ରଫୁଲ୍ଲ ଚନ୍ଦ୍ର ଦାସ କହିଛନ୍ତି । କୁଳମଣି ମହାରଣା,ଅନିଲ ସାମନ୍ତରାୟ, ପ୍ରମୋଦ ଦାସ,ଉତ୍ତମ ବେହେରା, ଅରକ୍ଷିତ ପରିଡା,ବିଜୟ ପ୍ରଧାନ ପ୍ରମୁଖ ପୂଜାରେ ସକ୍ରିୟ ଭୂମିକା ଗ୍ରହଣ କରିଛନ୍ତି । ଶୁକ୍ରବାର ଭଷାଣି ଉତ୍ସବ କରାଯାଇ ବିଭିନ୍ନ ଗ୍ରାମ ପରିକ୍ରମା କରି ନରସିଂହପୁର ଘାଟରେ ଚିତ୍ରୋତ୍ପଳା ନଦୀରେ ବିସର୍ଜନ ହେବାର କାର୍ଯ୍ୟକ୍ରମ ରହିଛି ।

# ୩୩ ବର୍ଷରେ ବଡ଼ମାଣିତିଆ ଦୁର୍ଗାପୂଜା



କେନ୍ଦ୍ରାପଡ଼ା,୩୦।୯(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ସାନମାଣିତିଆ ପାୟତର ବଡମାଣିତିଆ ଗ୍ରାମରେ ଦୁର୍ଗତୀ ନାଶିନୀ ମା' ଦୁର୍ଗାଦେବୀଙ୍କ ପ ଦିନାତ୍ମକ ପୂଜା ୩୩ ବର୍ଷରେ ପଦାର୍ପଣ କରିଛି । ୩୩ବର୍ଷ ତଳେ ଏହି ପୂଜା ମଣ୍ଡପରେ ମା' ଦୁର୍ଗାଙ୍କ ପୂଜା ଷୋଡ଼ଶ ଉପଚାର ପୂଜାବିଧି ଅନୁଯାୟୀ ଆରମ୍ଭ ହୋଇଥିଲା । ଏହି ଦୁର୍ଗା ପୂଜା ଦେଖିବା ପାଇଁ ଆଖପାଖ ଅଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ । ପରମ୍ପରାକୁ ବଜାୟ ରଖି ମା'ଙ୍କ ପୂଜା ଆନନ୍ଦ ଓ ଭକ୍ତିର ସହ କରାଯାଉଛି ବୋଲି ବଡମାଣିତିଆ ଗ୍ରାମର ଯୁବନେତା ତଥା କେନ୍ଦ୍ରାପଡା ଜିଲ୍ଲା ପରିଷଦର ପୂର୍ବତନ ସଭାପତି ମାନସ କୁମାର ପରିଡା କହିଛନ୍ତି । ଏହି ପୂଜା ସହିତ ୫ଦିନ ବ୍ୟାପି ଯଜ୍ଞ ଉତ୍ସବ ଅନୁଷ୍ଠିତ ହେଉଛି । ଏହି ଅବସରରେ ବିଲ୍ୱବରଣ, କଳସାଧିବାସ ଆଦି ପୂଜା ପାରମ୍ପରିକ ରୀତିରେ ହେଉଥିବା ବେଳେ ଆସନ୍ତା କାଲି ମହାନବମୀ ପୂଜା ଅନୁଷ୍ଠିତ ହେବ। ନବମୀ ପୂଜା ପରେ ଦଶହରାରେ ମା'ଦୁର୍ଗାଙ୍କୁ ବିସର୍ଜନ କରାଯିବ । ଏହି ପୂଜା ମଣ୍ଡପରେ ପ୍ରତ୍ୟେକ ସନ୍ଧ୍ୟାରେ ଭଜନ ଓ ନାମ ସଂର୍କୀନ ପରିବେଷଣ କରାଯାଉଛି ବୋଲି ଶ୍ରୀ ପରିଡା କହିଛନ୍ତି । ଏହି ପୂଜାକୁ କମିଟିର ସଭାପତି ରବୀନ୍ଦ୍ର କୁମାର ପରିଡ଼ା ୩୩ ବର୍ଷ ତଳେ ଆରମ୍ଭ କରିଥିଲେ । ସେବେଠାରୁ ନିରବଚ୍ଛିନ୍ନ ଭାବେ ପୂଜା ହୋଇଆସୁଛି ବୋଲି ଶ୍ରୀ ପରିଡ଼ା କହିଛନ୍ତି ।

# ଦୁର୍ଗାପୂଜା ପାଇଁ ପଟ୍ଟାମୁଣ୍ଡାଇ ଉତ୍ସବମୁଖର

● ମଣ୍ଡପରେ ଶୋଭା ପାଉଛନ୍ତି ୨୭ମେଢ଼



ପଟ୍ଟାମୁଣ୍ଡାଇ,୩୦।୯(ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ଅଞ୍ଚଳର ଅନନ୍ୟ ଗଣପର୍ବ ଶାରଦୀୟ ଦୁର୍ଗା ପୂଜା ପାଇଁ ସମଗ୍ର ଅଞ୍ଚଳ ଉତ୍ସବ ମୁଖର ହୋଇପଡ଼ିଛି। ପ୍ରାୟ ୬୦/୭୦ବର୍ଷର ପୁରୁଣା ଏହି ଶାରଦୀୟ ଉତ୍ସବର ଲମ୍ବା ଇତିହାସ ରହିଛି। ସାମ୍ପ୍ରଦାୟିକ ସମ୍ପ୍ରୀତିର ସହର ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଆୟୋଜିତ ଶାରଦୀୟ ଦୁର୍ଗା ପୂଜା ଉତ୍ସବରେ ଉଭୟ ହିନ୍ଦୁ ଓ ମୁସଲମାନମାନେ ଭାଗ ନେବାର ବିରଳ ପରମ୍ପରା ରହିଛି। ଚଳିତବର୍ଷ ଶାରଦୀୟ ଦୁର୍ଗା ପୂଜା ଉତ୍ସବକୁ ଯାକଯମକରେ ବିପୁଳ ଆନନ୍ଦ ଉଲ୍ଲାସର ସହିତ ଶାନ୍ତିପୂର୍ଣ୍ଣ ଭାବେ ପାଳନ ପାଇଁ ବିଭିନ୍ନ ପୂଜା କମିଟି ଓ ପ୍ରଶାସନ ପୁରା ଦମରେ ଲାଗିପଡ଼ିଛି। ବିଭିନ୍ନ ପୂଜା କମିଟି ପକ୍ଷରୁ ଆକର୍ଷଣୀୟ ସାଜସଜ୍ଜା ଆକର୍ଷଣୀୟ ହୋଇଛି। ଜିଲାର ଅନ୍ୟ ଅଞ୍ଚଳରେ ଦୁର୍ଗାପୂଜା ହେଉଥିଲେ ମଧ ପଟ୍ଟାମୁଣ୍ଡାଇ ଦୁର୍ଗାପୁଜା ପାଇଁ ସମସ୍ତଙ୍କ ନଜରରେ ରହିଛି। ଚଳିତବର୍ଷ ପଟ୍ଟାମୁଣ୍ଡାଇ ସହରରେ ବଙ୍ଗାଳୀ ଦୁର୍ଗା, କଚେରୀ ଦୁର୍ଗା, ପୋଖରୀଆପଡ଼ା ଦୁର୍ଗା, ମା ଶାରଳା, ମହାବୀର, ଲକ୍ଷ୍ମୀନାରାୟଣ, ଗୃହଲକ୍ଷ୍ମୀ, ରାମଅଭିଷେକ, ନିତାଇଗୌର, ହରଗୌରୀ, ଲକ୍ଷ୍ମୀବରାହ, ମା' ଗାୟତ୍ରୀ, ମା' ସନ୍ତୋଷୀ, ଦଶ ଅବତାର, ମା' ଅନ୍ନପୂର୍ଣ୍ଣା, ହରିହର ଭେଟ, ନୀଳମାଧବ, ସୂର୍ଯ୍ୟଦେବତା, ନୃସିଂହନାଥ, କୃଷ୍ଣ ବଳରାମ, ପଞ୍ଚମୁଖୀ ହନୁମାନ, ବାଳ ହନୁମାନ, ଶିବପାର୍ବତୀ, ବନଦୁର୍ଗା ରାଧାକୃଷ୍ଣ, ଗଙ୍ଗାମାତା ଆଦି ୨୭ଟି ମେଢ଼ ପୂଜା ଉତ୍ସବର ଶୋଭା ମଣ୍ଡନ କରିଛନ୍ତି। ସୋମବାର ମଣ୍ଡପରେ ସପ୍ତମୀ ପୂଜା ହୋଇଥିବା ବେଳେ ମଙ୍ଗଳବାର ଅଷ୍ଟମୀପୂଜା ହୋଇଛି। ଏଥିନେଇ ବିବିନ୍ନ ଦୁର୍ଗା ମୂର୍ତି ତୋରଣ ପାଖରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି। ଏଥିସହ ପୋଖରିଆପଡ଼ା ଦୁର୍ଗା ପୂଜା ସମିତି ପକ୍ଷରୁ ଦଶମୀ ଦିନ ବିଧି ମୁତାବକ ରାବଣପୋଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ଯୋଜନା ରହିଛି।

# ମା' ଦୁର୍ଗାଙ୍କ ପୂଜା ନିମନ୍ତେ ଉତ୍ସବ ମୁଖର କୁଶିଆପାଳ ପଞ୍ଚାୟତ



ଡେରାବିଶ, ୩୦।୯ (ସଂଚାର ବ୍ୟୁରୋ): ଆଜି ମାଙ୍କର ମହାସପ୍ତମୀ ପୂଜା ଅନୁଷ୍ଠିତ ହେଉଛି। ଏହି ଉପଲକ୍ଷେ ଡେରାବିଶ ବ୍ଲକ ଅଧିନସ୍ଥ କୁଶିଆପାଳ ପଞ୍ଚାୟତ ଉତ୍ସବମୁଖର ହୋଇପଡ଼ିଛି। ଏହି ପଞ୍ଚାୟତର ବିଭିନ୍ନ ଗ୍ରାମମାନଙ୍କରେ ମା' ଦୁର୍ଗାଙ୍କ ମୂର୍ତ୍ତି ସମତେ ମା' ଲକ୍ଷ୍ମୀ, ଶ୍ରୀହନୁମାନଜୀଉଙ୍କ ମୃଣ୍ମୟ ମୂର୍ତିମାନ ପୂଜା ପାଉଛି। ତେବେ ପଞ୍ଚାୟତ ଅନ୍ତର୍ଗତ ବାବୁରାମ ପାଟଣା ଗ୍ରାମରେ ମା' ଦୁର୍ଗା ଦୀର୍ଘ ୪୫ ବର୍ଷ ହେବ ପୂଜା ପାଇ ଆସୁଥିବା କମିଟିର ଅଂଶୁମାନ ଦାସ ପ୍ରକାଶ କରିଛନ୍ତି। ସେହିପରି ଏହି ପଞ୍ଚାୟତ ଅନ୍ତର୍ଗତ ମାଟି ସାହିରେ ମା ଦୁର୍ଗାଙ୍କ ମୃଣ୍ମୟ ମୂର୍ତି ପୂଜା ପାଇଆସୁଥିବା ବେଳେ ବାବୁରାମପାଟଣାରେ ମା ବନଦୁର୍ଗା ପୂଜା ପାଇଆସୁଛନ୍ତି। ତେବେ ଅନ୍ୟସ୍ଥାନ ମାନଙ୍କରେ ହୋଇ ମା'ଲକ୍ଷ୍ମୀଙ୍କ ପୂଜାମଣ୍ଡପରେ ମୃଣ୍ମୟ ମୂର୍ତି ପୂଜା ପାଇ ଅସୁଥିବା ବେଳେ ଘଟ କଳସ ସ୍ଥାପନ କରାଯାଇ ମା' ଦୁର୍ଗାଙ୍କ ପୂଜା ରୀତିନୀତୁ ଅନୁଯାୟୀ ଅନୁଷ୍ଠିତ ହେଉଥିବା ଥାନପତି ପୂଜା କମିଟିର କର୍ମକର୍ତା ସମାଜସେବୀ ସରଳରେଖା ସାହୁ ପ୍ରକାଶ କରିଛନ୍ତି। ଏହି ପୂଜା ନିମନ୍ତେ ସମଗ୍ର ପଞ୍ଚାୟତରେ ବିଭିନ୍ନ ପୂଜା ମଣ୍ଡପ ନିକଟରେ ଅସ୍ଥାୟୀ ଭାବେ ବିଭିନ୍ନ ଜଳଖିଆ ଦୋକାନ, ଷ୍ଟେସନାରୀ ଦୋକାନ, ଫାଷ୍ଟଫୁଡ୍ ଦୋକାନ ଓ ବିଭିନ୍ନ ମନୋରଞ୍ଜନ ସାମଗ୍ରୀର ଦୋକାନମାନ ଗଢ଼ିଉଠିଥିବା ଦେଖିବାକୁ ମିଳିଛି। ଏହି ପୂଜାକୁ ଉପଭୋଗ କରିବାକୁ ସମସ୍ତଙ୍କ ଘରେ ବନ୍ଧୁବାନ୍ଧବଙ୍କ ଭିଡ଼ ପରିଲକ୍ଷିତ ହୋଇଛି।

# ଓଏଏସ୍ କୃତକାର୍ଯ୍ୟ ତ୍ରିଲୋଚନଙ୍କୁ ଭବ୍ୟ ସ୍ୱାଗତ

## ପ୍ରଶାସନିକ ପରୀକ୍ଷାରେ ପାଇଲେ ୨୦୦ତମ ସ୍ଥାନ

ମହାକାଳପଡ଼ା,୩୦।୯(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ବନ୍ଧପଡ଼ା ଗ୍ରାମର ଚାଷୀ ତ୍ରିଲୋଚନ ବେହେରାଙ୍କ ପୁଅ ଜୟପ୍ରକାଶ ବେହେରା ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ୨୦୨୩-୨୪ ପରୀକ୍ଷାରେ ୨୦୦ତମ ସ୍ଥାନ ହାସଲ କରି କୃତକାର୍ଯ୍ୟ ହୋଇଛନ୍ତି। ତାଙ୍କର ସଫଳତା ସମଗ୍ର ମହାକାଳପଡ଼ା ଅଞ୍ଚଳ ପାଇଁ ଗୌରବ ଆଣିଛି। ଆଜି ପ୍ରକାଶ ନିଜର ଗ୍ରାମକୁ ଫେରିଥିବା ବେଳେ ତାଙ୍କୁ ଅଞ୍ଚଳ ତରଫରୁ ଭବ୍ୟ ସ୍ୱାଗତ କରାଯାଇଛି।



ଅଞ୍ଚଳର ପୁଅ ତଥା ରାଜସ୍ୱ ନୀରିକ୍ଷକ ବିଶ୍ୱବିଜୟୀ ପରିଡ଼ାଙ୍କ ନେତୃତ୍ୱରେ ଗ୍ରାମର ଲୋକେ, ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ବନ୍ଧୁ ପରିଜନ ମାନେ ମଙ୍ଗଳପୁର ଛକରୁ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ରେ ରାଜେଶଙ୍କୁ ପାଛୋଟି ନେଇଥିଲେ। ବାଜା ବାଣର ତାଳେ ତାଳେ ଶୋଭାଯାତ୍ରାରେ ଜୟପ୍ରକାଶ ଗାଁ ଗାଁରେ ଜନସାଧାରଣଙ୍କ ଆଶୀର୍ବାଦ ଗ୍ରହଣ କରି ଛେଡାକଣୀ ନାରାୟଣଙ୍କ ପୀଠରେ ଦର୍ଶନ କରି ନିଜର ଗାଁ ବନ୍ଧପଡାକୁ ଫେରିଥିଲେ। ସେଠାରେ ବଳଦେବଜୀଉ ଚଷା ସଙ୍ଗଠନ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ମହାକାଳପଡ଼ା ୟୁଥ୍ ଗ୍ରୁପ୍ ପରିବାର ତରଫରୁ ମଧ ଜୟପ୍ରକାଶ ଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ ସଦସ୍ୟମାନେ।

ପ୍ରକାଶ ଚାଷୀ ପରିବାରରେ ଜନ୍ମ ହୋଇ ଗାଆଁ ନିକଟ ଗାନ୍ଧିଜୀ ବିଦ୍ୟାପୀଠ, ଗୋଜାବନ୍ଧରୁ ୨୦୧୨ ମସିହାରେ ମାଟ୍ରିକ ପାସ୍ କରିବା ପରେ କେନ୍ଦ୍ରାପଡ଼ା ମହାବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନରେ ଯୁକ୍ତ -୨ ଏବଂ ଯୁକ୍ତ -୩ ପାସ୍ କରିଛନ୍ତି। ପରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ରେ ପ୍ରଥମ ଶ୍ରେଣୀ ହାସଲ କରି ଦିଲ୍ଲୀ ଏବଂ ବାଙ୍ଗାଲୋରରେ ସିଭିଲ ସର୍ଭିସେସ୍ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ ଜୟପ୍ରକାଶ। ଯେହେତୁ ସେ ତଳ ସ୍ତରରୁ ଅଧୟନ କରି ଏହି ସ୍ଥାନରେ ପହଞ୍ଚିଛନ୍ତି। ତେଣୁ ସାଧାରଣ ଲୋକଙ୍କ ସମସ୍ୟା ତଥା ଚାଷୀ ମାନଙ୍କ ପାଇଁ କାର୍ଯ୍ୟ କରିବାକୁ ସେ ପ୍ରାଥମିକତା ଦେବେ ବୋଲି କହିଛନ୍ତି।

# ମହାଷ୍ଟମୀରେ ବିଭିନ୍ନ ପୂଜା ମଣ୍ଡପ ବୁଲି ମା'ଙ୍କ ଆଶିଷ ଲାଭ କଲେ ପ୍ରତାପ ଜେନା



ନିଶ୍ଚିନ୍ତକୋଇଲି,୩୦।୯(ସଂଚାର ବ୍ୟୁରୋ): କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳର ବିଭିନ୍ନ ପୂଜା ମଣ୍ଡପରେ ଶାରଦୀୟ ଦୁର୍ଗା ପୂଜା ଚାଲିଥିବା ବେଳେ ମହାଷ୍ଟମୀ ପାଇଁ ପୂଜା ମଣ୍ଡପ ସ୍ଥଳରେ ପ୍ରବଳ ଭକ୍ତଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା। ପୂଜା ମଣ୍ଡପ ଗୁଡିକ ଆକର୍ଷଣୀୟ ସାଜସଜା ହୋଇଥିଲା ବେଳେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପ୍ରବଳ ଭିଡ଼ ଜମିଥିବା ଦେଖିବାକୁ ମିଳିଛି। ଜିଗ୍ନୀପୁର ପଞ୍ଚାୟତ ଜହ୍ନିଆ ମା' କନକ ଦୁର୍ଗା,ନିଶ୍ଚିନ୍ତକୋଇଲି ବଜାରସ୍ଥ ମା' ଅଷ୍ଟଭୂଜା, କେନ୍ଦୁପାଟଣା ମା ଅଷ୍ଟାଦଶ ଭୁଜା, ବଢିଖିରର ମା ବିଂଶଭୁଜା ପ୍ରମୁଖ ମାଙ୍କର ଆଜି ଅଷ୍ଟମୀ ପିଠେ ପୂଜା ଅନୁଷ୍ଠିତ ହୋଇଯାଇଥିବା ବେଳେ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ସୁଖ ଦୁଃଖର ସାଥୀ ତଥା ପୂର୍ବତନ ମନ୍ତ୍ରୀ ଶ୍ରିଯୁକ୍ତ ପ୍ରତାପ ଜେନା ସମସ୍ତ ପୂଜା ମଣ୍ଡପ ବୁଲି ମାଙ୍କ ଦର୍ଶନ କରିବା ସହିତ କୃପା ଲାଭ କରିବା ସହ ସମଗ୍ର ମାହାଙ୍ଗା ନିର୍ବାଚନ ମଣ୍ଡଳୀ ବାସୀଙ୍କ ଶୁଭ କାମନା କରିଥିଲେ। ଶ୍ରୀଯୁକ୍ତ ଜେନାଙ୍କ ସହିତ ଜ୍ୟୋତି ପ୍ରକାଶ ସ୍ୱାଇଁ, ଜ୍ୟୋତି ରଞ୍ଜନ ସ୍ୱାଇଁ, ପ୍ରମୋଦ ସ୍ୱାଇଁ, ନିତ୍ୟନନ୍ଦ ସେଠୀ, ବିନୋଦ ସାମଲ, ଜିଲ୍ଲା ପରିଷଦ ସଭ୍ୟ ବିପ୍ଲପ କେଶରୀ କାପ, ସରପଞ୍ଚ ଜୟଦେବ୍ ରାଉତ,ପ୍ରାକ୍ତନ ସରପଞ୍ଚ କ୍ଷୀରୋଦ ପଣ୍ଡା ପ୍ରମୁଖଙ୍କ ସମେତ ସତାଧିକ ବିଜୁ ଜନତା ଦଳ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ। ଏଠାର ସୂଚନା ଥାଉ କି ପୂର୍ବଭଳି ଶ୍ରୀଯୁକ୍ତ ଜେନାଙ୍କ ପ୍ରତି ଜନସାଧାରଣଙ୍କ ଆନ୍ତରିକତା ବହୁ ଗୁଣରେ ରହିଥିବା ଦେଖିବା ପାଇଁ ମିଳିଛି।

# କଂଗ୍ରେସ କିଷାନ ସେଲର ରାଜ୍ୟ ସହସଂଯୋଜକ ହେଲେ ରଜନୀକାନ୍ତ



କେନ୍ଦ୍ରାପଡ଼ା,୩୦।୯(ସଂଚାର ବ୍ୟୁରୋ): ପ୍ରଦେଶ କଂଗ୍ରେସ କିଷାନ ସେଲର ରାଜ୍ୟ ସହ ସଂଯୋଜକ ସଂଘର ତଥା ଜଗତସିଂହପୁର ଜିଲ୍ଲା ପ୍ରଭାରୀ ଭାବେ କେନ୍ଦ୍ରାପଡ଼ାର ଜଣାଶୁଣା ଯୁବ ଓ ଛାତ୍ରନେତା ରଜନୀକାନ୍ତ ସାମଲଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି । ଅଖିଳ ଭାରତ କିଷାନ କଂଗ୍ରେସର ଅଧକ୍ଷ ସୁଖପାଲ ସିଂ ଖଇରା ରଜନୀକାନ୍ତଙ୍କୁ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି । କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଓରସକା ଗ୍ରାମର ଶ୍ରୀ ସାମଲ ଛାତ୍ରଜୀବନରୁ ଜଣେ ଛାତ୍ରନେତା ଭାବେ ସାଂଗଠନିକ କାର୍ଯ୍ୟ କରି ଆସିଛନ୍ତି । ଏହି ନିଯୁକ୍ତି ପାଇବା ପରେ ସେ ରାଜ୍ୟ କଂଗ୍ରେସ କିଷାନ ସେଲର ସଭାପତି ଅଭୟ ସାହୁ ଓ ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି । ନିଯୁକ୍ତି ପରେ ଶ୍ରୀ ସାମଲଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

# କୁମ୍ଭୀର ଦେଖି ଲୋକମାନେ ଭୟଭୀତ

## ବନ ବିଭାଗ ପଦକ୍ଷେପ ନେବାକୁ ଦାବି



ପଟ୍ଟାମୁଣ୍ଡାଇ,୩୦।୯(ସଂଚାର ବ୍ୟୁରୋ): ବ୍ରାହ୍ମଣୀ ନଦୀରେ ବାରମ୍ବାର ବନ୍ୟା ଆସିବା ଫଳରେ ବନ୍ୟା ବିପନ୍ନ ଧୋୟାଞ୍ଚଳର ବିଭିନ୍ନ ଅଂଚଳରେ କୁମ୍ଭୀର ଦେଖିବାକୁ ମିଳିଥିଲା। ବନ୍ୟା ଛାଡିବା ପରେ ପ୍ରାୟତଃ କୁମ୍ଭୀର ଆଉ ଦେଖିବାକୁ ମିଳିଲା ନାହିଁ। କିନ୍ତୁ ଆଜି ରାତି ୮ଟା ସମୟରେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ୭ନଂ ୱାର୍ଡ ତଳବାଲିପଡ଼ା ପୋଖରୀ ନିକଟ ରାସ୍ତାରେ ଏକ ୧୪ ଫୁଟ ଲମ୍ବର କୁମ୍ଭୀର ଶୋଇ ଥିବା ଦେଖି ଲୋକମାନେ ଭୟଭୀତ ହୋଇ ପଡିଛନ୍ତି । ଲୋକମାନେ ହୋ ହାଲ୍ଲା କରିବାରୁ କୁମ୍ଭୀରଟି ଏକ ଡ୍ରେନ ମଧରେ ପଶି ଯାଇଥିବା ଜଣାପଡିଛି । ୭ନଂ ୱାର୍ଡ କାଉନସିଲର ମଳୟ ଓଝା ତୁରନ୍ତ କୁମ୍ଭୀର ଧରିବା ପାଇଁ ରାଜନଗର ବନ ବିଭାଗକୁ ଜଣାଇଛନ୍ତି । ବନ୍ୟା ପାଣିରେ ଭାସି ଆସିଥିବା କୁମ୍ଭୀରଟି ବନ୍ୟା ଛାଡିବା ପରେ ତଳବାଲିପଡ଼ା ପୋଖରୀ ମଧରେ ରହି ଯାଇଥିବା ଅନୁମାନ କରାଯାଉଛି ।

# ଜୟଦୁର୍ଗା ପୂଜା କମିଟି ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

● ୧୦୦ ୟୁନିଟ୍ ରକ୍ତ ସଂଗ୍ରହ



ଡେରାବିଶ,୩୦।୯(ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ଛଚିଣା ସ୍ଥିତ ମା ଦୁର୍ଗାଙ୍କ ପୂଜା ମଣ୍ଡପ ନିକଟରେ ଆଜି ଜୟଦୁର୍ଗା ପୂଜା କମିଟି ଛଚିଣାର କର୍ମକର୍ତାଙ୍କ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଶିକ୍ଷାବିତ୍ ବିଧାନ ଚନ୍ଦ୍ର ସାମଲ, କଳିଙ୍ଗ ଆବାସିକ ବିଦ୍ୟାଳୟର ଚେୟାରମ୍ୟାନ ମନୋଜ ପ୍ରଧାନ, ଅନନ୍ତ କିଶୋର ଭୂୟାଁ, ଲଲାଟ କେଶରୀ ଭୂୟାଁ, ଶାନ୍ତି ସ୍ୱରୂପ ଭୂୟାଁ, ଡେରାବିଶ ଜାର କମିଟି ସଭାପତି ସଞ୍ଜୟ କୁମାର ସାହୁ ଓ ସମ୍ପାଦକ ବିଶ୍ୱମୋହନ ଦାସ, ସୁଦିପ୍ତ କେଶରୀ ସାମଲ, ଅଶ୍ୱିନୀ କୁମାର ଭୂୟାଁ ପ୍ରମୁଖ ଅତିଥିଭାବେ ଯୋଗଦେଇ ଶିବୀରଟିକୁ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ବ୍ଲଡ଼ ବ୍ୟାଙ୍କର ସଂଯୋଜକ ରାକେଶ ମିଶ୍ରଙ୍କ ନେତୃତ୍ୱରେ ଆସିଥିବା ଟିମ୍ ସ୍ୱେଚ୍ଛାକୃତ ରକ୍ତଦାତାଙ୍କ ଠାରୁ ୧୦୦ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସମାଜସେବୀ ଅନୁପ ରାଉତ, ପଞ୍ଚାୟତ ସମିତିସଭ୍ୟ ଫନିନ୍ଦ୍ର ବେହେରା, ଜୟଦୁର୍ଗା ପୂଜା କମିଟିର ବିଶ୍ୱଜିତ ଭୂୟାଁ, ତନ୍ମୟ କୁମାର ଭୂୟାଁ ପ୍ରମୁଖ ପରିଚାଳନା କରିଥିବା ବେଳେ ପବିତ୍ର ଭୂୟାଁ, ପ୍ରଭାସ ରଞ୍ଜନ ଭୂୟାଁ, ଅକ୍ଷୟ ନାୟକ, ଆକାଶ ବାରିକ, ଶାରଦା ଭୂୟାଁ, କୁଳଦିପ ଭୂୟାଁ, ପିୟାଂଶୁ ଭୂୟାଁ, ରଶ୍ମିରଞ୍ଜନ ଭୂୟାଁଙ୍କ ସମେତ ପୂଜାକମିଟିର ସମସ୍ତ ସଭ୍ୟ ଓ କଳିଙ୍ଗ ଆବାସିକ ବିଦ୍ୟାଳୟର ହରେକୃଷ୍ଣ ମହାନ୍ତି, ନିଶିକାନ୍ତ ମହାନ୍ତି, ଶକ୍ତି ପ୍ରସାଦ ନାଥ, ଦୁର୍ଗା ପ୍ରସାଦ ପଣ୍ଡା, ମନୋଜ କୁମାର ପୋଥାଳ, ଅବିନାଶ ପଲାଇ ପ୍ରମୁଖ ଶିବୀର ପରିଚାଳନାରେ ସହଯୋଗ କରିଥିଲେ।

# ପୂଜା ତୋରଣ ଉପରେ ଛିଣ୍ଡି ପଡ଼ିଲା ବିଦ୍ୟୁତ ତାର

## ଜଳିଲା ସିଲ୍ଲିଂ, ଅଳ୍ପକେ ବର୍ତିଲେ ଲୋକେ

ରାଜନଗର, ୩୦।୯ (ସଂଚାର ବ୍ୟୁରୋ): ରାଜନଗର ମୁଖ୍ୟ ପର୍ବ ଦଶହରାରେ ବିଦ୍ୟୁତ ତାର ତୋରଣ ଉପରେ ଚିଡି ପଡିଛି। ତୋରଣ ଜଳିଥିବା ବେଳେ ଶତାଧିକ ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

ସୂଚନା ମୁତାବକ ରାଜନଗର ବଜାରର ଲକ୍ଷ୍ମୀ ନାରାୟଣ ବଜାର ନିକଟରେ ଆଜି ରାତି ପ୍ରାୟ ୭ ଘଟିକା ସମୟରେ ହଟାତ ବିଦ୍ୟୁତ ଖୁଣ୍ଟରୁ ନିଆଁ ବାହାରିବ ଆରମ୍ଭ କରିଥିଲା। ନିଆଁ ବାହାରି ନିକଟରେ ବଜାର କମିଟି ପକ୍ଷରୁ ହୋଇଥିବା ତୋରଣ ଉପରେ ପଡିଥିଲା। ଏଠି ସହିତ ବିଦ୍ୟୁତ ତାର ଛିଣ୍ଡି ତୋରଣ ଉପରେ ପଡିଥିଲା। ତୋରଣ ଜଳିବା ପରେ ତୋରଣ ତଳେ ଓ ନିକଟରେ



ଥିବା ଦୋକାନ ନିକଟରେ ଥିବା ଲୋକେ ଦୌଡିବା ଆରମ୍ଭ କରିଥିଲେ। ଶହ ଶହ ଲୋକେ ଏଣେ ତେଣେ ଦୌଡିବା ଆରମ୍ଭ କରିଥିଲେ। କିଛି ସମୟ ମଧରେ ନିଆଁକୁ ସ୍ଥାନୀୟ ଲୋକେ ଆୟତ୍ତ କରି ନେଇଥିଲେ। ଫଳରେ ବଡ ଧରଣର ଅଘଟଣ ଟଳି ଯାଇଛି। ବିଦ୍ୟୁତ ବିଭାଗ ସମସ୍ତ ପୂଜା ମଣ୍ଡପ ଓ ବାହାରେ ପଡିଥିବା ବ୍ୟବସାୟୀ ପ୍ରତିଷ୍ଠନ ଠାରୁ ରସିଦ ଦେଇ ଟଙ୍କା ନେଇଥିଲେ ମଧ ସେହି ଅନୁସାରେ ଅଧିକ ଟ୍ରାନ୍ସଫରମର ବ୍ୟବସ୍ଥା କରି ନାହିଁ। ପୂଜା ଆରମ୍ଭରୁ ଆଜି ମହାଷ୍ଟମୀ ତିଥିରେ ପ୍ରତି ୧୦ ମିନିଟରେ ଅଧଘଣ୍ଟା ବିଦ୍ୟୁତ କାଟ କରାଯାଉଛି। ଫଳରେ ଲୋକେ ଗରମରେ ହୀନସ୍ତା ଭୋଗିବା ସହିତ ଏହାକୁ ନେଇ ପତିକ୍ରିୟା ବଢ଼ିବାରେ ଲାଗିଛି।



# ଧସିଲା ଚିତ୍ରୋତ୍ପଳା ନଦୀବନ୍ଧ

## ବାଉଁଶ ଜାଫ୍ରି ଓ ବାଲିବସ୍ତା ଦେଇ ଅସ୍ଥାୟୀ ମରାମତି କଲା ଜଳସମ୍ପଦ ବିଭାଗ

ମାର୍ଶାଘାଇ,୩୦।୯(ସଂଚାର ବ୍ୟୁରୋ): ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ପିକାରାଳୀ ଗ୍ରାମ ନିଗମାନନ୍ଦ ଆଶ୍ରମ ନିକଟରେ ଚିତ୍ରୋତ୍ପଳା ନଦୀବନ୍ଧ ଆଠଦଶ ଦିନ ହେବ ଧସିବାରେ ଲାଗିଛି । ଏ ନେଇ ଗ୍ରାମବାସୀ ଜଳସମ୍ପଦ ବିଭାଗ ଯନ୍ତ୍ରୀଙ୍କୁ ଖବର ଦେବାରୁ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇ ବାଉଁଶ ଜାଫରି ଦେଇ ବାଲିବସ୍ତା ପକାଯାଇଥିଲା ।

ବାଲି ବସ୍ତା ପକାଯାଇଥିବା ସତ୍ତ୍ୱେ ଦୁଇ ଦିନ ତଳେ ସେହି ସ୍ଥାନରେ ପାଣି ଝର ପଡିବା ସହିତ ମାଟିଧସିବା ଜାରି ରହିଥିଲା। ଗ୍ରାମର ସଚେତନ ଯୁବକ ନିଗମ ଦାସ ଧସିବା ସ୍ଥଳର ଫଟୋ ଏବଂ ଭିଡିଓ କରି ଜଳସମ୍ପଦ ଯନ୍ତ୍ରୀଙ୍କୁ ପୁନର୍ବାର ଯୋଗାଯୋଗ କରିଥିଲେ। ନାରାୟଣପୁର ସେକ୍ସନ ଦାୟିତ୍ୱରେ ଥିବା ଜଳସମ୍ପଦ ସହକାରୀଯନ୍ତ୍ରୀ ମନୋରଞ୍ଜନ ମହାନ୍ତି ଉକ୍ତ ସ୍ଥାନ ମରାମତି କରିବା ପାଇଁ ତନଖି କରିବାବେଳେ ବନ୍ଧରେ ପୋତାହୋଇ ବିଛାଯାଇଥିବା ପାଣି ପାଇପ ଫାଟି ଲିକେଜ ହେଉଥିବା ଜାଣିବାକୁ ପାଇଥିଲେ। ଏ ନେଇ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଅବଗତ କରିବା ସହିତ ପାଣି ପାଇପ ବିଛାଇଥିବା ଆରଡବ୍ଲୁଏସଏସ ବିଭାଗ ସହିତ ଯୋଗାଯୋଗ କରିଥିଲେ । ସୋମବାର ଆରଡବ୍ଲୁଏସଏସ କର୍ମଚାରୀମାନେ ଫଟା ପାଇପକୁ ମରାମତି କରିଥିଲେ । ତେବେ

### ଆରଡବ୍ଲ୍ୟୁଏସଏସ ଓ ଜଳସମ୍ପଦ ବିଭାଗ ଦୋଷ ଲଦାଲଦି

ନଦୀବନ୍ଧ ଧସିବା ନେଇ ଜଳସମ୍ପଦ ବିଭାଗ ଏବଂ ଆରଡବ୍ଲୁଏସଏସ ବିଭାଗ ଦୋଷ ଲଦାଲଦି ହେଉଥିବା ଜଣାପଡିଛି । ନଦୀବନ୍ଧ ସମ୍ପ୍ରସାରଣ ଏବଂ ସୁଦୃଢ଼ୀକରଣ କାର୍ଯ୍ୟ ହେବା ପୂର୍ବରୁ ପାଣି ପାଇପ ବିଛା କାମ ହୋଇଥିଲା । ସମ୍ପ୍ରସାରଣ କାର୍ଯ୍ୟ ବେଳେ ମାଟିର ଚାପ ଯୋଗୁଁ ପାଇପ ବଙ୍କା ହୋଇ ଫାଟିଥାଇପାରେ ବୋଲି ଆରଡବ୍ଲୁଏସଏସ ପକ୍ଷରୁ କୁହାଯାଉଥିବା ବେଳେ ନିମ୍ନମାନର ପାଇପଯୋଗୁଁ ପାଣି ପାଇପ ଫାଟି ଯାଇ ପାଣି ଲିକେଜ ହୋଇ ନଦୀବନ୍ଧରୁ ମାଟି ଧସିଲା ବୋଲି ଜଳସମ୍ପଦ ପକ୍ଷରୁ କୁହାଯାଉଛି ।

ପ୍ରାୟ ପନ୍ଦର ଦିନ ହେବ ପାଇପ ଲିକେଜ ହୋଇ ନଦୀବନ୍ଧରୁ ପ୍ରାୟ ତିରିଶି ଫୁଟ ଓସାରର ମାଟି ଧସିଯାଇଛି । ତେବେ ଅଚାନକ ନଦୀବନ୍ଧ ଧସିବା ଯୋଗୁଁ ସ୍ଥାନୀୟ ଲୋକମାନେ ଆତଙ୍କିତ ହୋଇ ପଡିଛନ୍ତି, ନଦୀରେ ବନ୍ୟାଜଳ ଅଳ୍ପ ଥିବା ବେଳେ ଏପରି ଅବସ୍ଥା ହେଲା ଅଧିକ ବନ୍ୟା ଜଳ ପ୍ରବାହିତ ହୋଇଥିଲେ ପରିସ୍ଥିତି ସାଙ୍ଘାତିକ ହୋଇଥାନ୍ତା ବୋଲି ସ୍ଥାନୀୟ ଅଂଚଳବାସୀ କହିଛନ୍ତି। ଦୋଷ ଯେଉଁ ବିଭାଗର ହେଉନା କାହିଁକି ସେହି ସ୍ଥାନକୁ ସୁଦୃଢ଼ କରିବାକୁ ଉଭୟ ବିଭାଗ ସମନ୍ୱୟ ରଖି ତୁରନ୍ତ ମରାମତି କରିବାକୁ ଯୁବନେତା ନିଗମ ଦାସ ଏବଂ ଗ୍ରାମବାସୀ ଦାବୀ କରିଛନ୍ତି



# ଏମ୍ସ ଭୁବନେଶ୍ୱର ବୁଲିଲେ ବାଚସ୍ପତି

## 'ସୁସ୍ଥ ନାରୀ ସଶକ୍ତ ପରିବାର' ଅଭିଯାନରେ ସାମିଲ୍ ହେଲେ

**ଭୁବନେଶ୍ୱର,୩୦।୯(ସଂଚାର ବ୍ୟୁରୋ):** ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ଗତକାଲି ଏମ୍ସ ଭୁବନେଶ୍ୱର ପରିଦର୍ଶନ କରିଥିଲେ। ମହିଳାମାନଙ୍କ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିବା ଓ ପରିବାରକୁ ସଶକ୍ତ କରିବା ପାଇଁ ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ପକ୍ଷରୁ ଜାରି ରହିଥିବା ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ ବାଚସ୍ପତି ଶ୍ରୀମତୀ ପାଢ଼ୀ। ଏହି ଅବସରରେ ସେ ଉଚ୍ଚ ରକ୍ତଚାପ ଏବଂ ଅଣ-ସଂକ୍ରାମକ ରୋଗ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସେ ଅଭିଯାନରେ ସାମିଲ ହିତାଧିକାରୀ ଓ ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କ ସହ ମଧ୍ୟ ସିଧାସଳଖ ଆଲୋଚନା କରିଥିଲେ। ବାଚସ୍ପତିଙ୍କୁ ସ୍ୱାଗତ କରି ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ କହିଥିଲେ ଯେ ସ୍ୱାସ୍ଥ୍ୟ ପରୀକ୍ଷା ଅଭିଯାନରେ ଅଂଶଗ୍ରହଣ କରିବା ଓ ହିତାଧିକାରୀଙ୍କ ସହ ଆଲୋଚନା କରିବା ଦ୍ୱାରା ନିଶ୍ଚିତ ଭାବେ ଅଂଶୀଦାରଙ୍କୁ ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନକୁ ସଫଳ କରିବା ଦିଗରେ ପ୍ରେରଣା ଦେବ। ଏହି ଅବସରରେ ବାଚସ୍ପତି ଶ୍ରୀମତୀ ପାଢ଼ୀ ଅଭିଯାନର ଏକ ଅଂଶ ଭାବେ ମହିଳାଙ୍କ ପାଇଁ ବ୍ୟାପକ ସ୍ୱାସ୍ଥ୍ୟ ସ୍କ୍ରିନିଂ ଆୟୋଜନ କରିଥିବାରୁ ଏମ୍ସ ଭୁବନେଶ୍ୱରର ପ୍ରୟାସକୁ ପ୍ରଶଂସା କରିଥିଲେ। ସେ ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କ ଅନୁକରଣୀୟ ସେବା ପାଇଁ ସେମାନଙ୍କ ଉତ୍ସର୍ଗୀକୃତ ମନୋଭାବ ଓ ବୃତ୍ତିଗତ ଦକ୍ଷତାକୁ ମଧ୍ୟ ପ୍ରଶଂସା କରିଥିଲେ। ବାଚସ୍ପତିଙ୍କ ଗସ୍ତ ଅବସରରେ ଏମ୍ସର ବରିଷ୍ଠ ଅଧିକାରୀ, ଚିକିତ୍ସକ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଏମ୍ସ ଭୁବନେଶ୍ୱରରେ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ବିପୁଳ ଉତ୍ସାହର ସହ ଗତ ୧୭ରୁ ଜାରି ରହିଛି। ଅଦ୍ୟାବଧି ଏହି ଅଭିଯାନରେ ହଜାର ହଜାର ମହିଳା ଏମ୍ସ ଭୁବନେଶ୍ୱରରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇସାରିଛନ୍ତି। ଆସନ୍ତା ୨ ତାରିଖ ଗାନ୍ଧୀ ଜୟନ୍ତୀ ୨ ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନ ଜାରି ରହିବ।

# ସମସ୍ତ ଭ୍ରାମ୍ୟମାଣ ଶୌଚାଳୟ ଅଚଳ

## ତୁରନ୍ତ ମରାମତି ପାଇଁ ପଦକ୍ଷେପ ନେବାକୁ ଦାବି




**କଟକ,୩୦।୯(ସଂଚାର ବ୍ୟୁରୋ):** କଟକ ସହରରେ ଦଶହରା ଧୁମଧାମରେ ଓ ଶାନ୍ତିଶୃଙ୍ଖଳାର ସହ ପାଳନ ହେବାପାଇଁ ଜିଲ୍ଲା ପ୍ରଶାସନ, କଟକ ମହାନଗର ନିଗମ,ପୁଲିସ ପ୍ରଶାସନ,ଜନପ୍ରତିନିଧି ଓ ପୂଜାକମିଟିକୁ ନେଇ ବାରମ୍ବାର ବୈଠକ ହୋଇଥିଲା।ସହରରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ନହେବା ସହ ଦଶହରା ଦେଖିବା ପାଇଁ ଦୂରଦୂରାନ୍ତରୁ ଆସୁଥିବା ଜନସାଧାରଣ, କାର୍ଯ୍ୟରତ ପୁଲିସ, ଟ୍ରାଫିକ ପୁଲିସ ଓ ବ୍ୟବସାୟୀଙ୍କ ସୁବିଧା ନିମନ୍ତେ ସହରର ମୁଖ୍ୟ ଜନଗହଳିପୂର୍ଣ୍ଣ ସ୍ଥାନରେ ଭ୍ରାମ୍ୟମାଣ ଶୌଚାଳୟ ରଖିବା ସହ ସଠିକ ସେବା ଯୋଗାଇଦେବା ପାଇଁ କଟକ ମହାନଗର ନିଗମ ତରଫରୁ ବ୍ୟବସ୍ଥା ସଂପୂର୍ଣ୍ଣ ବିଫଳ ହୋଇଛି।କଟକ ସହରର ରାଣୀହାଟ, ଓଏମପି ଛକ ଓ ଅନ୍ୟାନ୍ୟ ସ୍ଥାନରେ ସିଏମସି ତରଫରୁ ଯେଉଁ ଭ୍ରାମ୍ୟମାଣ ଶୌଚାଳୟ ରଖାଯାଇଛି ତାହାର ଅବସ୍ଥା କହିଲେ ନସରେ।କେଉଁ ଶୌଚାଳୟରେ ପାଣିନାହିଁ ତ କେଉଁଠି ଶୌଚାଳୟ ପ୍ୟାନରେ ମଇଳା ସଫାନହୋଇ ପଡିରହିଛି ଯାହାଦ୍ୱାରା ଦୁର୍ଗନ୍ଧରେ ନାକ ଫାଟିପଡୁଛି ଏବଂ କେତେକ ଶୌଚାଳୟର ପାଣିଟ୍ୟାପ ନଥିବା ଦେଖାଯାଇଛି।ସଫେଇକାର୍ଯ୍ୟ ହେଉନଥିବାରୁ ଯେଉଁ ସ୍ଥାନରେ ଏହି ଭ୍ରାମ୍ୟମାଣ ଶୌଚାଳୟ ରଖାଯାଇଛି ସେହି ଅଞ୍ଚଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ଯୋଗୁଁ ଲୋକମାନେ ନାନାପ୍ରକାର ଅସୁବିଧାର ସମ୍ମୁଖୀନ ହେବା ସହ ସଂକ୍ରମଣ ବ୍ୟାପିବା ଆଶଙ୍କା ରହିଛି।କଟକ ମହାନଗର ନିଗମ ପରିମଳ ବିଭାଗ ଅଧିକାରୀ ଏହାକୁ ସଠିକ ତଦାରଖ କରୁନଥିବା ଯୋଗୁଁ ଏଭଳି ଅବ୍ୟବସ୍ଥା ହେଉଥିବା ସହ ଭ୍ରାମ୍ୟମାଣ ଶୌଚାଳୟ ଜରୁରୀକାଳୀନ ପରିସ୍ଥିତିରେ ମରାମତି କରିବା ସହ ୨୪ଘଣ୍ଟା ଜଳଯୋଗାଣ, ସଫେଇକାର୍ଯ୍ୟ କରାଯିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଛନ୍ତି ମୋ କଟକ ସୁରକ୍ଷା ମଞ୍ଚ ସମ୍ପାଦକ ଜିତେନ୍ଦ୍ର କୁମାର ସାହୁ। ପୂଜା ଗହଳିରେ କଟକ ସହରର ପରିମଳ ବ୍ୟବସ୍ଥା ଓ ଜନସାଧାରଣଙ୍କ ସୁବିଧା ପାଇଁ ଭ୍ରାମ୍ୟମାଣ ଶୌଚାଳୟ ନିତ୍ୟାନ୍ତ ଆବଶ୍ୟକ ଥିବାବେଳେ ବିଭାଗୀୟ ଅଧିକାରୀ ଏଥିପ୍ରତି ଅବହେଳା କରୁଥିବା କଥାକୁ ଦୃଢ଼ ନିନ୍ଦା କରିଛନ୍ତି ଜିତେନ୍ଦ୍ର। ସହରରେ ଆଉ ୩ଦିନ ପୂଜା ଗହଳିରେ ତୁରନ୍ତ ମରାମତି କାର୍ଯ୍ୟ ସହ ୨୪ଘଣ୍ଟିଆ ଜଳଯୋଗାଣ ଓ ସଫେଇକାର୍ଯ୍ୟ କରାଗଲେ ଲୋକମାନଙ୍କ ଅସୁବିଧା ହେବନାହିଁ ବୋଲି ଜିତେନ୍ଦ୍ର କହିଛନ୍ତି।

# ବାରମ୍ବାର ପରୀକ୍ଷା ବାତିଲ ନେଇ ନବୀନଙ୍କ ଉଦ୍‌ବେଗ



**ଭୁବନେଶ୍ୱର,୩୦।୯ (ସଂଚାର ବ୍ୟୁରୋ) :** ଏସଆଇ ପରୀକ୍ଷା ସ୍ଥଗିତ ନେଇ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଓପିଆରବି ଦ୍ୱାରା ପରିଚାଳିତ ସିପିଏସଇ-୨୦୨୪ର ସବ-ଇନସପେକ୍ଟର ପରୀକ୍ଷା ଆସନ୍ତା ୫ ଓ ୬ ତାରିଖରେ ହେବାର ଥିଲା। କିନ୍ତୁ କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା ଯେ, ପରୀକ୍ଷା ପୂର୍ବରୁ ତାହା ରଦ୍ଦ କରିବାକୁ ପଡିଲା ? ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହା କେବଳ ଗୋଟିଏ ଘଟଣା ନୁହେଁ। କେଳେଙ୍କାରୀର ଲମ୍ବା ତାଲିକା ଦର୍ଶାଇଛନ୍ତି ନବୀନ। ୨୦୨୫ ଜୁଲାଇରେ ସମାନ ସ୍ଥିତିରେ ଓଟିଇଟି ପରୀକ୍ଷା ବାତିଲ କରାଯାଇଥିଲା। ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ଆରମ୍ଭ ହେବାର ମାତ୍ର କେଇ ଘଣ୍ଟା ପୂର୍ବରୁ ପ୍ରଶ୍ନପତ୍ର ଲିକ ଯୋଗୁଁ ସାରା ରାଜ୍ୟରେ ହଇଚଇ ସୃଷ୍ଟି ହେଲା ଏବଂ ପରୀକ୍ଷା ରଦ୍ଦ ହେଲା। ଜୁଲାଇ ୩୦ ଓ ୩୧ ତାରିଖରେ ଓଡ଼ିଶା ସବ୍-ଅର୍ଡିନେଟ ଷ୍ଟାଫ ସିଲେକସନ କମିଶନ ଦ୍ୱାରା ପରିଚାଳିତ ଆର୍‌ଆଇ, ଏଆର୍‌ଆଇ, ଅମୀନ, ଅଙ୍ଗନବାଡି କେନ୍ଦ୍ରର ସୁପରଭାଇଜର, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ଅଧିକାରୀ ନିଯୁକ୍ତି ନେଇ ହେବାକୁ ଥିବା ମିଳିତ ନିଯୁକ୍ତି ପରୀକ୍ଷା ରଦ୍ଦ ହୋଇଥିଲା। ଗତ ଅଗଷ୍ଟ ୨୨ରେ ଓଟିଇଟି ପରୀକ୍ଷା ଲାଗି ପୁନଃ ତାରିଖ ଘୋଷଣା ହେଲା। ହେଲେ ତାହା ମଧ୍ୟ ସ୍ଥଗିତ ହେଲା। ଏହାପରେ ଆଶାୟୀ ପରୀକ୍ଷାର୍ଥୀ ହତାଶ ହୋଇଥିଲେ। ଏହା ଦର୍ଶାଉଛି ଓଡିଶା ସରକାରଙ୍କର ନିଯୁକ୍ତି ପରୀକ୍ଷା ପରିଚାଳନାରେ ସ୍ୱଚ୍ଛତା, ବିଶ୍ୱସନୀୟତାର ଘୋର ଅଭାବ ରହିଛି। ଯାହାକି ଲକ୍ଷାଧିକ ଚାକିରି ଆଶାୟୀଙ୍କୁ ଭୀଷଣ ମାତ୍ରାରେ ପ୍ରଭାବିତ କରୁଛି। ବିଜେପି ସରକାରଙ୍କ ବ୍ୟବସ୍ଥାଗତ ବିଫଳତା ବୋଲି ଏହା ସୂଚାଇ ଦେଉଛି। ଯଦି ଲୋକଙ୍କ ବିଶ୍ୱାସ ଜିତିବାକୁ ଚାହୁଁଛନ୍ତି ଯେଉଁମାନେ ଏଥିଲାଗି ଦାୟୀ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ନବୀନ ସୋସିଆଲ ମିଡିଆ 'ଏକ୍ସ'ରେ ପରାମର୍ଶ ଦେଇଛନ୍ତି।

# ରିଆମାଳ ବନାଞ୍ଚଳରେ ବାଘ ଆତଙ୍କ

● ପାଦ ଚିହ୍ନ ଠାବ ପରେ ଭୟରେ ଲୋକେ



**ଦେବଗଡ଼,୩୦।୯(ସଂଚାର ବ୍ୟୁରୋ):** ଦେବଗଡ ବନଖଣ୍ଡ ରିଆମାଳ ବନାଞ୍ଚଳରେ ଦେଖାଦେଇଛି ମହାବଳ ବାଘ ଆତଙ୍କ। ଗତ କିଛି ଦିନ ହେଲା ଏକ ମହାବଳ ବାଘ ବୁଲୁଥିବା ସୂଚନା ମିଳିଥିବା ବେଳେ ପ୍ରଥମ ଥର ପାଇଁ ବାଘ ପାଦ ଚିହ୍ନ ଲୋକଲୋଚନକୁ ଆସିଛି। ସ୍ଥାନୀୟ ବାବାଜି ମଠ ଗାଁ ନିକଟସ୍ଥ ଝାରମୁଣ୍ଡା ଜଙ୍ଗଲରେ ମହାବଳ ବାଘର ପାଦଚିହ୍ନ ପଡ଼ିଥିବା ଠାବ କରାଯାଇଛି। ଏନେଇ ସୂଚନା ପାଇ ବନ ବିଭାଗ ପାଦଚିହ୍ନର ନମୂନା ସଂଗ୍ରହ କରିଥିବା ବେଳେ ବିଶେଷଜ୍ଞ ଟିମ ଏହାର ଯାଞ୍ଚ କରୁଛନ୍ତି। ଗତ କିଛି ଦିନ ହେଲା ଏକ ମହାବଳ ବାଘ ରିଆମାଳ ବନାଞ୍ଚଳରେ ବୁଲୁଥିବା ନେଇ ବନ ବିଭାଗ ନିକଟରେ ଖବର ପହଞ୍ଚିଥିଲା। ଏପରିକି ବାଘର ଗତିବିଧି ଉପରେ ନଜର ରଖିବା ପାଇଁ ବନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଟ୍ରାପ କ୍ୟାମେରା ବି ଲଗାଯାଇଛି। ଏଥିସହ ବାଘକୁ ଠାବ କରିବା ସକାଶେ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ଉକ୍ତ ଅଞ୍ଚଳରେ ନିୟମିତ ପାଟ୍ରୋଲିଂ ବି ଜାରି ରହିଛି। ତେବେ ବାଘ ପାଦ ଚିହ୍ନ ଠାବ ହେବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି। ଅନ୍ୟପକ୍ଷରେ ନିକଟସ୍ଥ ଜଙ୍ଗଲକୁ କୌଣସି ଗୃହପାଳିତ ପଶୁଙ୍କୁ ନ ଛାଡିବା ସହ ସ୍ଥାନୀୟ ଲୋକେ ସତର୍କ ରହିବାକୁ ବନ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ମହାବଳ ବାଘର ଫଟୋ କିମ୍ବା ଭିଡିଓ ଉତ୍ତୋଳନ ହୋଇ ନଥିଲେ ମଧ୍ୟ ବାଘକୁ ବିଭିନ୍ନ ସମୟରେ ସ୍ଥାନୀୟ ଲୋକେ ଦେଖିଥିବା ଦାବି କରିଛନ୍ତି। ଆଖପାଖ ଅଞ୍ଚଳରେ ମହାବଳ ବାଘ ଆତଙ୍କ ଖେଳିଯାଇଥିବା ବେଳେ ବନ ବିଭାଗ ବେଶ୍ ସତର୍କ ରହିଥିବା ଜଣାପଡ଼ିଛି।

# ଲାଭିନସ୍ ଉଡ୍ ଇଣ୍ଟରନ୍ୟାସନାଲ୍ ପକ୍ଷରୁ ଗର୍‌ବା-ଇ-ରାସ୍

● ମନୋରଞ୍ଜନ ସହ ଶପିଙ୍ଗ୍‌ର ମଜା ବି ଉପଲବ୍ଧ



**ଭୁବନେଶ୍ୱର,୩୦।୯(ସଂଚାର ବ୍ୟୁରୋ):** ସମ୍ପ୍ରତି ରାଜ୍ୟରେ ଶାରଦୀୟ ଦୁର୍ଗାପୂଜା ଧୂମ୍ ଆରମ୍ଭ ହୋଇସାରିଥିବା ବେଳେ ପ୍ରାୟ ସମସ୍ତେ ମନୋରଞ୍ଜନ ମୁଡ୍‌ରେ ଅଛନ୍ତି। ସହରରେ ଜାକଜମକରେ ଦୁର୍ଗାପୂଜା ପାଳିତ ହେଉଥିବା ବେଳେ ଲୋକେ ମା'ଙ୍କ ମୃଣ୍ମୟ ମୂର୍ତ୍ତି ଦର୍ଶନ କରିବା ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରୁଛନ୍ତି। ଏହି କ୍ରମରେ ସ୍ଥାନୀୟ ଏକାମ୍ର ହାଟଠାରେ ଗତକାଲି ନବରାତ୍ରି ପର୍ବକୁ ଉତ୍ସବମୟ କରିବା ସକାଶେ ଲାଭିନସ୍ ଉଡ୍ ଇଣ୍ଟରନ୍ୟାସନାଲ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ଗରବା-ଇ-ରାସ (ଦାଣ୍ଡିଆ) କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିରେ ଯୋଗଦେଇଥିବା ଦର୍ଶକମାନେ ନିଜେ ଦାଣ୍ଡିଆ ଖେଳିଥିବା ସହ ୩୦ଟି ହ୍ୟାଣ୍ଡଲୁମ ଓ ହ୍ୟାଣ୍ଡିକ୍ରାଫ୍ଟ ଷ୍ଟଲ୍‌ରୁ ଶପିଙ୍ଗ୍ କରିବାର ମଜା ମଧ୍ୟ ଉଠାଇଥିଲେ। କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀ ବିଧାୟକ ଅନନ୍ତ ନାରାୟଣ ଜେନା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ ଏପରି କାର୍ଯ୍ୟକ୍ରମ ଓଡ଼ିଶାର ସଂସ୍କୃତିକୁ ସମୃଦ୍ଧ କରିବା ସହ ସ୍ଥାନୀୟ ହ୍ୟାଣ୍ଡଲୁମ ଓ ହ୍ୟାଣ୍ଡିକ୍ରାଫ୍ଟକୁ ମଧ୍ୟ ନୂଆ ପରିଚୟ ଦେବ। ଏପରି ଏକ କାର୍ଯ୍ୟକ୍ରମ ଆୟୋଜନ ପଛରେ ରାଜ୍ୟର ଛୋଟ ଛୋଟ ବୁଣାକାରମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ପ୍ରୟାସକୁ ଏକ ମଞ୍ଚ ପ୍ରଦାନ କରିବା ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏବେ ରାଜ୍ୟରେ ହ୍ୟାଣ୍ଡଲୁମ ଓ ହ୍ୟାଣ୍ଡିକ୍ରାଫ୍ଟର ଚାହିଦା ଧୀରେ ଧୀରେ କମିଯାଉଛି। ତେଣୁ ସେମାନେ କିପରି ସେମାନଙ୍କ ପୁରୁଣା ପରିଚୟ ଫେରିପାଇବେ, ସେଥିପାଇଁ ଏପରି ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି ବୋଲି ଆୟୋଜକ ସତ୍ୟଜିତ ପଟ୍ଟନାୟକ କହିଛନ୍ତି।

## ଅତିରିକ୍ତ ବିଦ୍ୟୁତ୍ ବିଲ ଫେରାଇବାକୁ ଦାବି

# ମୁଖ୍ୟମନ୍ତ୍ରୀଙ୍କୁ ବିଦ୍ୟୁତ ଉପଭୋକ୍ତା ମହାସଂଘର ଚିଠି



**ଭୁବନେଶ୍ୱର,୩୦।୯(ସଂଚାର ବ୍ୟୁରୋ):** ଆନ୍ଧ୍ର ପ୍ରଦେଶ ବିଦ୍ୟୁତ ନିୟାମକ ଆୟୋଗ (ଏପିଇଆର୍‌ସି) ବିଦ୍ୟୁତ୍ ବିଲ ବାବଦରେ ନେଇଥିବା ଅଧିକ ଅର୍ଥ ତୁରନ୍ତ ଉପଭୋକ୍ତାଙ୍କୁ ଫେରାଇବା ଦିଗରେ ଦେଇଛନ୍ତି ଐତିହାସିକ ରାୟ। ଏହାକୁ ଓଡ଼ିଶା ରାଜ୍ୟ ବିଦ୍ୟୁତ ଉପଭୋକ୍ତା ମହାସଂଘ ପକ୍ଷରୁ ସ୍ୱାଗତ କରାଯାଇଛି। ଏଥିସହ ଉପଭୋକ୍ତା ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ଚିଠି ମଧ୍ୟ ଲେଖାଯାଇଛି। ଏହି ଚିଠିରେ ତୁରନ୍ତ ଏକ ଉଚ୍ଚସ୍ତରୀୟ ବୈଠକ ଆହୂତ କରି ରାଜ୍ୟରେ ଦୀର୍ଘ ୮ ବର୍ଷ ଧରି ଅର୍ଥାତ୍ ଗତ ୨୦୨୭-୧୮ରୁ ଆଜି ପର୍ଯ୍ୟନ୍ତ ବିଦ୍ୟୁତ୍ କମ୍ପାନୀମାନେ ଠକି ନେଇଥିବା ୬ ହଜାର ୧୧୦ କୋଟି ଟଙ୍କା ଫେରସ୍ତ କରିବା ସକାଶେ ଦାବି କରାଯାଇଛି। ଏ ଦିଗରେ ରାଜ୍ୟ ସରକାର ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସାଇ ଗ୍ରାହକମାନଙ୍କୁ ସେମାନଙ୍କ ଅତିରିକ୍ତ ଦେୟ ପ୍ରଦାନ ଦିଗରେ ପଦକ୍ଷେପ ନେବା ସକାଶେ ମହାସଂଘର ସଭାପତି ପଞ୍ଚାନନ କାନୁନଗୋ ଓ ସମ୍ପାଦକ ରବି ବେହେରା ଦାବି କରିଛନ୍ତି।

ସେହିପରି ଉକ୍ତ ଅର୍ଥ ଫେରସ୍ତ କରିବାକୁ ଏସ୍‌ୟୁସିଆଇ (ସି) ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସ ଦାବି କରିଛନ୍ତି। ଏକ ବିବୃତିରେ ଶ୍ରୀ ଦାସ କହିଛନ୍ତି ନିକଟରେ ଓଇଆର୍‌ସି ସମସ୍ତ ବିଷୟରେ ଅବଗତ ଥିଲେ ମଧ୍ୟ ଅଦ୍ୟାବଧି ଏ ଦିଗରେ କୌଣସି ପଦକ୍ଷେପ ନ ନେବା ପରିତାପର ବିଷୟ। ଆହୁରି ସାରା ଭାରତ ବିଦ୍ୟୁତ ଉପଭୋକ୍ତା ମଞ୍ଚ ପକ୍ଷରୁ ଜିଲ୍ଲା ଆବାହକ ଖଗେଶ୍ୱର ସେଠୀ କହିଛନ୍ତି ଯେ ଦୀର୍ଘଦିନରୁ ଏହି ଅର୍ଥ ଆଦାୟ ହୋଇଥିଲେ ମଧ୍ୟ ଏବେ ଏପିଇଆର୍‌ସିର ପଦକ୍ଷେପ ପରେ ତୁରନ୍ତ ଏହା ଗ୍ରାହକଙ୍କୁ ଫେରାଇବା ଦିଗରେ ପଦକ୍ଷେପ ନିଆଯିବା ଉଚିତ। ସେହିପରି ଟାଟା କମ୍ପାନୀର ଶୋଷଣ ବନ୍ଦ କରିବା, ପ୍ରିପେଡ୍ ସ୍ମାର୍ଟ ମିଟର ହଟାଇବା, ନିର୍ବାଚନ ପ୍ରତିଶ୍ରୁତି ଅନୁଯାୟୀ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ମାଗଣାରେ ଯୋଗାଇଦେବା, ବିଦ୍ୟୁତ ସେବାର ଘରୋଇକରଣ ବନ୍ଦ ଦିଗରେ ପଦକ୍ଷେପ ନେବା ସକାଶେ ମଧ୍ୟ ଶ୍ରୀ ସେଠୀ ଦାବି କରିଛନ୍ତି।



# ଦୁବାଇରେ ଚିକିତ୍ସିତ ଓଡ଼ିଆ ଶ୍ରମିକଙ୍କୁ ସହାୟତା

**ଭୁବନେଶ୍ୱର, ୩୦।୯(ସଂଚାର ବ୍ୟୁରୋ):** ଦୁବାଇରେ ଚିକିତ୍ସିତ ହେଉଥିବା ଜଣେ ଓଡ଼ିଆ ଶ୍ରମିକଙ୍କୁ ଓଡ଼ିଶାକୁ ଫେରେଇ ଆଣିବା ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନସ୍ଥ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, କଟକ ଜିଲ୍ଲାରେ ବାସ କରୁଥିବା ସ୍ୱପ୍ନିଲ ପଟ୍ଟନାୟକ ଦୁବାଇରେ ଜଣେ ଶ୍ରମିକ ଭାବରେ କାର୍ଯ୍ୟ କରୁଥିଲେ। ସେଠାରେ ସେ ଯକୃତ ଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିବା ବେଳେ ଓଡ଼ିଶା ଫେରି ଆସିବା ପାଇଁ ଅନୁରୋଧ କରିଥିଲେ। ଏହି ସମ୍ବନ୍ଧୀୟ ସୂଚନା ମିଳିବା ପରେ ଦୁବାଇ ସ୍ଥିତ ଭାରତର ଦୂତାବାସ କାର୍ଯ୍ୟାଳୟ ନୂଆଦିଲ୍ଲୀ ସ୍ଥିତ ଓଡ଼ିଶା ସରକାରଙ୍କ ମୁଖ୍ୟ ଆବାସିକ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ଓ କଟକ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ସ୍ୱପ୍ନିଲ ପଟ୍ଟନାୟକଙ୍କୁ ଓଡ଼ିଶାକୁ ଫେରାଇ ଅଣାଯାଇଛି। ବର୍ତ୍ତମାନ ସେ ଶ୍ରୀରାମ ଚନ୍ଦ୍ର ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, କଟକ ଠାରେ ଚିକିତ୍ସିତ ହେଉଛନ୍ତି। ସ୍ୱପ୍ନିଲଙ୍କ ସହ ତାଙ୍କ ପରିବାରକୁ ସାହାଯ୍ୟ ଓ ସହଯୋଗ ପ୍ରଦାନ କରାଯିବା ନେଇ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ପ୍ରଦାନ କରଯାଇଛି।

● ହାତୀ ସୁରକ୍ଷା ପାଇଁ ଦୀର୍ଘକାଳୀନ ଯୋଜନା

# ଆଶ୍ରୟସ୍ଥଳ ନିର୍ମାଣ ସହ ବନାଞ୍ଚଳ ଚାଷକୁ ଗୁରୁତ୍ୱ

**ଭୁବନେଶ୍ୱର,୩୦।୯(ସଂଚାର ବ୍ୟୁରୋ):** ରାଜ୍ୟରେ ଦିନକୁ ଦିନ ମଣିଷ-ହାତୀ ଲଢ଼େଇ ବଢ଼ି ଚାଲିଥିବା ବେଳେ ଏହାର ପ୍ରଭାବ ଉଭୟ ହାତୀ ଓ ମଣିଷ ଉପରେ ପଡୁଛି। କେତେବେଳେ ହାତୀଙ୍କ ସଂଘର୍ଷରେ ମଣିଷ ପ୍ରାଣ ହରାଉଛି ତ ଆଉ କେତେବେଳେ ହାତୀମାନେ ବିଭିନ୍ନ କାରଣରୁ ମୃତ୍ୟୁବରଣ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଓ ହାତୀମାନେ ଦିନକୁ ଦିନ ଜନପଦମୁହାଁ ହେଉଥିବାରୁ ଏହାକୁ ରୋକିବା ସକାଶେ ରାଜ୍ୟ ସରକାର ଠୋସ୍ ପଦକ୍ଷେପ ନେଇଛନ୍ତି। ଏହି କ୍ରମରେ ସରକାର ହାତୀଙ୍କ ପାଇଁ ଆଶ୍ରୟସ୍ଥଳ ନିର୍ମାଣ କରିବେ। ସେହିପରି ହାତୀ ସୁରକ୍ଷା ପାଇଁ ରାଜ୍ୟ ସରକାର ଦୀର୍ଘକାଳୀନ ଯୋଜନା। ଜଙ୍ଗଲ ଭିତରେ ହାତୀ ପାଇଁ ହେବ ଚାଷ। ପଣସ, ଆମ୍ବ, ବାଉଁଶ ଆଦି ହାତୀଙ୍କ ପାଇଁ ଲାଗିବ। ଯିବ ଜନ୍ତୁଙ୍କ ଭିତରେ ବି ଗରିବ ଅଛନ୍ତି। ଓଡ଼ିଶାରେ ୨୧୦୦ ରୁ ଉର୍ଦ୍ଧ ହାତୀ ଅଛନ୍ତି। ସେ ଭିତରୁ କେତେ ହାତୀଙ୍କ ଘର ନାହିଁ। ହାତୀଙ୍କ ପାଇଁ ଘର କରିବେ ସରକାର। ହାତୀଙ୍କ ପାଇଁ ଘର ନଥିବାରୁ ସେମାନେ ଜନପଦମୁହାଁ ହେଉଛନ୍ତି। ସେମାନଙ୍କ ପାଇଁ ଉପଯୁକ୍ତ ପରିବେଶ ନାହିଁ ବୋଲି କହିଛନ୍ତି ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ। ତାଙ୍କ କହିବାନୁସାରେ, ଖଣି, କାରଖାନା ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ହାତୀଙ୍କ ପାଇଁ ଦିନକୁ ଦିନ ପରିବେଶ ବିପଜ୍ଜନକ ହୋଇପଡୁଛି। ଗୋଟିଏ ପଟେ ଜୀବଜନ୍ତୁଙ୍କ ସଂଖ୍ୟା ବଢ଼ିଥିବା ବେଳେ ଅନ୍ୟପଟରେ ସେମାନଙ୍କ ପାଇଁ ପରିବେଶ ବିପଦମୁଖୀ ହେଉଛି। ଏବେ ମୁଖ୍ୟମନ୍ତ୍ରୀ ମଧ୍ୟ ହାତୀଙ୍କ ପାଇଁ ଘର ନିର୍ମାଣ କରିବା ସକାଶେ ରାଜି ହୋଇଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

# ପାଚେରି ଡେଇଁ ପ୍ରେମିକାକୁ ଦେଖା କରିବାକୁ ଗଲାବେଳେ କରେଣ୍ଟ ଲାଗି ଚାଲିଗଲା ଜୀବନ

**ଢେଙ୍କାନାଳ, ୩୦।୯ (ସଂଚାର ବ୍ୟୁରୋ) :** ହାଲୋ....ମୁଁ ତମ ସାଙ୍ଗର ଗର୍ଲଫ୍ରେଣ୍ଡ କହୁଛି ....ତମ ସାଙ୍ଗ ଆସିବା କଥା କଣ ଏଯାଏଁ ଆସିନାହାଁନ୍ତି । ଟିକିଏ ଦେଖିଲ ... ଆମ ବାଡ଼ି ପଟେ କାହିଁ ଏତେ ହୋ ହାଲ୍ଲା ପାଟିତୁଣ୍ଡ ଶୁଭୁଛି ....ତମ ସାଙ୍ଗକୁ ଆମ ଘର ଲୋକେ ବାଡ଼େଇଲେ କି ...ଟିକେ ଆମ ଘର ପାଖକୁ ଆସି ଦେଖତ କଣ ହୋଇଛି ?....ଏ କଥା ହେଉଛି ପ୍ରେମିକା ଆଉ ପ୍ରେମିକର ସାଙ୍ଗ ସହ ମୋବାଇଲରେ ହୋଇଥିବା କିଛି କଥାବାର୍ତ୍ତା । ଯେଉଁ ପ୍ରେମିକର ବନ୍ଧୁ ଜଣକ ଏବେ ହସ୍ପିଟାଲ ବେଡରେ ଜୀବନ ମରଣ ସହ ସଂଗ୍ରାମ କରୁଛି । ପ୍ରେମିକାକୁ ଦେଖା କରିବାକୁ ଯାଇଥିବା ବେଳେ ପାଚେରୀ ପାଖେ ଲାଗିଥିବା କରେଣ୍ଟ ଲାଗି ଚାଲିଗଲା ପ୍ରେମିକ ଯୁବକଙ୍କ ଜୀବନ । ଆଉ ତାଙ୍କ ବନ୍ଧୁ ଏବେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଏପେଟେ ଭାଇ ବନ୍ଧୁ କୁଟୁମ୍ବ ଖାଇବେ ବୋଲି ଘର ଦାଣ୍ଡରେ ରନ୍ଧା ଯାଉଛି କଷା ଭାତ । ପରିବାର ଆଖିରୁ ବହିଯାଉଛି ଧାର ଧାର ଲୁହ । ବୁଢ଼ା ଜେଜେବାପା ନାତିକୁ ଝୁରି ଝୁରି କାନ୍ଦୁଛି । ଆଉ କହୁଛି ଏ କଣ ହୋଇଗଲା ମୋ ନାତିକୁ ଡାକିକି ମାରିଦେଲେ । ସେପଟେ ପୁତୁରାକୁ ମାରିଦେଇଛନ୍ତି ବୋଲି ଅଭିଯୋଗ ଆଣିଛନ୍ତି ପରିବାର ଲୋକେ । ଏଭଳି ଦୁଃଖଦ ଘଟଣା ଢେଙ୍କାନାଳ ଜିଲ୍ଲା ସଦର ଥାନା ଅଞ୍ଚଳରେ ଦେଖିବାକୁ ମିଳୁଛି। ତେବେ ମୃତକ ଜଣକ ହେଉଛନ୍ତି ଟାଉନ ଥାନା ଅଞ୍ଚଳ ସିମିଳିଆ ଗାଁର ବିଶ୍ୱଜିତ ବେହେରା । ବିଶ୍ୱଜିତଙ୍କୁ ଦେଖା କରିବା ପାଇଁ ତାଙ୍କ ପ୍ରେମିକା ରାତି ସମୟରେ ତାଙ୍କ ଘରକୁ ଡାକିଥିଲେ। ବିଶ୍ୱଜିତ ପାଚେରୀ ଡେଇଁ ଘରକୁ ପ୍ରବେଶ କରିବା ବେଳେ ସେ ତଳେ ପଡି ଯାଇ ଅଚେତ ହୋଇଯାଇଥିଲେ। ପ୍ରେମିକା ଘର ଲୋକେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ । ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଏହି ସମୟରେ ବିଶ୍ୱଜିତଙ୍କ ସାଙ୍ଗ ମଧ୍ୟ ତାଙ୍କୁ ଉଠାଇବାକୁ ଚେଷ୍ଟା କରିବାରୁ ସେ ଆଘାତ ପାଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ।

■ ୨ରେ ରାଷ୍ଟ୍ରୀୟ ପଦଯାତ୍ରା

# ଉତ୍କଳ ସର୍ବୋଦୟ ମଣ୍ଡଳର ବାରାଣସୀ ଗସ୍ତ

**ଭୁବନେଶ୍ୱର,୩୦।୯(ସଂଚାର ବ୍ୟୁରୋ):** ବାରାଣସୀର ରାଜଘାଟସ୍ଥିତ ସର୍ବୋଦୟ ସାଧନା କେନ୍ଦ୍ରକୁ କେନ୍ଦ୍ର ଓ ଉତ୍ତରପ୍ରଦେଶ ସରକାର ସହ ଭାରତୀୟ ରେଳ ବିଭାଗ ମିଳିତ ଭାବେ ବୁଲଡୋଜର ଚଳାଇ ଧ୍ୱଂସ କରିବା ତଥା ଗଣତନ୍ତ୍ର, ସମ୍ବିଧାନ, ରାଷ୍ଟ୍ରୀୟ ଐତିହ୍ୟର ସୁରକ୍ଷା ପରିପ୍ରେକ୍ଷାରେ ସର୍ବସେବା ସଂଘ (ଅଖିଳ ଭାରତ ସର୍ବୋଦୟ ମଣ୍ଡଳ) ନେତୃତ୍ୱରେ ଦେଶର ସମସ୍ତ ଗାନ୍ଧୀବାଦୀ, ସର୍ବୋଦୟ କର୍ମୀ, ଜନ ଆନ୍ଦୋଳନ କର୍ମୀ ତଥା ଗଣତାନ୍ତ୍ରିକ ଜନ ସଂଗଠନର ସହଯୋଗରେ ଆସନ୍ତା ୨ ଗାନ୍ଧି ଜୟନ୍ତୀରୁ ନଭେମ୍ବର ୨୬ ତାରିଖ ପର୍ଯ୍ୟନ୍ତ ସମ୍ବିଧାନ ଦିବସ ପର୍ଯ୍ୟନ୍ତ ବାରାଣସୀ ରାଜଘାଟରୁ ଦିଲ୍ଲୀ ରାଜଘାଟ ପର୍ଯ୍ୟନ୍ତ ହଜାରେ କିମି ବ୍ୟାପୀ 'ଗାନ୍ଧୀଙ୍କ ସହ ଗୋଟିଏ ପାଦ' ରାଷ୍ଟ୍ରୀୟ ପଦଯାତ୍ରା ଅନୁଷ୍ଠିତ ହେବ। ଏହି ପଦଯାତ୍ରାରେ ଉତ୍କଳ ସର୍ବୋଦୟ ମଣ୍ଡଳର ନେତୃତ୍ୱରେ ଶତାଧିକ ଗାନ୍ଧୀବାଦୀ, ସର୍ବୋଦୟ କର୍ମୀ, ଜନ ଆନ୍ଦୋଳନ କର୍ମୀ, ସାମାଜିକ କର୍ମୀ, ମହିଳା, ପୁରୁଷ, ଯୁବ-ଛାତ୍ର ଗୋଷ୍ଠୀ ସାମିଲ ହେବେ। ଏହି ପରିପ୍ରେକ୍ଷୀରେ ଆଜି ପ୍ରଥମ ପର୍ଯ୍ୟାୟରେ ଉତ୍କଳ ସର୍ବୋଦୟ ମଣ୍ଡଳ ସଭାପତି ମିହିର ପ୍ରତାପ ଦାସ, ରଚନା ସମିତି ସଂଯୋଜକ ଅନ୍ତର୍ଯ୍ୟାମୀ ବରାଳ, ମହିଳା ସେଲ ସଂଯୋଜିକା ରାବେୟା ବେଗମ, ନୈତାଲିମର ଟ୍ରଷ୍ଟି ବିପିନ ବାରିକ, ରାଷ୍ଟ୍ରୀୟ ଯୁବା ସଙ୍ଗଠନର ରାଜ୍ୟ ସହ ସଂଯୋଜିକା ଅଲିଭା ଦାଶ ଟ୍ରେନ ଯୋଗେ ବାରାଣସୀ ଅଭିମୁଖେ ଗସ୍ତ କରିଛନ୍ତି। ସେହିପରି ଆଗାମୀ ପର୍ଯ୍ୟାୟରେ ମଣ୍ଡଳର ସମ୍ପାଦକ ଆର୍ଯ୍ୟଭଟ୍ଟ ମହାନ୍ତି, ସଂଗଠନ ସମ୍ପାଦକ ଗୌରାଙ୍ଗ ରାଉତ, ନିୟମଗିରି ଆନ୍ଦୋଳନର ରାଜକିଶୋର ସୁନାନୀଙ୍କ ସମେତ ବିଭିନ୍ନ ଜିଲ୍ଲାର ଲୋକସେବକ, ସର୍ବୋଦୟ ମିତ୍ର ତଥା ସାମାଜିକ କର୍ମୀ, ଜନଆନ୍ଦୋଳନ କର୍ମୀମାନେ ପଦଯାତ୍ରାରେ ସାମିଲ ହେବେ ବୋଲି ଜଣାପଡ଼ିଛି।

● ପେନ୍‌ସନ୍ ପାଇବେ ୯୮ ୱାର୍କଚାର୍ଜଡ କର୍ମଚାରୀ

# ଅନ୍ୟ କର୍ମଚାରୀଙ୍କୁ ସାମିଲ୍ ପାଇଁ ଦାବି

**ଭୁବନେଶ୍ୱର,୩୦।୯(ସଂଚାର ବ୍ୟୁରୋ):** ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ ବଳରେ ରାଜ୍ୟ ଜଳ ସମ୍ପଦ ବିଭାଗର ୯୮ ଜଣ ୱାର୍କଚାର୍ଜଡ କର୍ମଚାରୀ ପେନସନ ପାଇବେ। ଏଥିନିମନ୍ତେ ଜଳ ସମ୍ପଦ ବିଭାଗ ଯନ୍ତ୍ରୀମୁଖ୍ୟଙ୍କୁ ନିର୍ଦ୍ଦେଶ ଦିଆଯିବା ପରେ ଏହି ୯୮ ଜଣ ପୂର୍ବତନ କର୍ମଚାରୀଙ୍କୁ ପେନସନ ଦେବା ସକାଶେ କେତେ ଟଙ୍କା ଆବଶ୍ୟକ, ସେନେଇ ଅଧସ୍ତନ ଅଧିକାରୀଙ୍କୁ ଚିଠି କରାଯାଇଛି। ଆସନ୍ତା ୬ ତାରିଖ ମଧ୍ୟରେ ବ୍ୟୟ ଅଟକଳ ଓ ସମ୍ପୃକ୍ତ କର୍ମଚାରୀଙ୍କ ସଠିକ୍ ଅବସର ତାରିଖ ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ଓଡିଶା ସରକାରଙ୍କ ପକ୍ଷରୁ ଏସଏଲପି (ଡାଇରୀ) ନମ୍ବର ୩୩୪୦୦/୨୦୨୩ରେ ସର୍ବୋଚ୍ଚ ନ୍ୟାୟଳୟରେ କରାଯାଇଥିବା ରିଟ୍ ଅପିଲ ଗତ ଜୁଲାଇ ୨୪ ତାରିଖରେ ଖାରଜ ହେବା ପରେ ସରକାର ୯୮ ଜଣ ଆବେଦନକାରୀଙ୍କୁ ପେନସନ ପ୍ରଦାନ ନିମନ୍ତେ ପଦକ୍ଷେପ ଗ୍ରହଣ କରିଛନ୍ତି। ତେବେ ଓଡିଶା ଅବସରପ୍ରାପ୍ତ ୱାର୍କଚାର୍ଜଡ/ରେଗୁଲାର କର୍ମଚାରୀ କ୍ରିୟାନୁଷ୍ଠାନ ସଂଗଠନ ପକ୍ଷରୁ ଅଭିଯୋଗ କରାଯିବା ସହ ସରକାରଙ୍କ ନିକଟରେ ପ୍ରଶ୍ନ ଉପସ୍ଥାପନ କରାଯାଇଛି। ଏହି ୯୮ ଜଣ ପୂର୍ବତନ କର୍ମଚାରୀଙ୍କ ପରି ଯେଉଁ ଗରିବ ଶ୍ରେଣୀରର ଅବସରପ୍ରାପ୍ତ କର୍ମଚାରୀମାନେ ଅର୍ଥାଭାବରୁ କୋର୍ଟ ଯାଇପାରୁନାହାନ୍ତି, ସେମାନେ କାହିଁକି ପେନ୍‌ସନ୍ ପାଇବେ ନାହିଁ ବୋଲି ପ୍ରଶ୍ନ କରାଯାଇଛି। ଯିଏ କୋର୍ଟ ଯିବ ଆଉ ସେଠି ଜିତିବ, ତାକୁ କେବଳ ସରକାର ପେନ୍‌ସନ୍ ଦେବେ ବୋଲି ଏକ ଧାରଣା ବଦ୍ଧମୂଳ ହେଉଥିବା ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ସାମ୍ବିଧାନିକ ଧାରା-୧୬କୁ ସରକାର ଅମାନ୍ୟ କରି ୩୫ରୁ ୪୨ ବର୍ଷ ଧରି ସରକାରଙ୍କୁ ସେବା ଯୋଗାଇଥିବା କର୍ମଚାରୀଙ୍କୁ ଅବସର ପରେ ପେନସନ ନ ଦେଇ ସେମାନଙ୍କ ହକ୍‌କୁ ଫାଙ୍କିବା ସରକାରଙ୍କ ସମ୍ବିଧାନବିରୋଧୀ ଚିନ୍ତାଧାରା ବୋଲି ମଧ୍ୟ ଅଭିଯୋଗ ହୋଇଛି। ତେଣୁ ସରକାର ମକଦ୍ଦମାଖୋର ନହୋଇ ସହନଶୀଳତା ନୀତି ଅବଲମ୍ବନ କରି ସମାନ ସ୍ଥିତିରେ ଅବସର ଗ୍ରହଣ କରିଥିବା ଅନ୍ୟ କର୍ମଚାରୀମାନଙ୍କୁ ପେନସନ ଦେବା ଦିଗରେ ପଦକ୍ଷେପ ନେବା ସକାଶେ ସଂଗଠନ ପକ୍ଷରୁ ମୁଖ୍ୟ ସଂଯୋଜକ ଗଗନ ଭଞ୍ଜ, ଆବାହକ ଅରୁଣ କେଶରୀ ପରିଡା ଓ ଗିରୀଶ ନନ୍ଦ ପ୍ରମୁଖ ଦାବି କରିଛନ୍ତି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪ ବୁଧବାର ୧ ଅକ୍ଟୋବର ୨୦୨୫, ଭୁବନେଶ୍ୱର
Wednesday 1 October 2025, Bhubaneswar

# ଏସଆଇଆର: ଲୋକତନ୍ତ୍ରର ଭରସା



ଭାରତର ଲୋକତନ୍ତ୍ରର ମୂଳଦୁଆରି ହେଉଛି ନିର୍ବାଚନ ପ୍ରକ୍ରିୟା, ଯାହାର ସଫଳତା ନିର୍ଭର କରେ ଏକ ସଠିକ୍ ଏବଂ ଅପଡେଟ୍ ଭୋଟର ତାଲିକା ଉପରେ। ନିର୍ବାଚନ ଆୟୋଗ ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ଇଣ୍ଟେନ୍ସିଭ ରିଭିଜନ (ଏସଆଇଆର) ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଯାହା ଭୋଟର ତାଲିକାକୁ ଅଧିକ ସଠିକ୍ ଏବଂ ସମ୍ପୂର୍ଣ୍ଣ କରିବାରେ ସାହାଯ୍ୟ କରେ। ଏହି ସଂଶୋଧନ ପ୍ରକ୍ରିୟାରେ ଘରେ ଘରେ ଯାଇ ଭୋଟରଙ୍କ ବିବରଣୀ ଯାଞ୍ଚ କରାଯାଏ, ଯାହା ଫଳରେ ଅନେକ ଲାଭ ମିଳେ। ଆସନ୍ତୁ ଏହାର ପ୍ରମୁଖ ଲାଭଗୁଡ଼ିକୁ ବିଶ୍ଳେଷଣ କରିବା।

ପ୍ରଥମତଃ, ଏହି ସଂଶୋଧନ ଭୋଟର ତାଲିକାର ସଠିକତା ବଢ଼ାଇଥାଏ। ପ୍ରତିବର୍ଷ ଅନେକ ଭୋଟର ମୃତ୍ୟୁବରଣ କରନ୍ତି, ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ ହୁଅନ୍ତି କିମ୍ବା ଡୁପ୍ଲିକେଟ୍ ଏଣ୍ଟ୍ରି ରହିଯାଏ। ଗହନ ସଂଶୋଧନରେ ଏହିସବୁ ଭୁଲ୍‌ଗୁଡ଼ିକୁ ହଟାଇ ତାଲିକାକୁ ପରିଷ୍କାର କରାଯାଏ। ଫଳରେ, ନିର୍ବାଚନ ସମୟରେ ଭୁଲ୍ ଭୋଟ୍ ଦେବା କିମ୍ବା ଅନ୍ୟକୁ ଭୋଟ୍ ଦେବାର ସମ୍ଭାବନା କମିଯାଏ। ଉଦାହରଣ ସ୍ୱରୂପ, ଓଡ଼ିଶାରେ ପୂର୍ବବର୍ଷର ସଂଶୋଧନରେ ଲକ୍ଷାଧିକ ଡୁପ୍ଲିକେଟ୍ ଏବଂ ମୃତ ଭୋଟରଙ୍କ ନାମ ହଟାଯାଇଥିଲା, ଯାହା ନିର୍ବାଚନର ବିଶ୍ୱସନୀୟତା ବଢ଼ାଇଛି।

ଦ୍ୱିତୀୟତଃ, ଏହା ନୂତନ ଭୋଟରଙ୍କୁ ସାମିଲ୍ କରିବାରେ ସାହାଯ୍ୟ କରେ। ପ୍ରତିବର୍ଷ ୧୮ ବର୍ଷ ପୂରଣ ହେଉଥିବା ଯୁବକଯୁବତୀମାନେ ଭୋଟର ତାଲିକାରେ ନାମ ଲେଖାଇବାର ସୁଯୋଗ ପାଆନ୍ତି। ସ୍ୱତନ୍ତ୍ର ଗହନ ସଂଶୋଧନରେ ବିଏଲ୍‌ଓ (ବୁଥ ସ୍ତରୀୟ ଅଫିସର) ଘରେ ଘରେ ଯାଇ ଏହି ଯୁବକମାନଙ୍କୁ ଚିହ୍ନଟ କରନ୍ତି ଏବଂ ତାଙ୍କ ନାମ ଯୋଡ଼ନ୍ତି। ଏହା ଦ୍ୱାରା ଯୁବଶକ୍ତିର ସହଭାଗିତା ବଢ଼େ ଏବଂ ଲୋକତନ୍ତ୍ରର ଭିତ୍ତିଭୂମି ମଜବୁତ୍ ହୁଏ। ଓଡ଼ିଶାରେ ଏହି ପ୍ରକ୍ରିୟା ଦ୍ୱାରା ଲକ୍ଷାଧିକ ନୂତନ ଭୋଟର ଯୋଡ଼ାଯାଇଛି, ଯାହା ଭୋଟ୍ ପ୍ରତିଶତକୁ ବଢ଼ାଇବାରେ ସାହାଯ୍ୟ କରିଛି।

ତୃତୀୟତଃ, ଏହି ସଂଶୋଧନ ନିର୍ବାଚନରେ ପ୍ରତାରଣା ରୋକିବାରେ ମୁଖ୍ୟ ଭୂମିକା ନିର୍ବାହ କରେ। ଅସଠିକ୍ ତାଲିକା ଯୋଗୁଁ ଭୁଲ୍ ପରିଚୟପତ୍ର ବ୍ୟବହାର କରି ଭୋଟ୍ ଦେବା ସମ୍ଭବ ହୁଏ, ଯାହା ନିର୍ବାଚନର ନିରପେକ୍ଷତାକୁ ହାନି ପହଞ୍ଚାଏ। ଗହନ ସଂଶୋଧନରେ ଫଟୋ, ଠିକଣା ଏବଂ ଅନ୍ୟାନ୍ୟ ବିବରଣୀ ଯାଞ୍ଚ କରାଯାଏ, ଯାହା ଏହି ପ୍ରତାରଣାକୁ ରୋକେ। ଏହା ଦ୍ୱାରା ରାଜନୈତିକ ଦଳଗୁଡ଼ିକର ବିଶ୍ୱାସ ବଢ଼େ ଏବଂ ନିର୍ବାଚନ ଫଳାଫଳରେ ବିବାଦ କମିଯାଏ। ଭାରତର ବିଭିନ୍ନ ରାଜ୍ୟରେ ଏହି ପ୍ରକ୍ରିୟା ଦ୍ୱାରା ନିର୍ବାଚନ ଅଧିକ ସ୍ୱଚ୍ଛ ହୋଇଛି।

ଚତୁର୍ଥତଃ, ଏହା ଭୋଟରଙ୍କ ସହଭାଗିତା ବଢ଼ାଇଥାଏ। ଯେତେବେଳେ ଭୋଟର ତାଲିକା ସଠିକ୍ ଥାଏ, ଭୋଟରମାନେ ନିର୍ବାଚନ ଦିନରେ କମ୍ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ନାମ ନଥିବା କିମ୍ବା ଭୁଲ୍ ବିବରଣୀ ଯୋଗୁଁ ଅନେକେ ଭୋଟ୍ ଦେବାରୁ ବଞ୍ଚିତ ହୁଅନ୍ତି। ସ୍ୱତନ୍ତ୍ର ସଂଶୋଧନ ଏହି ସମସ୍ୟାର ସମାଧାନ କରେ ଏବଂ ଅଧିକ ଲୋକଙ୍କୁ ଭୋଟ୍ ଦେବାକୁ ଉତ୍ସାହିତ କରେ। ଏହା ବିଶେଷକରି ଗ୍ରାମାଞ୍ଚଳ ଏବଂ ଦୂରବର୍ତ୍ତୀ ଅଞ୍ଚଳରେ ଉପଯୋଗୀ, ଯେଉଁଠାରେ ଅନଲାଇନ୍ ରେଜିଷ୍ଟ୍ରେସନ୍ ସୁବିଧା କମ୍।

ପଞ୍ଚମତଃ, ଏହି ପ୍ରକ୍ରିୟା ଲୋକତନ୍ତ୍ରରେ ବିଶ୍ୱାସ ସ୍ଥାପନ କରେ। ଯେତେବେଳେ ଭୋଟରମାନେ ଜାଣନ୍ତି ଯେ ତାଙ୍କ ଭୋଟ୍ ସଠିକ୍ ଭାବରେ ଗଣନା ହେବ, ସେମାନେ ଅଧିକ ଉତ୍ସାହର ସହ ସହଭାଗୀ ହୁଅନ୍ତି। ଏହା ରାଜନୈତିକ ସ୍ଥିରତା ଏବଂ ସାମାଜିକ ସମନ୍ୱୟ ବଢ଼ାଏ। ନିର୍ବାଚନ ଆୟୋଗର ଏହି ଉଦ୍ୟମ ଭାରତର ଲୋକତନ୍ତ୍ରକୁ ବିଶ୍ୱରେ ଏକ ଉଦାହରଣ କରିଛି। ସାରାଂଶରେ, ଏସଆଇଆର ହେଉଛି ଏକ ଆବଶ୍ୟକୀୟ ପଦକ୍ଷେପ, ଯାହା ନିର୍ବାଚନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ସମାବେଶୀ ଏବଂ ବିଶ୍ୱସନୀୟ କରେ। ଓଡ଼ିଶା ବାସୀମାନେ ଏହି ପ୍ରକ୍ରିୟାରେ ସକ୍ରିୟ ଭାଗିଦାରୀ କରି ଲୋକତନ୍ତ୍ରକୁ ମଜବୁତ୍ କରିବା ଉଚିତ୍। ଏହା କେବଳ ଏକ ପ୍ରଶାସନିକ କାର୍ଯ୍ୟ ନୁହେଁ, ବରଂ ଏକ ନାଗରିକ ଦାୟିତ୍ୱ ଯାହା ଆମ ଦେଶର ଭବିଷ୍ୟତକୁ ଆକାର ଦେବ।

# ହେ ମହାମାୟା! ଜଗତମୟୀ ଜଗଦମ୍ବା



ଦେବାଶିଷ ଆଚାର୍ଯ୍ୟ

ମା'ଦୁର୍ଗା ଏ ସୃଷ୍ଟିର ଆଦିଶକ୍ତି। ସେ ହିଁ ପରମାତ୍ମା ପରମେଶ୍ୱରଙ୍କର ପ୍ରକୃତ କାର୍ଯ୍ୟକାରିଣୀ ଶକ୍ତି। କାରଣ ବ୍ରହ୍ମ ନିଷ୍କ୍ରିୟ, ଅଯୋକ୍ତା, ଅଭୋକ୍ତା.. ଇତ୍ୟାଦି। କିନ୍ତୁ ସେ ସ୍ଥିର, ନିଶ୍ଚଳ, ସର୍ବବ୍ୟାପୀ, ଅନାଦି, ଅନନ୍ତ କିନ୍ତୁ ସାକ୍ଷୀ ଓ ଦ୍ରଷ୍ଟା ଏବଂ ନିରପେକ୍ଷ କର୍ମଫଳଦାତା। ତାଙ୍କ ନିର୍ଦ୍ଦେଶରେ ପ୍ରକୃତି (ଆଦିଶକ୍ତି ମାୟା) ସଂସାର ସୃଷ୍ଟି କରନ୍ତି। ଗୀତାରେ କୁହାଯାଇଛି - 'ମୟାଧକ୍ଷେଣ ପ୍ରକୃତିଃ ସୂୟତେ ସଚରାଚରଂ'।। ସୃଷ୍ଟି କାର୍ଯ୍ୟ ପାଇଁ ସେ ବିଭିନ୍ନ ନାମରେ ଖ୍ୟାତ। ସେ ପ୍ରକୃତି, ସେ ହିଁ ଶକ୍ତି, ଦୁର୍ଗା, କାଳୀ, ଚଣ୍ଡୀ, କ୍ଷେତ୍ର-କ୍ଷେତ୍ରଜ୍ଞ, ବିଦ୍ୟା-ଅବିଦ୍ୟା, ମାୟା, ଯୋଗମାୟା, ମହାମାୟା ଇତ୍ୟାଦି।

ସେ ବ୍ରହ୍ମଙ୍କର ଅବିଚ୍ଛିନ୍ନ ଅଂଶ ଏବଂ ଆଦ୍ୟନ୍ତ ବିହୀନା ବ୍ରହ୍ମା, ବିଷ୍ଣୁ, ମହେଶ୍ୱର - ତିନି ଆଦିଦେବ, ତାଙ୍କରି ସୃଷ୍ଟ ଓ ତାଙ୍କରି ଶକ୍ତିରେ ହିଁ ଦୃଶ୍ୟାଦୃଶ୍ୟ ଜଗତର ସୃଷ୍ଟି, ସ୍ଥିତି ଓ ପାଳନ କରନ୍ତି। ଅନ୍ୟ ଯେତେ ଦେବଦେବୀ, ମନୁଷ୍ୟ, ପଶୁ, ପକ୍ଷୀ, କୀଟ, ପତଙ୍ଗ ପ୍ରଭୃତି (ଆବ୍ରହ୍ମ ଭୁବନାତ୍ ଲୋକାଃ) ସଂସାରରେ ଅଛନ୍ତି ସେ ସମସ୍ତେ ତାଙ୍କରି ଶକ୍ତି ଓ ନିର୍ଦ୍ଦେଶରେ ପରିଚାଳିତ। ତାଙ୍କୁ ବୁଝିବା ଓ ତାଙ୍କର ଉପାସନା କରିବା ସର୍ବକାମପ୍ରଦ, ସଂସାରକ୍ଳେଶ ନିବାରକ ଓ ଶେଷରେ ମୁକ୍ତିପ୍ରଦ। ଈଶାବାସ୍ୟୋପନିଷଦରେ ଯଥାର୍ଥରେ କୁହାଯାଇଛି - 'ଅବିଦ୍ୟୟା ମୃତ୍ୟୁଂ ତୀର୍ତ୍ତ୍ୱା ବିଦ୍ୟାୟାଽମୃତମଶ୍ନୁତେ।'

ଓଡ଼ିଶାର ଜୀବନଯାତ୍ରା, ଧର୍ମ ଧାରଣା, ପର୍ବପର୍ବାଣି, କଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ, ନୃତ୍ୟ, ସଙ୍ଗୀତ, ସାହିତ୍ୟ ଓ ପ୍ରତ୍ନତତ୍ତ୍ୱରେ ତନ୍ତ୍ରର ପ୍ରଭାବ ସୁସ୍ପଷ୍ଟ ଯାହା ସ୍ୱତନ୍ତ୍ର ଆଲୋଚନାର ପ୍ରତୀକ୍ଷା କରିଥାଏ। ମନ୍ଦିର, ପୀଠ, ମଠ ବ୍ୟତୀତ ଗୃହେ ଗୃହେ ମଣ୍ଡଳ, କୋଠି, ଚକ୍ର, ଯନ୍ତ୍ର ଓ ନବପତ୍ରିକାରେ ତନ୍ତ୍ର ପୂଜା ଅନୁଷ୍ଠିତ ହେବା ଓଡ଼ିଶା ତନ୍ତ୍ର ପରମ୍ପରାର ଅନ୍ୟତମ ଅଙ୍ଗ। ସ୍ୱଳ୍ପ ସମୟ ନିମିତ୍ତ ପୂଜା ଆସ୍ଥାନକୁ ମଣ୍ଡଳ, ଯନ୍ତ୍ର ଓ କୋଠିରେ ସୁସଜ୍ଜିତ କରି ଅସ୍ଥାୟୀ ତନ୍ତ୍ରପୀଠ ନିର୍ମାଣ ପୂର୍ବକ ସହଜ ଓ ସରଳ ବିଧିରେ ତନ୍ତ୍ର ପୂଜା କରିବାର ଓଡ଼ିଶାରେ ଭବ୍ୟ ପରମ୍ପରା ସ୍ୱରୂପରେ ପ୍ରତିଭାତ। ସର୍ବସାଧାରଣ କ୍ଲିଷ୍ଟ ଓ କଷ୍ଟସାଧ ତନ୍ତ୍ର ଉପାସନା ନକରି ମଧ ଏହି ସବୁ ଯାତ୍ରା, ଓଷା ଓ ପର୍ବପର୍ବାଣି ମାଧମରେ ମାତୃଭକ୍ତିରେ ଅବଗାହନ କରିପାରୁଛନ୍ତି। ସମ୍ପ୍ରତି ଓଡ଼ିଶାର ନଗର, ଗ୍ରାମ, ପଲ୍ଲୀ ସର୍ବତ୍ର ମୃଣ୍ମୟୀ କାଳୀ ପୂଜା, ଦୁର୍ଗାପୂଜା ଓ ଲକ୍ଷ୍ମୀ ପୂଜା ପ୍ରଭୃତି ଅନୁଷ୍ଠିତ ହେଉଛି।

ଓଡ଼ିଶା ହେଉଛି ଶାକ୍ତ ତନ୍ତ୍ରର ଉନ୍ମେଷସ୍ଥଳୀ। ଏହାକୁ ଆଧାର କରି ଓଡ଼ିଶାରେ ବୈଷ୍ଣବତନ୍ତ୍ର, ଶୈବତନ୍ତ୍ର, ଶାବର ତନ୍ତ୍ର, ନାଥ ତନ୍ତ୍ର, ନାଗାନ୍ତକ ବିଦ୍ୟା ପ୍ରଭୃତି ଉତ୍ତରୋତ୍ତର ବିକାଶ ଲାଭ କରିଥିଲା। ଅଧିକନ୍ତୁ, ଓଡ଼ିଶା ଶାକ୍ତ ପରମ୍ପରା ଉଦବୁଦ୍ଧ ହୋଇ ନିରୀଶ୍ୱରବାଦୀ ବୌଦ୍ଧମାନେ ଏହି ମାଟିରେ ବୌଦ୍ଧ ତନ୍ତ୍ରର ଉନ୍ମେଷ ଓ ବିକାଶ ଘଟାଇ ପାରିଥିଲେ। ପରିଣାମ ସ୍ୱରୂପ ଓଡ଼ିଶା ତନ୍ତ୍ର ସମନ୍ୱୟର ମହାପୀଠ ଭାବରେ ବିଶ୍ୱରେ ସ୍ୱତନ୍ତ୍ର ଆସନ ଅଳଙ୍କୃତ କରିଥିଲା। ଓଡ଼ିଶାର ତନ୍ତ୍ରଧାରା ପରିବର୍ତ୍ତିତ ସମୟ ଓ ସମାଜ ସହିତ ତାଳ ଦେଇ ପାରମ୍ପରିକ ପରିଧିରେ ଆତ୍ମିକ ସନନ୍ଦ ଭାବରେ ପ୍ରତିଭାତ ହୋଇଥିଲା। ଏହାଦ୍ୱାରା ଦେବଦେବୀ ଉପାସନା ନିର୍ଦ୍ଦିଷ୍ଟ ଗୋଷ୍ଠୀ ଭିତରେ ଆବଦ୍ଧ ନହୋଇ ସାର୍ବଜନୀନ ସ୍ୱରୂପ ଗ୍ରହଣ କଲା। ସଂକ୍ଷେପରେ ଉଲ୍ଲେଖ କଲେ, ତନ୍ତ୍ରର ଉତ୍ତରଣରେ ଓଡ଼ିଶା ମାଟିରେ ଜନ୍ମ ନେଇଥିବା ତନ୍ତ୍ରର ନୂତନ ସଂବୋଧି ଦ୍ୱାରା ଉପାସନାର ଧାରା, ସରଳ, ସହଜ, ସୁବୋଧ ଓ ସାର୍ବଜନୀନ ହୋଇପାରିଛି।

ବେଦରେ ଭଗବତୀ ଦେବୀଙ୍କ ସ୍ତୁତି ସମ୍ପର୍କରେ କୁହାଯାଇଛି- ଦେବୀ! ହେ ମହାମାୟା! ତୁମେ ହିଁ ଏ ବିଶ୍ୱର ସୃଷ୍ଟିକାରିଣୀ। ଭଗବାନ ଶଙ୍କରଙ୍କ ମନୋରଥ ପୂର୍ଣ୍ଣ କାରିଣୀ, ଜଗତମୟୀ ଜଗଦମ୍ବା। ସମସ୍ତ ପ୍ରାଣୀଙ୍କ ଆଶ୍ରୟ ଦାନରେ ତୁମେ ହିଁ ଅର୍ଦ୍ଧମାତ୍ରା ଏବଂ ଗାୟତ୍ରୀରେ ତୁମେ ହିଁ ପ୍ରଣବ।

**ଦକ୍ଷିଣ ରାଢ଼ଙ୍ଗ, ବଳଗାଁ, ପୁରୀ, ମୋବାଇଲ୍: ୯୭୭୬୮୨୫୦୯୪**



# ଦେବୀ ଦୁର୍ଗାଙ୍କର ଦଶ ମହାବିଦ୍ୟା ଓ ଭୁଜ ବୈଶିଷ୍ଟ୍ୟ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ଦୁର୍ଗାଙ୍କର ବିଦ୍ୟାରୂପୀ ଦଶଶକ୍ତି ନିରୂପଣ କରାଯାଇଛି ଆଗମ ଶାସ୍ତ୍ରରେ। ସେହି ଦଶ ମହାବିଦ୍ୟା ହେଉଛନ୍ତି - କାଳୀ, ତାରା, ଷୋଡ଼ଶୀ, ଭୁବନେଶ୍ୱରୀ, ଭୈରବୀ, ଛିନ୍ନମସ୍ତା, ଧୂମାବତୀ, ବଗଳାମୁଖୀ, ମାତଙ୍ଗୀ ଏବଂ କମଳା। ଏହାମଧରେ କାଳୀ, ତାରା, ଛିନ୍ନମସ୍ତା, ଧୂମାବତୀ ଉଗ୍ରା, ତଥା ବଗଳା, ଭୈରବୀ ସୌମ୍ୟୋଗ୍ର ମହାବିଦ୍ୟା ଏବଂ ଷୋଡ଼ଶୀ, ଭୁବନେଶ୍ୱରୀ, କମଳା, ମାତଙ୍ଗୀ ସୌମ୍ୟ ମହାବିଦ୍ୟା ରୂପେ ପରିଚିତା। ସୌମ୍ୟ ମହାବିଦ୍ୟାଙ୍କୁ ଶ୍ରୀସୁନ୍ଦରୀ କୁଳରେ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ଉଗ୍ର, ସୌମ୍ୟୋଗ୍ର ମହବିଦ୍ୟାଙ୍କୁ କାଳୀ କୁଳରେ ଅନ୍ତର୍ଭୁକ୍ତ କରାହୋଇଛି। ଶ୍ରୀସୁନ୍ଦରୀ ଦେବୀମାନଙ୍କ ଆରଧନା ଗୃହ ମଧରେ ହେଉଥିଲାବେଳେ କାଳୀକୁଳ ଦେବୀମାନଙ୍କ ଉପାସନା ଶ୍ମଶାନ, ବଣ, ନଦୀତଟ ଆଦି ନିର୍ଜନ ସ୍ଥାନରେ ହୋଇଥାଏ, ତଥା ସୌମ୍ୟୋଗ୍ର ବିଦ୍ୟା ଉଭୟ ସ୍ଥାନରେ ଉପାସିତା ହୁଅନ୍ତି। ମନ୍ଦିରମାଳିନୀ ଓଡ଼ିଶା ସାରା ବିଶ୍ୱରେ ମୂର୍ତ୍ତି ନିର୍ମାଣ କ୍ଷେତ୍ରରେ ପ୍ରମୁଖ ସ୍ଥାନ ଗ୍ରହଣ କରୁଥିବା ବେଳେ ମନ୍ଦିର ଗାତ୍ର ହେଉ ବା ମନ୍ଦିର ବକ୍ଷରେ ହେଉ ବିଭିନ୍ନ ଦେବଦେବୀ ବିଭିନ୍ନ ରୂପରେ ପୂଜା ପାଉଥିବା ଦେଖା ଯାଏ। ସେହିପରି ଦୁର୍ଗାଙ୍କୁ ଦଶଭୁଜା ବୋଲି କୁହାଯାଉଥିଲେ ମଧ ବହୁ ମନ୍ଦିରରେ ତାଙ୍କୁ ବିଭିନ୍ନ ରୂପରେ ଦେଖିବାକୁ ମିଳିଥାଏ। କେଉଁଠି ଦ୍ୱିଭୁଜା ଆକାରରେ ତ କେଉଁଠି ଚତୁର୍ଭୁଜା ରୂପରେ। କେଉଁଠି ଷଡଭୁଜା ତ କେଉଁଠି ଅଷ୍ଟଭୁଜା। ଏପରିକି ଅଷ୍ଟାଦଶ ଭୁଜା ସମ୍ପନ୍ନ ଦେବୀ ମଧ କେତେକ ସ୍ଥାନରେ ଦୃଶ୍ୟ ହୁଅନ୍ତି। ଦୁର୍ଗା ମୂର୍ତ୍ତିର ବିଭିନ୍ନ ରୂପ ସମ୍ପର୍କରେ ଆଲୋକପାତ କରିବା ପୂର୍ବରୁ ପ୍ରଥମେ ଏହା ଠାବ କରାହୁଏ ପ୍ରାଚୀନ ସିନ୍ଧୁ ସଭ୍ୟତାରେ ମାଟି ନିର୍ମିତ ମୂର୍ତ୍ତିରୁ। ଖ୍ରୀ.ପୂ. ଦ୍ୱିତୀୟ-ପ୍ରଥମ ଶତାବ୍ଦୀର ଯେଉଁ ମୂର୍ତ୍ତି ଆବିଷ୍କାର କରାଯାଇଛି ସେଥିରେ ଜଣେ ନାରୀ ଗୋଟିଏ ମହିଷକୁ ବଧ କରିବା ଦେଖାଯାଇଛି। ତେବେ ବର୍ତ୍ତମାନର କଳା କୌଶଳ ସମ୍ପନ୍ନ ଦୁର୍ଗା ମୂର୍ତ୍ତି ସାଧାରଣତଃ ଖ୍ରୀ.ଅ.୪ର୍ଥ- ୫ମ ଶତାବ୍ଦୀରୁ ହିଁ ଦେଖାଯାଏ।

ପ୍ରଥମ ଜାଣିବା ମା ଦୁର୍ଗାଙ୍କର ଦ୍ୱିଭୁଜା ସମ୍ପର୍କରେ। ଓଡ଼ିଶାର ସର୍ବପ୍ରାଚୀନ ଦୁର୍ଗା ମୂର୍ତ୍ତି ହେଉଛନ୍ତି ଯାଜପୁରର ବିରଜା ମୂର୍ତ୍ତି। ସମୁଦ୍ରଗୁପ୍ତଙ୍କ ଦକ୍ଷିଣ ଭାରତ ବିଜୟ ବେଳେ ଉତ୍ତର ଭାରତର କାନ୍ୟକୁବ୍ ଜମାନେ ଆସି ଯାଜପୁରରେ ବାସ କରୁଥିଲେ। ସେହିସମୟରେ ଏହି ମୂର୍ତ୍ତିକୁ ଏଠାରେ ଅବସ୍ଥାପିତ କରାଯାଇଥିବା ଜଣାଯାଏ। ଏଠାରେ ଦୁର୍ଗା ଦ୍ୱିଭୁଜା ସମ୍ପନ୍ନ ଏବଂ ମୁକୁଟରେ ସନ୍ନିବେଶିତ ହୋଇଥିବା ପଞ୍ଚଦେବତା ହେଉଛନ୍ତି ଗଣେଶ, ଶଙ୍ଖଚକ୍ର ସହ ଶିବଲିଙ୍ଗ, ନାଗ ଓ ଚନ୍ଦ୍ର। ମାହଙ୍ଗାର ଶୁକ୍ଳେଶ୍ୱର ମନ୍ଦିର, ଟାଙ୍ଗୀର ଚଣ୍ଡେଶ୍ୱର ମନ୍ଦିର, ଭୁବନେଶ୍ୱରର ଭଗ୍ନ ବୁଦ୍ଧନାଥ ମନ୍ଦିରରେ ଦ୍ୱିଭୁଜା ଦୁର୍ଗା ଦେଖିବାକୁ ମିଳେ। ମହିଷ ରୂପରେ ଥିବା ଅସୁରର ଶରୀର ସାଧାରଣତଃ ଶୈଳୋଦ୍ ଭବ ରାଜତ୍ୱ ସମୟରେ ଅର୍ଥାତ ୬ଷ୍ଠ – ୮ମ ଶତାବ୍ଦୀରେ ଦେଖାଯାଇଥିଲା। ପରେ ଏହି ରୂପ ଅଧିକାଂଶ ଜାଗାରେ ଦେଖିବାକୁ ମିଳିଥିଲା। କେତେକ କ୍ଷେତ୍ରରେ ଛିନ୍ନମସ୍ତକ ମହିଷ ଶରୀରରୁ ମନୁଷ୍ୟରୂପୀ ଅସୁରର ଆବିର୍ଭାବ ଭୁବନେଶ୍ୱରର କେତେକ ମନ୍ଦିରରେ ଦେଖାଯାଏ। ଏହିପରି ଏକ ମୂର୍ତ୍ତି ଲିଙ୍ଗରାଜ ମନ୍ଦିରରେ ରହିଛି। ନିଆଳିର ଶୋଭନେଶ୍ୱର, ଅତଶପୁର, ମାହାଙ୍ଗାର ଶୁକ୍ଳେଶ୍ୱର, ଗଞ୍ଜାମର ବଡଗାଁ ଆଦି ମନ୍ଦିରରେ ଏହି ଧରଣର ମୂର୍ତ୍ତି ଦେଖାଯାଏ। ଦ୍ୱିତୀୟରେ ଚତୁର୍ଭୁଜା ଦୁର୍ଗାଙ୍କ ହସ୍ତ ସଂଖ୍ୟା ବୃଦ୍ଧି ଏକ ଉଲ୍ଲେଖନୀୟ ବିଷୟ ହେଲେ ବି ଏହା ଉପରେ ବିଶେଷ ଗବେଷଣା ହୋଇନାହିଁ। ଚତୁର୍ଭୁଜସମ୍ପନ୍ନ ଦୁର୍ଗାମୂର୍ତ୍ତି ଭୁବନେଶ୍ୱର



ଲକ୍ଷ୍ମଣେଶ୍ୱର ମନ୍ଦିର, ମାର୍କଣ୍ଡେଶ୍ୱର ମନ୍ଦିର, କୋଣାର୍କ ନିକଟସ୍ଥ ବୟାଳିଶିବାଟିର ଗଙ୍ଗେଶ୍ୱରୀ ଦେଉଳରେ ଦେଖାଯାଏ। ଚତୁର୍ଭୁଜ ମୂର୍ତ୍ତିରେ ଦେବୀ ମୁଖ୍ୟ ଦୁଇ ହସ୍ତରେ ତ୍ରିଶୂଳକୁ ସଳଖ ଭାବେ ଅସୁର ବକ୍ଷରେ ଭେଦ କରୁଥିବା ଦେଖାଯାଏ। ଚତୁର୍ଭୁଜା ବିଗ୍ରହ ଖୋର୍ଦ୍ଧା ନିକଟସ୍ଥ ବଳପୁରରେ ଶୋଭାପାଉଛି। ଭୁବନେଶ୍ୱରର ମେଘେଶ୍ୱର ଓ ବାଣପୁରର ଦକ୍ଷ ପ୍ରଜାପତି ମନ୍ଦିରରେ ଚତୁର୍ଭୁଜା ଦୁର୍ଗାମୂର୍ତ୍ତି ରହିଛି। ଢେଙ୍କାନାଳର କପିଳାସରେ ଥିବା ମହିଷମର୍ଦ୍ଦିନୀ ଶଙ୍ଖ, ଚକ୍ର, ତ୍ରିଶୂଳ ଧାରଣ କରିଥିବା ଚତୁର୍ଭୁଜା ବକ୍ର ଭଙ୍ଗୀରେ ଠିଆ ହୋଇଥିବା ବେଳେ ଏହା ୧୪ଶ ଶତାବ୍ଦୀରେ ନିର୍ମିତ ବୋଲି କୁହାଯାଏ। ତୃତୀୟ ସ୍ୱରୂପ ଷଡ଼ଭୁଜା। ଖ୍ରୀଷ୍ଟାବ୍ଦ ୬ଷ୍ଠ – ୮ମ ଶତବ୍ଦୀରେ ଷଡଭୁଜା ଦୁର୍ଗା ନିର୍ମିତ ହୋଇଥିଲା ବୋଲି କୁହଯାଏ। ଭୁବନେଶ୍ୱରର ପର୍ଶୁରାମେଶ୍ୱର ମନ୍ଦିରରେ ଏହିପରି ଏକ ମୂର୍ତ୍ତି ଦେଖାଯାଏ। ଭୁବନେଶ୍ୱରର ଉତ୍ତରେଶ୍ୱର ଓ ବିନ୍ଦୁସାଗର ନିକଟସ୍ଥ ମନ୍ଦିରରେ ଏହିଧରଣର ମୂର୍ତ୍ତି ଦେଖିବାକୁ ମିଳେ। ମହାନଦୀ ଟାପୁରେ ଥିବା ସିଂହନାଥ ମନ୍ଦିର ଗାତ୍ରରେ ମଧ ଏହିପରି ଏକ ମୂର୍ତ୍ତି ରହିଛି। ଚତୁର୍ଥ ରେ ଅଷ୍ଟଭୁଜା। ଖ୍ରୀଷ୍ଟାବ୍ଦ ୮ମ – ୯ମ ଶତାବ୍ଦୀରେ ଅଷ୍ଟଭୁଜା ଦୁର୍ଗା ମୂର୍ତ୍ତିର ପ୍ରସାର ହୋଇଥିଲା ଏବଂ ଅନେକ ମନ୍ଦିରରେ ଏହିଧରଣର ମୂର୍ତ୍ତି ସ୍ଥାନ ପାଇଥିଲା। ଭୁବନେଶ୍ୱରର ଚାମୁଣ୍ଡାଦେବୀ ମନ୍ଦିର, ବୈତାଳ ଦେଉଳରେ ଏହି ମୂର୍ତ୍ତି ଦେଖାଯାଏ। ଏହାର ଉତ୍ତର ପାର୍ଶ୍ୱବାଡରେ ପାର୍ଶ୍ୱଦେବୀ ଭାବେ ସ୍ଥାନିତ ଏହିପ୍ରକାର ମୂର୍ତ୍ତିଟି ଅତ୍ୟନ୍ତ ଶ୍ରେଷ୍ଠ ବୋଲି କୁହାଯାଏ। ଅଷ୍ଟଭୁଜର ଦକ୍ଷିଣହସ୍ତରେ ଖଡ୍ଗ, ଚକ୍ର, ତ୍ରିଶୂଳ ଆଦି ହିଁଥିବା ବେଳେ ବାମହସ୍ତରେ ଢାଲ, ଧନୁ, ସର୍ପ ଆଦି ରହିଛି। ପ୍ରାଚୀନଦୀ ଅବବାହିକାର ଅସ୍ତରଙ୍ଗ, ମୋଟିଆ, କୋଣାର୍କ, ବାଲେଶ୍ୱରର ଶେରଗଡ଼, ଢେଙ୍କାନାଳର କୁଆଲୋ ଆଦି ଗ୍ରାମର ମନ୍ଦିରରେ ଏହି ଧରଣର ମୂର୍ତ୍ତି ରହିଛି। ପଞ୍ଚମରେ ଦଶଭୁଜା। ଖ୍ରୀଷ୍ଟାବ୍ଦ ୧୦ମ ଶତାବ୍ଦୀରୁ ଦଶଭୁଜା ମୂର୍ତ୍ତିର ପ୍ରସାର ଆରମ୍ଭ ହୋଇଥିଲା ଏବଂ ଏହି ମୂର୍ତ୍ତି ଓଡ଼ିଶାର ବହୁ ସ୍ଥାନରେ ଦେଖାଯାଏ। ଶିଶିରେଶ୍ୱର ମନ୍ଦିର ଜଗମୋହନ ମଧରେ ଏହିପରି ଏକ ମୂର୍ତ୍ତି ରହିଥିବା ବେଳେ କଳାରାହଙ୍ଗ ଗ୍ରାମର ଜଳେଶ୍ୱର ମନ୍ଦିର ମୂର୍ତ୍ତିଟି ଏହି ଧରଣର। ପ୍ରାଚୀନଦୀ ଅବବାହିକାରେ ଏହି ଧରଣର ମୂର୍ତ୍ତି ବହୁଳ ମାତ୍ରାରେ ଦେଖାଯାଏ। କଟକର ଶୁକ୍ଳେଶ୍ୱର, ନିଆଳିର ଶୋଭନେଶ୍ୱର, ବାଲେଶ୍ୱରର ଦାଦପୁର, ଶେରଗଡ଼, କଟକର ବଟେଶ୍ୱର, ମହାନଦୀ କୂଳ ସିଂହନାଥ ଓ ବୈଦ୍ୟେଶ୍ୱରରେ ଏହି ଧରଣର ମୂର୍ତ୍ତି ରହିଛି। ଷଷ୍ଠରେ ଦ୍ୱାଦଶଭୁଜା। ଓଡ଼ିଶାରେ ଦ୍ୱାଦଶଭୁଜ ବିଶିଷ୍ଟ ଦୁର୍ଗା ମୂର୍ତ୍ତି ଖୁବ କମ ଦେଖିବାକୁ ମିଳେ। ଏହିମୂର୍ତ୍ତିଗୁଟିକ ସାଧାରଣତଃ ଖ୍ରୀ୭ମରୁ ୯ମ ଶତାବ୍ଦୀ ମଧରେ ନିର୍ମିତ ହୋଇଥିଲା। କଟକଜିଲ୍ଲା ଧର୍ମଶାଳାରୁ ଆନୀତ ଦ୍ୱାଦଶଭୁଜା ବିଶିଷ୍ଟ ଦୁର୍ଗାମୂର୍ତ୍ତି ରାଜ୍ୟ ସଂଗ୍ରହାଳୟରେ ରହିଛି। ଢେଙ୍କାନାଳର କୁଆଲୋର କନକେଶ୍ୱର ମନ୍ଦିର ପରିସରରେ ଏହି ଧରଣର ଏକ ବିରଳ ମୂର୍ତ୍ତି ରହିଛି। ପ୍ରାଚୀନଦୀ ଅବବାହିକାର ଅମଣାକୁଦ ଗ୍ରାମରେ ଲାଲ କନ୍ଧା ପଥରରେ ନିର୍ମିତ ଏହିମୂର୍ତ୍ତି ଅତି କମନୀୟ। ସପ୍ତମରେ ଅଷ୍ଟାଦଶଭୁଜା। ଖ୍ରୀଷ୍ଟାବ୍ଦ ୧୫ଶ ଶତାବ୍ଦୀରେ ଷୋଡଶ ଭୁଜା ଓ ଅଷ୍ଟାଦଶ ଭୁଜା ବିଶିଷ୍ଟ ଦୁର୍ଗାମୂର୍ତ୍ତି ନିର୍ମିତ ହୋଇଥିଲା। ତେବେ ଖୁବ କମ୍ ସ୍ଥାନରେ ଏହିମୂର୍ତ୍ତି ଦେଖାଯାଏ। ଖୋର୍ଦ୍ଧା ନିକଟସ୍ଥ ଡିଆ ଗ୍ରାମରେ ଏହିଧରଣର ଏକ ଅଷ୍ଟାଦଶଭୁଜା ବିଶିଷ୍ଟ ଦୁର୍ଗାମୂର୍ତ୍ତି ରହିଛି। ରାଜ୍ୟରେ ଶୈଳୋଦ୍ଭବ ରାଜତ୍ୱ ସମୟରେ ନିର୍ମିତ ମନ୍ଦିରଗୁଡିକରେ ପାର୍ବତୀଙ୍କ ମୂର୍ତ୍ତିକୁ ପାର୍ଶ୍ୱଦେବୀ ଭାବେ ତିଆରି କରାଯାଉଥିବା ବେଳେ ଭୌମିକ ରାଜତ୍ୱ ସମୟରେ ଦୁର୍ଗାମୂର୍ତ୍ତିକୁ ପ୍ରାଧାନ୍ୟ ଦିଆଗଲା। ତେବେ ପୁଣି ସୋମବଂଶୀ ଓ ଗଙ୍ଗବଂଶୀ ରାଜତ୍ୱରେ ରାଜତ୍ୱରେ ପାର୍ବତୀଙ୍କ ମୂର୍ତ୍ତିକୁ ପ୍ରାଧାନ୍ୟ ଦିଆଗଲା। ତେବେ ଭୁଜ ସଂଖ୍ୟା କାହିଁକି ଭିନ୍ନ ଭିନ୍ନ ତାହାର କୌଣସି କାରଣ ଜଣାପଡ଼ି ନ ଥିବା ବେଳେ ମାନସିକ ପ୍ରତିଫଳନର ଆଧାର ବୋଲି ବିଚାର କରାଯାଏ। ପୁଣି ମଧ୍ୟଯୁଗୀୟ କଳାକୌଶଳର ଏହା ଏକ ପ୍ରତିଫଳନ ବୋଲି କେହି କେହି କହନ୍ତି।

**ଅରଙ୍ଗାବାଦ ବରୀ ଯାଜପୁର**
**ମୋବାଇଲ: ୮୨୪୯୫୦୨୭୭୬**

# ଝଙ୍କଡ଼ବାସିନୀ ଶାରଳାଙ୍କ ସୃଷ୍ଟି, ସ୍ଥିତି ଓ ସ୍ୱରୂପ



ଡକ୍ଟର ତପନ କୁମାର ପାଳ

'ଝଙ୍କଡ଼ବାସିନୀ ଶାରଳା; ଯେଉଁ ପୀଠରେ ଶାରଳା ଦାସ ସିଦ୍ଧି ଲାଭ କରିଥିଲେ ତାର ମହାତ୍ମ୍ୟ ସମ୍ପର୍କରେ ଏକ ବିବରଣୀ। ମା'ଶାରଳା ଝଙ୍କଡ଼ର ଅଧିଷ୍ଠାତ୍ରୀ ଦେବୀ ହିସାବରେ ବହୁକାଳରୁ ପୂଜା ପାଇଁ ଆସୁଛନ୍ତି। ଝଙ୍କଡ଼ ଏକ ପ୍ରଗଣା। ପୂର୍ବେ ଏହା ନାମ ଜଙ୍ଘେରପୁର ଥିଲା ବୋଲି ଶାରଳା ମହାଭାରତରେ ଉଲ୍ଲେଖ ଅଛି। ଜଙ୍ଘେରପୁର ସମ୍ଭବତଃ ଯକ୍ଷପୁରର ଅପଭ୍ରଂଶ। ଶାରଳା ଠାକୁରାଣୀ ଝଙ୍କଡ଼ପୁରର ଅଧିଷ୍ଠାତ୍ରୀ ଦେବୀ ବୋଲି ସାରଳା ଦାସ ଏକାଧିକ ସ୍ଥାନରେ ବର୍ଣ୍ଣନା କରିଛନ୍ତି। ଏହି ମନ୍ଦିରରେ ମା'ଙ୍କ ପ୍ରତିଷ୍ଠା ୧୩୨୧ ସାଲ ଆଷାଢ଼ ଦି୧୨ ନ ଠାରୁ ଦି.୧୯ନ ପର୍ଯ୍ୟନ୍ତ ହୋଇଥିବାର ଗବେଷକ ଗଣେଶ ପ୍ରସାଦ ପରିଜା ତାଙ୍କ ଶକ୍ତିପୀଠ ଶାରଳା ଓଡ଼ିଶା ସାହିତ୍ୟରେ ତାର ପ୍ରଭାବ' ପ୍ରବନ୍ଧରେ ଦର୍ଶାଇଛନ୍ତି। ଇତିପୂର୍ବରୁ ଶାରଳାଙ୍କ ମନ୍ଦିର ପୂର୍ବର ବଡ଼ ସାରଳେ ଏବଂ ବର୍ତ୍ତମାନର ହରିପୁର ଗ୍ରାମର ଲଣ୍ଡା ଦେଉଳ ଠାରେ ଥିଲା। ଉକ୍ତ ମନ୍ଦିରରେ ଦେବୀ ବହୁଦିନ ଧରି ପୂଜା ପାଇଥିଲେ। ୧୬୮୬ ମସିହାରେ ସମ୍ଭବତଃ ଔରଙ୍ଗଜେବଙ୍କ ଶାସନ କାଳରେ ଉକ୍ତ ମନ୍ଦିର ଭଙ୍ଗା ଯାଇଥିଲା ଏବଂ ସେଥିରୁ ବାହାରିଥିବା ପଥରରେ ତାହାର ଏକ ମାଇଲ ପଶ୍ଚିମକୁ ମୁଳିସିଂ - ସହର ଠାରେ ଏକ ମସଜିଦ ତିଆରି ହୋଇଥିବାର ଜଣାଯାଏ। ମସଜିଦ ନିର୍ମାଣ କାଳ ୧୦୯୮ ସାଲ ଉଲ୍ଲେଖ ଥିବା ଏହାକୁ ପୁଷ୍ଟ କରେ। ବର୍ତ୍ତମାନର ମନ୍ଦିର ଓଡ଼ିଶାର ଅନ୍ୟାନ୍ୟ ମନ୍ଦିର ପରି ନାଗର ଓ ଦ୍ରାବିଡ଼ ପ୍ରଥାର ବିଶିଷ୍ଟ ଶିଳ୍ପୀ ଯଥାକ୍ରମେ ମଣ୍ଡନ ଓ ମୟଙ୍କ ମିଳିତ କାରିଗରୀ କୌଶଳରେ ନିର୍ମିତ ହୋଇଛି।

ବର୍ତ୍ତମାନର ମା'ଙ୍କ ମୂର୍ତ୍ତି ମହିଷାମର୍ଦ୍ଦିନୀ ଦୁର୍ଗାଙ୍କ ମୂର୍ତ୍ତି। ସ୍ଥଳବିଶେଷରେ ମହୀଷାମର୍ଦ୍ଦିନୀ ଦୁର୍ଗାଙ୍କର ଦୁଇ ହାତ, ଦଶହାତ, ଚାରିହାତ, ଥିବାର ଦେଖାଯାଉଥିବାବେଳେ ଶାରଳାଙ୍କ ମୂର୍ତ୍ତିର ହାତ ସଂଖ୍ୟା ଆଠ, ଦେବୀ ବାମ ହାତରେ ଘଣ୍ଟା, ଧନୁ, ପଡ଼ିଶ ଏବଂ ମହିଷାସୁରର କେଶ ଧରିଥିବା ବେଳେ ଦକ୍ଷିଣ ହସ୍ତରେ ବୀଣା, ପୁସ୍ତକ, ଶୂଳ ଧାରଣ କରିଛନ୍ତି। ତାଙ୍କର ଶୂଳ ମହିଷାସୁରରେ ବକ୍ଷ ଭେଦ କରିବା ଅବସ୍ଥାରେ ଥିବାବେଳେ ଗୋଟିଏ ପାଦ ବାହାନ ସିଂହ ଉପରେ ଏବଂ ଆଉ ଗୋଟିଏ ପାଦ ମହିଷାସୁର ଉପରେ ରହିଅଛି। ଅନ୍ୟାନ୍ୟ ସ୍ଥାନରେ ମିଳୁଥିବା ମୂର୍ତ୍ତିଙ୍କ ତୁଳନାରେ ମା'ଙ୍କ ମୂର୍ତ୍ତି କ୍ଷୁଦ୍ର, ସୁନ୍ଦର, ଚିତାକର୍ଷକ ଏବଂ ଭକ୍ତି ଉଦ୍ରେକକାରୀ। ଐତିହାସିକ କୃଷ୍ଣଚନ୍ଦ୍ର



ପାଣିଗ୍ରାହୀ ଏହି ମୂର୍ତ୍ତିକୁ ଅଷ୍ଟମ ଶତାବ୍ଦୀର ବୋଲି କହିଛନ୍ତି। ଶାରଳାଙ୍କ ହସ୍ତରେ ଘଣ୍ଟି ଆୟୁଧ ରହିଥିବାରୁ ଶ୍ରୀଯୁକ୍ତ ଗଣେଶ ପରିଜା ଏହାକୁ ବୌଦ୍ଧ ଦେବୀ ବୋଲି ମତ ଉପସ୍ଥାପନ କରିଛନ୍ତି। ମାତ୍ର ଦୁର୍ଗାପୂଜା ବା ମାତୃପୂଜା ପରମ୍ପରା ବୈଦିକ ସଭ୍ୟତାର ପୂର୍ବବର୍ତ୍ତୀ ସମୟର। ସିନ୍ଧୁ ସଭ୍ୟତାରୁ ମିଳିଥିବା ମୂର୍ତ୍ତିମାନଙ୍କରୁ ଏହାର ପ୍ରମାଣ ମିଳେ। ପୁନଶ୍ଚ ଶକ୍ତିପୂଜା ଆର୍ଯ୍ୟୋତ୍ତର ଜାତିମାନଙ୍କର ମୁଖ୍ୟ ଧର୍ମଥିଲା ଏବଂ ଆର୍ଯ୍ୟ ସଂସ୍କୃତି ଉପରେ ଦ୍ରାବିଡ଼ ସଂସ୍କୃତିର ପ୍ରଭାବଫଳରେ ଶକ୍ତି ଉପାସନା ବ୍ୟାପକ ଭାବରେ ସମ୍ଭବ ହୋଇପାରିଥିଲା। ବୌଦ୍ଧଧର୍ମ ଓ ସାହିତ୍ୟର ବହୁ ପୂର୍ବରୁ ରଚିତ ତୈତରୀୟ, ଆରଣ୍ୟକ ଓ କେନ ଉପନିଷଦରେଉମା ଓ ପାର୍ବତୀଙ୍କର ବିଷୟ ଉଲ୍ଲେଖ ରହିଛି ଏବଂ ଦୁର୍ଗାଙ୍କର ପରବର୍ତ୍ତିତ ସ୍ୱରୂପ ମାତ୍ର। ଏହା ମଧ ଜଣାଯାଇଛି ଯେ ମହାଭାରତ ଭୀଷ୍ମ ପର୍ବରେ ଅର୍ଜୁନଙ୍କ ସ୍ତୁତିରେ ଏବଂ ବିରାଟ ପର୍ବରେ ଯୁଧିଷ୍ଠିରଙ୍କ ସ୍ତୁତିରେ ଉମାଙ୍କୁ ଦୁର୍ଗା ଏବଂ ମହିଷାମର୍ଦ୍ଦିନୀ ନାମରେ ବର୍ଣ୍ଣନା କରାଯାଇଛି।

ଶକ୍ତି ଉପାସନା, ମୂର୍ତ୍ତି ପୂଜା ପୃଷ୍ଠ ଭୂମିରେ ଶାରଳାଙ୍କ ସ୍ୱରୂପ ଏକ ବିସ୍ମୟକର ଏବଂ ଅନନ୍ୟ ସୃଷ୍ଟି। ପୂର୍ବୋକ୍ତ ବର୍ଣ୍ଣନା ଅନୁଯାୟୀ ଭୁବନେଶ୍ୱରର ମାର୍କଣ୍ଡେଶ୍ୱର ମନ୍ଦିରରେ ଚର୍ତୁଃଭୁଜା, ପ୍ରସିଦ୍ଧ ଶକ୍ତି ପୀଠ ଯାଜପୁରରେ ବିରଜାଙ୍କର ଦ୍ୱିଭୁଜା, ଅସ୍ତରଙ୍ଗର ଏକ ମନ୍ଦିରରେ ଷଡ଼ଭୂଜା ମୂର୍ତ୍ତି ଏବଂ ଭୁବନେଶ୍ୱରର ଶିଶିରେଶ୍ୱର ମନ୍ଦିର, ବୈତାଳ ମନ୍ଦିର, ପର୍ଶୁରାମେଶ୍ୱର ମନ୍ଦିର ଓ ଲକ୍ଷ୍ମଣେଶ୍ୱର ମନ୍ଦିରର ପାର୍ଶ୍ୱଦେବତା ରୂପରେ ଅଷ୍ଟଭୂଜା ମହୀଷାମର୍ଦ୍ଦିନୀ ମୂର୍ତ୍ତିଙ୍କର ପୂଜା ହେଉଅଛି। କିନ୍ତୁ କୌଣସି ଅଷ୍ଟଭୂଜା ମୂର୍ତ୍ତିର ଆୟୁଧରେ ବୀଣା ଏବଂ ପୁସ୍ତକ ଦେଖାଯାଏ ନାହିଁ। ଏହି ଅନୁକ୍ରମରେ ଶାରଳା ମହାସରସ୍ୱତୀ ରୂପରେ ପୂଜିତା ହୁଅନ୍ତି।

ମୁଖ୍ୟତଃ ଦେବୀ ମହିଷାମର୍ଦ୍ଦିନୀ ଏବଂ ଦୁର୍ଗା ରୂପରେ ପୂଜିତ ହେଲେ ହେଁ ସ୍ଥଳ ବିଶେଷରେ ତାଙ୍କର ନାମ ପରିବର୍ତ୍ତିତ ହୋଇଛି। ସାରୋଳ ଗ୍ରାମରେ ପୂଜିତା ହେଉଥିବାରୁ ତାଙ୍କୁ ଶାରଳା ଚଣ୍ଡୀ ହିସାବରେ ଆହ୍ୱାନ କରାଯାଇଛି ଏବଂ କାଳକ୍ରମେ ଶାରଳା ଭାବରେ ସମ୍ବୋଧିତ ହେଉଛନ୍ତି। ସାରଳା ମହାଭାରତରେ ଶତାଧିକ ସ୍ଥାନରେ ଦେବୀଙ୍କୁ ଶାରଳା ଚଣ୍ଡୀ, ସିଂହବାହିନୀ ଶାରଳା, ମା'ଶାରଳା ହିସାବରେ ସମ୍ବୋଧନ କରାଯାଇଛି। ସମ୍ଭବତଃ ଶାରଳା ଶବ୍ଦ ଲେଖମୁଖରେ କଥିତ ଓ ପରିବର୍ତ୍ତିତ ହୋଇ ସାରଦା ରୂପଧାରଣ କରିଛି।

ସାରଳା ଦାସ ସମ୍ଭବତଃ ମାର୍କଣ୍ଡେୟ ପୁରାଣ ଦ୍ୱାରା ପ୍ରଭାବିତ ହୋଇ ମା'ଶାରଳାଙ୍କୁ ମହିଷାମର୍ଦ୍ଦିନୀ ଚଣ୍ଡୀ ହିସାବରେ ଗ୍ରହଣ ଏବଂ ଆରାଧନା କରିଛନ୍ତି। ତାଙ୍କ ଲିଖିତ ମହାଭାରତ ଏବଂ ଚଣ୍ଡୀ ପୁରାଣର ଗ୍ରନ୍ଥରେ ସାରୋଳା ଚଣ୍ଡୀ ହିଁ ଏକମାତ୍ର ପ୍ରତ୍ୟକ୍ଷ ଦେବୀ ଗତିମୁକ୍ତି ପ୍ରଦାୟିନୀ। ମଣିଷକୁ ସୁଖ, ସ୍ୱାଚ୍ଛନ୍ଦ୍ୟ, ଧନସମ୍ପଦ, କ୍ଷମତା, ଐଶ୍ୱର୍ଯ୍ୟ ପ୍ରଦାନ କରିବାରେ ଏବଂ ସେମାନଙ୍କର ଭୟ ହରଣ କରିବାରେ ତାଙ୍କଠାରୁ ବଳି ଦେବତା ଆଉ ନଥିବାର ସେ ଶତାଧିକ ବାର ଉଲ୍ଲେଖ କରିଛନ୍ତି ଏବଂ ସେହି ପରମଶକ୍ତି, ସିଦ୍ଧିପ୍ରଦାୟିନୀ ଏବଂ ସଙ୍କଟ ତାରିଣୀ ଦେବୀଙ୍କ ଦାସାନୁଦାସ ହିସାବରେ ନିଜକୁ ସମର୍ପଣ କରିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଶାରଳା ଦେବୀଙ୍କ ମୂର୍ତ୍ତି ଐତିହାସିକ ମାନଙ୍କ ମତରେ ଅଷ୍ଟମରୁ ନବମ ଶତାବ୍ଦୀ ମଧରେ ବୋଲି ସ୍ଥିରୀକୃତ ହୋଇଅଛି। ଏଣୁ ଆପାତତଃ ସେହି ସମୟରୁ ପୂଜାପାଇ ଆସୁଛନ୍ତି ବୋଲି ଧରି ନିଆଯାଇଛି। କାରଣ ସେହି ସମୟରେ ମୂର୍ତ୍ତି କେବଳ ପୂଜା ପାଇବା ନିମିତ୍ତ ଗଠନ କରାଯାଇଥିଲା। କବି ସାରଳା ଦାସ ତାଙ୍କ ରଚିତ ଶାରଳା ମହାଭାରତ ଚଣ୍ଡୀପୁରାଣ ଏବଂ ବିଲଙ୍କା ରାମାୟଣରେ ଦେବୀଙ୍କର ପ୍ରଭୂତ ବର୍ଣ୍ଣନା କରିଛନ୍ତି। ସାରଳା ଦାସ ସମ୍ରାଟ କପିଳେନ୍ଦ୍ର ଦେବଙ୍କ ସମସାମୟିକ ଏବଂ ସମ୍ଭବତଃ ୧୪୩୫ ଖ୍ରୀଷ୍ଟାବ୍ଦରେ ଜନ୍ମ ଗ୍ରହଣ କରିଥିଲେ। ପଞ୍ଚଦଶ ଶତାବ୍ଦୀର ଲୋକ ଶାରଳା ଦେବୀ ବା ସାରୋଳା ଚଣ୍ଡୀ ତାଙ୍କର ଇଷ୍ଟଦେବୀ ଥିଲେ ଏବଂ ତାଙ୍କର ଦୟାରୁ ସେ ବାକସିଦ୍ଧ ହୋଇ ମହାକବି ହୋଇଥିବାରୁ ତାଙ୍କର ମହିମା ପ୍ରଖ୍ୟାପନ କରିଛନ୍ତି। ଏଥିରୁ ନିର୍ଣ୍ଣିତ ହେଉଛି ଯେ ସାରଳା ଦାସଙ୍କ ଲେଖାରେ ହିଁ ଝଙ୍କଡ଼ ପ୍ରଗଣାରେ ସାରୋଳ ଗ୍ରାମରେ ପୂଜା ପାଉଥିବା ସେହି ଚଣ୍ଡୀ ମୂର୍ତ୍ତି ଶତାଧିକ ବର୍ଷ ପରେ ସାରଳା ଠାକୁରାଣୀ ନାମରେ ପରିଚିତ ହୋଇଛନ୍ତି। ବର୍ତ୍ତମାନ ଯେତେ କାବ୍ୟ, କବିତା, ସାହିତ୍ୟ, ନାଟକ, ଭଜନ, ଜଣାଣ, ଚଉତିଶା, ଜନଶ୍ରୁତି, କିମ୍ବଦନ୍ତୀରେ ଯେତେ ସବୁ ଲେଖା ଏବଂ ଉଦ୍ଧୃତ ସମସ୍ତ ପଞ୍ଚଦଶ ଶତାବ୍ଦୀର ପରବର୍ତ୍ତୀ ସମୟର। ସାରଳା ଦାସ ତାଙ୍କର କୃତି ମାନଙ୍କରେ ସାରୋଳା ଚଣ୍ଡୀଙ୍କର ଉଲ୍ଲେଖ କରିଛନ୍ତି। ଏହା ଶାରଳା ଏବଂ ସାରଳା ଭାବରେ ଯଥାକ୍ରମେ ଚଣ୍ଡୀ ପୁରାଣ ମଧରେ ଉଲ୍ଲେଖ ରହିଅଛି।

**ଏସବିଆଇ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ**

## ଅନ୍‌ଲାଇନ ବେଟିଂ ଆପ୍ ମାମଲା

# ଉର୍ବଶୀ ରୌତେଲାଙ୍କୁ ଜେରା କଲା ଇଡି



ନୂଆଦିଲ୍ଲୀ,୩୦।୯: ବଲିଉଡ ଅଭିନେତ୍ରୀ ଉର୍ବଶୀ ରୌତେଲା ଅନଲାଇନ ବେଟିଂ ମାମଲାରେ ଇଡ଼ିରେ ହାଜର ହୋଇଛନ୍ତି। ଅନଲାଇନ ବେଟିଂ ପ୍ଲାଟଫର୍ମ ୧ x ବେଟରେ ୨୨ କୋଟି ଭାରତୀୟ ୟୁଜର୍ସ ରହିଛନ୍ତି। କେନ୍ଦ୍ର ସରକାର ନିକଟରେ ଅନଲାଇନ ଗେମିଂ ଆପ୍ ଉପରେ ବ୍ୟାନ୍ ଲଗାଇଛନ୍ତି। ଆଉ ଉର୍ବଶୀ ଏହି ଅନଲାଇନ ବେଟିଂ ପ୍ଲାଟଫର୍ମର ବ୍ରାଣ୍ଡ ଆମ୍ବାସାଡର ରହିଛନ୍ତି। ଉର୍ବଶୀ ରୌତେଲା ୧ x ବେଟ ବେଟିଂ ଆପରେ ବିଜ୍ଞାପନ କରିଥିଲେ। ଯାହାର ଭିଡିଓ ସୋସିଆଲ ମିଡିଆରେ ରହିଛି। ଏହି ଆଧାରରେ ଉର୍ବଶୀଙ୍କୁ ପଚରାଉଚରା ପାଇଁ ଇଡି ଡାକିଛି। ଇଡି ଯାଞ୍ଚରୁ ଜଣାପଡିଛି କି, ଅନଲାଇନ ବେଟିଂ ପ୍ଲାଟଫର୍ମ ବେଆଇନ ଭାବେ ଭାରତରେ ନିଜର କାରବାର କରୁଛି। ଯାହାର ବିଜ୍ଞାପନ ଏବଂ ପ୍ରଚାର ପ୍ରସାରରେ ଅନେକ ସେଲିବ୍ରିଟି ଜଡିତ ରହିଛନ୍ତି। ଇଡି ଜାଣିବାକୁ ଚାହୁଁଚି କି, ଏହି ସେଲିବ୍ରିଟି ଆପର ପ୍ରଚାର ଓ ପ୍ରସାରରେ ଏମାନଙ୍କ ଭୂମିକା କେତେ ? ଉର୍ବଶୀ ରୌତେଲାଙ୍କୁ ମଧ ସମନ କରାଯାଇଥିଲା। ହେଲେ ସେ ବିଦେଶରେ ଥିବାରୁ ସେ ହାଜର ହୋଇନଥିଲେ ଉର୍ବଶୀ ରୌତେଲାଙ୍କୁ ମଧ ସମନ କରାଯାଇଥିଲା। ହେଲେ ସେ ବିଦେଶରେ ଥିବାରୁ ସେ ହାଜର ହୋଇନଥିଲେ। ଏପର୍ଯ୍ୟନ୍ତ କ୍ରିକେଟର ଯୁବରାଜ ସିଂହ, ସୁରେଶ ରୈନା, ରବିନ୍ ଉଥାପ୍ପା, ଶିଖର ଧାୱନ ଏବଂ ଅଭିନେତା ସୋନୁ ସୁଦ, ମିମି ଚକ୍ରବର୍ତ୍ତୀ ଏବଂ ଅଙ୍କୁଶ ହାଜରାଙ୍କୁ ଏହି ମାମଲାରେ ପଚରାଉଚରା କରାଯାଇଛି।

## ଗାଜା-ଇସ୍ରାଏଲ ବିବାଦ

# ଟ୍ରମ୍ପଙ୍କ ଯୋଜନାକୁ ପ୍ରଧାନମନ୍ତ୍ରୀଙ୍କ ସ୍ୱାଗତ



ନୂଆଦିଲ୍ଲୀ,୩୦।୯: ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହ ତାଙ୍କର ବୈଠକ ଶେଷ କରିବା ପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହାକୁ ଏକ ଐତିହାସିକ ଦିନ ବୋଲି କହିଛନ୍ତି। ଗାଜା ବିବାଦରେ ୨୦-ସୂତ୍ରୀ ଚୁକ୍ତିନାମା ଉପସ୍ଥାପନ କରିଛନ୍ତି ଟ୍ରମ୍ପ। ଟ୍ରମ୍ପଙ୍କ ଯୋଜନାକୁ ସ୍ୱାଗତ କରିଛନ୍ତି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏହା ଉଭୟ ପକ୍ଷ ମଧ୍ୟରେ ସହମତି ଏବଂ ଶାନ୍ତିର ପଥ ସୃଷ୍ଟି କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

ପ୍ରଧାନମନ୍ତ୍ରୀ ମୋଦି ଟ୍ୱିଟ୍ କରିଛନ୍ତି, "ଆମେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଗାଜା ଯୁଦ୍ଧ ସମାପ୍ତ କରିବା ପାଇଁ ଏକ ବ୍ୟାପକ ଯୋଜନା ଘୋଷଣାକୁ ସ୍ୱାଗତ କରୁଛୁ। ଏହା ପାଲେଷ୍ଟାଇନ୍ ଏବଂ ଇସ୍ରାଏଲୀ ଲୋକଙ୍କ ପାଇଁ ଏବଂ ବ୍ୟାପକ ପଶ୍ଚିମ ଏସୀୟ କ୍ଷେତ୍ର ପାଇଁ ଦୀର୍ଘକାଳୀନ ଏବଂ ସ୍ଥାୟୀ ଶାନ୍ତି, ସୁରକ୍ଷା ଏବଂ ବିକାଶ ପାଇଁ ଏକ କାର୍ଯ୍ୟକାରୀ ପଥ ପ୍ରଦାନ କରେ। ଆମେ ଆଶା କରୁଛୁ ଯେ ସମସ୍ତ ସମ୍ପୃକ୍ତ ପକ୍ଷ ରାଷ୍ଟ୍ରପତି ଟ୍ରମ୍ପଙ୍କ ପଦକ୍ଷେପ ପଛରେ ଏକଜୁଟ ହେବେ ଏବଂ ସଂଘର୍ଷ ସମାପ୍ତ କରିବା ଏବଂ ଶାନ୍ତି ସୁନିଶ୍ଚିତ କରିବା ପାଇଁ ଏହି ପ୍ରୟାସକୁ ସମର୍ଥନ କରିବେ।" ଆମେ ରାଷ୍ଟ୍ରପତି ଡୋନାଲ୍ଡ ଜେ. ଟ୍ରମ୍ପଙ୍କ ଗାଜା ସଂଘର୍ଷର ଅନ୍ତ ପାଇଁ ଏକ ବ୍ୟାପକ ଯୋଜନା ଘୋଷଣାକୁ ସ୍ୱାଗତ କରୁଛୁ। ଏହା ପାଲେଷ୍ଟାଇନ ଏବଂ ଇସ୍ରାଏଲୀ ଲୋକଙ୍କ ପାଇଁ ଏବଂ ବୃହତ ପଶ୍ଚିମ ଏସୀୟ କ୍ଷେତ୍ର ପାଇଁ ଦୀର୍ଘକାଳୀନ ଏବଂ ସ୍ଥାୟୀ ଶାନ୍ତି, ସୁରକ୍ଷା ଏବଂ ବିକାଶ ପାଇଁ ଏକ କାର୍ଯ୍ୟକାରୀ ପଥ ପ୍ରଦାନ କରେ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଇସ୍ରାଏଲ-ହମାସ ସଂଘର୍ଷ ଉପରେ ଭାରତର ଦୃଢ଼ ଦୃଷ୍ଟିକୋଣକୁ ଦୋହରାଇଛି ଏବଂ ତୁରନ୍ତ ଯୁଦ୍ଧବିରତି, ବନ୍ଧକଙ୍କ ନିରନ୍ତର ମୁକ୍ତି ଏବଂ ମାନବିକ ସହାୟତାର ନିରନ୍ତର ଯୋଗାଣ ପାଇଁ ଆହ୍ୱାନ କରିଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମଧ ଦୁଇ-ରାଷ୍ଟ୍ର ସମାଧାନକୁ ସମର୍ଥନ କରିଛି। ବୈଦେଶିକ ବ୍ୟାପାରମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସୱାଲ କହିଛନ୍ତି, "ଦ୍ୱନ୍ଦ୍ୱ ଉପରେ ଆମର ସ୍ଥିତି ସ୍ପଷ୍ଟ ଏବଂ ସ୍ଥିର ରହିଛି। ଏଥିରେ କୌଣସି ପରିବର୍ତ୍ତନ ହୋଇନାହିଁ। ଆମେ ଯୁଦ୍ଧବିରତି, ବନ୍ଧକଙ୍କ ନିରନ୍ତର ମୁକ୍ତି ଏବଂ ଗାଜାର ଲୋକମାନଙ୍କୁ ମାନବିକ ସହାୟତାର ନିରନ୍ତର ଯୋଗାଣ ପାଇଁ ଆହ୍ୱାନ କରିବୁ।"

## ନୂଆ ବିପଦ ପ୍ରତି ସତର୍କ କରାଇଲେ ସିଡିଏସ୍

ନୂଆଦିଲ୍ଲୀ, ୩୦।୯: ବିଶ୍ୱବ୍ୟାପୀ ରାଜନୈତିକ ଅସ୍ଥିରତା ଲାଗି ରହିଛି। ଦେଶ ଦେଶ ମଧରେ ବାଣିଜ୍ୟିକ ଯୁଦ୍ଧ ଚାଲିଛି। ଏଭଳି ସ୍ଥିତିରେ ଆମକୁ ସଜାଗ ରହିବାକୁ ପଡ଼ିବ। ବିଶେଷ କରି ଭବିଷ୍ୟତର ଜୈବିକ ବିପଦ ପ୍ରତି ସତର୍କ ରହି ଏହାର ମୁକାବିଲା ପାଇଁ ସିଡିଏସ୍ ଅନୀଲ ଚୌହ୍ୱାନ ଆହ୍ୱାନ ଦେଇଛନ୍ତି। ପରମାଣୁ ଅସ୍ତ୍ରରୁ ଜୈବିକ ବିପଦ ଏବଂ ରେଡିଓଲୋଜିକାଲ ପ୍ରଦୂଷଣ ବିରୋଧରେ ପ୍ରସ୍ତୁତି ପାଇଁ ଆହ୍ୱାନ ଦେଇଛନ୍ତି ସିଡିଏସ୍ ଜେନେରାଲ ଚୌହ୍ୱାନ। ସେ ସାମରିକ ନର୍ସିଂ ସେବାର ଶହେତମ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଭାଷଣ ଦେଇ ଏଭଳି ସତର୍କ କରାଇଥିଲେ। ରାଷ୍ଟ୍ରପତି ନିଃସ୍ୱାର୍ଥ ସେବା ପାଇଁ ସେ ସାମରିକ ନର୍ସିଂ ସେବାର ପ୍ରଶଂସା କରିଥିଲେ। ସଶସ୍ତ୍ର ବାହିନୀର ମିଳିତ କାର୍ଯ୍ୟକ୍ରମ ଉପରେ ସେ ଗୁରୁତ୍ୱ ଦେଇଥିଲେ।

# ଭିଏତ୍‌ନାମରେ ବୁଆଲୋଇ ତାଣ୍ଡବ: ୧୩ ମୃତ



ହାନୋଇ,୩୦।୯: ବାତ୍ୟା ବୁଆଲୋଇ ଭିଏତ୍‌ନାମରେ ଧ୍ୱଂସର ତାଣ୍ଡବ ରଚିଛି। ଏଥିରେ ୧୩ ଜଣଙ୍କ ମୃତ୍ୟୁ ଘଟିବା ସହ ୪୬ ଜଣ ଆହତ ହୋଇଥିବା ବେଳେ ୧୭ ଜଣ ନିଖୋଜ ଥିବା ସେଠାର ପାଣିପାଗ ସଂସ୍ଥା ପକ୍ଷରୁ କୁହାଯାଇଛି। ସୋମବାର ଭୋର ସମୟରେ ବାତ୍ୟା ସ୍ଥଳଭାଗ ଛୁଇଁବା ପୂର୍ବରୁ ଦେଶର ଉତ୍ତର କେନ୍ଦ୍ରୀୟ ଉପକୂଳ ଦେଇ ଗତି କରିଥିଲା। ଏହାର ପ୍ରଭାବରେ ସମୁଦ୍ରରେ ୯ ମିଟର ଉଚ୍ଚର ଜୁଆର ଉଠିଥିଲା। କୁଆଙ୍ଗ ଟ୍ରି ପ୍ରଦେଶରେ ଉଚ୍ଚ ଜୁଆର ମାଡ଼ରେ ୨ଟି ମାଛଧରା ବୋଟ୍ କ୍ଷତିଗ୍ରସ୍ତ ହେବା ସହ ୧୭ ମତ୍ସ୍ୟଜୀବୀ ନିଖୋଜ ଅଛନ୍ତି। ବାତ୍ୟାରେ ଅନ୍ୟ ଏକ ବୋଟ୍ ନିୟନ୍ତ୍ରଣ ହରାଇଥିଲା। ସରକାର ୨୮ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସ୍ଥାନାନ୍ତର କରିଥିବା ବେଳେ କେନ୍ଦ୍ରୀୟ ପ୍ରଦେଶର ୪ ବିମାନ ବନ୍ଦରରୁ ଶତାଧିକ ବିମାନ ଉଡ଼ାଣକୁ ବାତିଲ କିମ୍ବା ବିଳମ୍ବିତ କରାଯାଇଛି। ବାତ୍ୟା ଦୁର୍ବଳ ହୋଇ ଲାଓସ୍ ଆଡ଼େ ଅଗ୍ରସର ହେବା ପୂର୍ବରୁ ଭିଏତ୍‌ନାମ ଉପକୂଳ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି କରିଛି। ବର୍ଷା ପବନରେ ବହୁ ଘର ଭାଙ୍ଗିବା ସହ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଛି। ରାସ୍ତାଘାଟ ଜଳାର୍ଣ୍ଣବ ହୋଇଯାଇଛି।

## କରୁର ଦଳାଚକଟା ଘଟଣାରେ ମୁଖ୍ୟମନ୍ତ୍ରୀଙ୍କୁ ବିଜୟଙ୍କ ଟାର୍ଗେଟ

# ମୋଠାରୁ ପ୍ରତିଶୋଧ ନିଅ, ସମର୍ଥକଙ୍କୁ ଛାଡ଼



ଚେନ୍ନାଇ,୩୦।୯: ତାମିଲନାଡୁ କରୁର ଦଳାଚକଟା ଘଟଣା ଉପରେ ଟିଭିକେ ନେତା ତଥା ଅଭିନେତା ବିଜୟ ପ୍ରଥମ ପ୍ରତିକ୍ରିୟା ଦେଇଛନ୍ତି। ଏକ ଭିଡିଓ ଜାରି କରି ଏହି ଘଟଣା ଉପରେ ସେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଏହାସହ ତାଙ୍କ ସମର୍ଥକଙ୍କ ସୁରକ୍ଷାକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି। ବିଜୟ କହିଛନ୍ତି ଯେ, ଏହି ଘଟଣାରେ ସେ ମର୍ମାହତ ଅଛନ୍ତି। ସମସ୍ତ ପ୍ରକାର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଉପଯୁକ୍ତ ସ୍ଥାନ ଚୟନ କରାଯାଇଥିଲା ଓ ପୋଲିସ ବିଭାଗରୁ ଅନୁମତି ମଧ ନିଆଯାଇଥିଲା, କିନ୍ତୁ ଏହା ସତ୍ତ୍ୱେ ଏକ ଦୁର୍ଭାଗଜନକ ଘଟଣା ଘଟିଗଲା।

ବିଜୟ ନିଜ ସମର୍ଥକମାନଙ୍କ ପ୍ରତି ତାଙ୍କର ପ୍ରତିବଦ୍ଧତା ଉପରେ ଜୋର ଦେଇ କହିଛନ୍ତି ଯେ, ଏହି ଘଟଣାକୁ ରାଜନୀତିକରଣ ନ କରିବା ପାଇଁ ସେ ସମସ୍ତ ସତର୍କତାମୂଳକ ପଦକ୍ଷେପ ନେଇଛନ୍ତି। ସେ କହିଛନ୍ତି, ସତ ଖୁବଶୀଘ୍ର ସାମନାକୁ ଆସିବ ଏବଂ ତାଙ୍କ ଦଳ କୌଣସି ଭୁଲ କରିନାହିଁ । ବିଜୟ କହିଛନ୍ତି, ମୁଁ ମଧ ଗୋଟିଏ ମଣିଷ । ଆମେ ପାଞ୍ଚ ଜିଲ୍ଲାରେ ପ୍ରଚାର କରିଥିଲୁ, କରୁରରେ ହିଁ କାହିଁକି ଏପରି ହେଲା ? ଏପରି କ'ଣ ହେଲା ? ଲୋକେ ସତ ଜାଣିଛନ୍ତି ଓ ସବୁ କିଛି ଦେଖୁଛନ୍ତି। ସେ କହିଛନ୍ତି, "ମୁଖ୍ୟମନ୍ତ୍ରୀ ଜୀ, ଯଦି ପ୍ରତିଶୋଧ ନେବାକୁ ଚାହୁଁଛନ୍ତି, ତେବେ ମୋ ସହ କିଛି ବି କରିପାର। ସେମାନଙ୍କୁ ହାତ ଲଗାଇବ ନାହିଁ । ମୁଁ ମୋର ଘରେ ରହିବି କିମ୍ବା ନିଜ ଅଫିସରେ ରହିଛି। ମୋ ସହ ଯାହା ଚାହିଁବ କର।" ବିଜୟ ତାଙ୍କ ସମର୍ଥକଙ୍କ ଦ୍ୱାରା କୌଣସି ପ୍ରକାର ଭୁଲ କରାଯାଇଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଆମେ କିଛି ବି ଭୁଲ କରିନୁ। ତଥାପି ପାର୍ଟି ନେତା, ବନ୍ଧୁ ଓ ସୋସିଆଲ୍ ମିଡିଆ ୟୁଜର୍ସଙ୍କ ନାଁରେ ଏଫଆଇଆର୍ ରୁଜୁ କରାଯାଉଛି ।

# ବିଜେପି ନେତା ବିଜୟ କୁମାର ମାଲହୋତ୍ରାଙ୍କ ପରଲୋକ



ଦିଲ୍ଲୀ,୩୦।୯ : ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ଏବଂ ଦିଲ୍ଲୀ ବିଜେପିର ଅଧକ୍ଷ ବିଜୟ କୁମାର ମାଲହୋତ୍ରାଙ୍କ ପରଲୋକ ଘଟିଛି। ଅସୁସ୍ଥତା ଯୋଗୁଁ ସେ ଦୀର୍ଘ ଦିନରୁ ଦିଲ୍ଲୀ ଏମସରେ ଚିକିତ୍ସିତ ହେଉଥିଲେ। ଏହାରି ମଧରେ ସେ ୯୪ ବର୍ଷ ବୟସରେ ଆଖି ବୁଜିଛନ୍ତି। ରାଜନୈତିକ କ୍ଷେତ୍ରରେ ତାଙ୍କର ଅବଦାନ ଖୁବ୍ ରହିଛି। ତାଙ୍କ ମୃତ୍ୟୁକୁ ଭାରତୀୟ ରାଜନୀତି ଏବଂ ଦିଲ୍ଲୀ ବିଜେପି ପାଇଁ ଏକ ବଡ଼ କ୍ଷତି ବୋଲି କୁହାଯାଉଛି। ସୂଚନାନୁଯାୟୀ, ସେ ୪୫ ବର୍ଷ ଧରି ରାଜନୀତି କ୍ଷେତ୍ରରେ ରହି ସମାଜ ସେବାରେ ନିଜକୁ ନିୟୋଜିତ ହୋଇଥିଲେ। ସେ ତାଙ୍କ ଏହି ରାଜନୈତିକ କ୍ୟାରିୟରରେ ୫ ଥର ସାଂସଦ ଏବଂ ୨ଥର ବିଧାୟକ ଥିଲେ। ଯିଏକି ଦିଲ୍ଲୀରେ ବିଜେପିକୁ ସୁଦୃଢ଼ କରିବାରେ ବଡ଼ ଭୂମିକା ଗ୍ରହଣ କରିଥିଲେ। ୧୯୯୯ ନିର୍ବାଚନରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କୁ ହରାଇଥିଲେ। ଯାହା ତାଙ୍କର ସର୍ବଶ୍ରେଷ୍ଠ ରାଜନୈତିକ ସଫଳତା ବୋଲି କୁହାଯାଉଛି। ୨୦୦୪ ସାଧାରଣ ନିର୍ବାଚନରେ ସେ ଦିଲ୍ଲୀରୁ ବିଜେପିର ଏକମାତ୍ର ବିଜୟୀ ପ୍ରାର୍ଥୀ ଥିଲେ। ସେ କେବଳ ଜଣେ ରାଜନେତା ନଥିଲେ ବରଂ ଜଣେ ଶିକ୍ଷାବିତ୍ ମଧ ଥିଲେ। ସେ ହିନ୍ଦୀ ସାହିତ୍ୟରେ ଡକ୍ଟରେଟ୍ ଡିଗ୍ରୀ ହାସଲ କରିଥିଲେ। କ୍ରୀଡା ପ୍ରଶାସନରେ ମଧ ସେ ସାମିଲ ଥିଲେ।

# ନମାଜ ପାଠ ବେଳେ ଭୁଶୁଡ଼ିଲା ସ୍କୁଲ ଛାତ



ନୂଆଦିଲ୍ଲୀ,୩୦।୯: ଇଣ୍ଡୋନେସିଆର ଏକ ଇସଲାମିକ୍ ସ୍କୁଲର କୋଠା ହଠାତ ଭୁଶୁଡ଼ି ପଡ଼ିଛି। ଏହି ଦୁର୍ଘଟଣାର ଖବର ସାମ୍ନାକୁ ଆସିବା ପରେ ପିଲାଙ୍କ ଅଭିଭାବକ ଓ ସମ୍ପର୍କୀୟମାନେ ବିଚଳିତ ହୋଇ ସେମାନଙ୍କ ପିଲାଙ୍କୁ ଖୋଜିବା ପାଇଁ ସ୍କୁଲ ଓ ହସ୍ପିଟାଲ ପରିସରରେ ପ୍ରବଳ ଭିଡ଼ ଜମାଇଛନ୍ତି।

ଘଟଣାସ୍ଥଳରେ ପହଞ୍ଚିଥିବା ଅଧିକାରୀମାନଙ୍କ ସୂତ୍ରରୁ ପ୍ରକାଶ, ସ୍କୁଲର ନିର୍ମାଣାଧୀନ କୋଠାଟି ସୋମବାର ଛାତ୍ରମାନେ ନମାଜ ପାଠ କରୁଥିବା ବେଳେ ହଠାତ ଭୁଶୁଡ଼ି ପଡ଼ିଥିଲା। ଏହି ଦୁର୍ଘଟଣାରେ ଜଣେ ଛାତ୍ରର ମୃତ୍ୟୁ ହୋଇଥିବା ବେଳେ ଅନେକ ପିଲା ଏଥିରେ ଆହତ ହୋଇଥିବା ଜଣାପଡ଼ିଛି।

ସ୍କୁଲର ନିର୍ମାଣାଧୀନ କୋଠା ଭୁଶୁଡ଼ି ପଡ଼ିବାରୁ ଭଗ୍ନାବଶେଷ ତଳେ ଅତି କମରେ ୬୫ ଜଣ ଛାତ୍ର ଫସି ରହିଥିବା ଆଶଙ୍କା କରାଯାଉଛି। ଅଧିକାଂଶ ଛାତ୍ରଙ୍କ ବୟସ ୧୨ ରୁ ୧୭ ବର୍ଷ ମଧରେ ଥିବା ଜଣାପଡିଛି। କମାଣ୍ଡ ପୋଷ୍ଟରେ ଥିବା ଏକ ନୋଟିସ୍ ବୋର୍ଡ ଅନୁଯାୟୀ, ୬୫ ଜଣ ଛାତ୍ରଙ୍କ ଏଯାଏଁ ପତ୍ତା ମିଳୁନାହିଁ। ଅନେକ ଅଭିଭାବକ ସେମାନଙ୍କ ପିଲାଙ୍କ ନାମ ନିଖୋଜ ତାଲିକାରେ ଥିବା ଦେଖି ଧୈର୍ଯ୍ୟହରା ହୋଇପଡ଼ିଛନ୍ତି। ଉଦ୍ଧାର କର୍ମୀ ଓ ପୁଲିସ ରାତିସାରା ଅଭିଯାନ ଜାରି ରଖିଥିବା ବେଳେ ଏପର୍ଯ୍ୟନ୍ତ ମାତ୍ର ଆଠ ଜଣ ଆହତ ଛାତ୍ରଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାରକାରୀ ଦଳ ଭଗ୍ନାବଶେଷ ତଳେ ଫସି ରହିଥିବା ଛାତ୍ରମାନଙ୍କୁ ବଞ୍ଚାଇବା ପାଇଁ ଅକ୍ସିଜେନ୍ ସିଲିଣ୍ଡର ଏବଂ ପାଣି ବୋତଲ ଯୋଗାଇବା ପାଇଁ କାମ କରୁଛନ୍ତି। ଉଦ୍ଧାର କାର୍ଯ୍ୟ ଅତ୍ୟନ୍ତ ଚ୍ୟାଲେଞ୍ଜିଂ ରହିଛି। କାରଣ ଭୁଶୁଡ଼ି ପଡ଼ିଥିବା କୋଠାର ଭାରି କଂକ୍ରିଟ୍ ସ୍ଲାବ୍ ଏବଂ କିଛି ଅସ୍ଥିର ଅଂଶ ରହିଛି। ଯାହା ଯେକୌଣସି ସମୟରେ ଭୁଶୁଡ଼ି ପଡ଼ିପାରେ। ଏହା ଚାପି ହୋଇ ରହିଥିବା ଛାତ୍ରମାନଙ୍କ ଜୀବନକୁ ବିପଦରେ ପକାଇପାରେ।

# ମୁମ୍ବାଇର ଏୟାରପୋର୍ଟକୁ ଏରୋଡ୍ରମ ଲାଇସେନ୍ସ



ମୁମ୍ବାଇ ୩୦।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ମାସରେ ମୁମ୍ବାଇର ନୂଆ ଅନ୍ତର୍ଜାତୀୟ ଏୟାରପୋର୍ଟକୁ ଉଦଘାଟନ କରିବେ। ଏହା ପୂର୍ବରୁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ନବନିର୍ମିତ ଏୟାରପୋର୍ଟକୁ ଏରୋଡ୍ରମ ଲାଇସେନ୍ସ ପ୍ରଦାନ କରିଛନ୍ତି। ନଭି ମୁମ୍ବାଇ ଅନ୍ତର୍ଜାତୀୟ ଏୟାରପୋର୍ଟ ଲିମିଟେଡ (ଏନଏମଆଇଏ) ରାୟଗଡ଼ ଜିଲ୍ଲା ଉଲୱେ ରେ ଥିବା ବେଳେ ଏହା ମୁମ୍ବାଇର ଦ୍ୱିତୀୟ ବିମାନ ବନ୍ଦର । କଡ଼ା ସୁରକ୍ଷା ଓ ରେଗୁଲେଟରୀ ନିୟମ ପୁରା କରିବା ପରେ ଡିଜିସିଏ ଏହି ଲାଇସେନ୍ସ ପ୍ରଦାନ କରିଛନ୍ତି।

ଏବେ ଏରୋଡ୍ରମ ଲାଇସେନ୍ସ ମିଳିବା ପରେ ଏନଏମଆଇଏ ମୁମ୍ବାଇକୁ ଅବଶିଷ୍ଟ ବିଶ୍ୱ ସହ ଯୋଡିବାରେ ଏକ ଆଧୁନିକ ପ୍ରବେଶ ଦ୍ୱାର ହେବ। ଉଲ୍ଲେଖଯୋଗ୍ୟ ଯେ ବିମାନ ବନ୍ଦର ଉଦଘାଟନକୁ ଦୃଷ୍ଟିରେ ରଖି ଏୟାର ଇଣ୍ଡିଆ, ଇଣ୍ଡିଗୋ ଓ ଅକାସା ଏୟାର ନୂଆ ଏୟାରପୋର୍ଟରୁ ସେମାନଙ୍କ ବାଣିଜ୍ୟିକ ଉଡାଣ ସିଡ୍ୟୁଲ ଜାରି କରିସାରିଲେଣି। ମୁମ୍ବାଇ ମହାନଗର ଅଞ୍ଚଳର ମୁଖ୍ୟ ଏଭିଏସନ ସେଣ୍ଟର ରୂପେ ବିକଶିତ ଗ୍ରିନଫିଲ୍ଡ ଏୟାରପୋର୍ଟର ଉଦଘାଟନ ଅକ୍ଟୋବର ୮ ତାରିଖରେ ହେବ।ଏହି ଏରୋଡ୍ରମ ଆରମ୍ଭ ହେବା ପରେ ମୁମ୍ବାଇସ୍ଥିତ ଛତ୍ରପତି ଶିବାଜୀ ମହାରାଜା ଇଣ୍ଟରନ୍ୟାସନାଲ ଟର୍ମିନାଲ (ସିଏସଏମଆଇଏ) ବ୍ୟତୀତ ମୁମ୍ବାଇବାସୀଙ୍କୁ ଆଉ ଏକ ଏୟାରପୋର୍ଟ ମିଳିଯିବ। ଏହି ଦୁଇ ଏୟାରପୋର୍ଟ ମଧରେ ଦୂରତା ପାଖାପାଖି ୪୦ କିଲୋମିଟର। ତେବେ ଉଭୟ ଏୟାରପୋର୍ଟ ମଧରେ ଥିବା କନେକ୍ଟିଭିଟି ସମସ୍ୟାକୁ ଦୂର କରିବାକୁ ଏବେ ଚେଷ୍ଟା କରାଯାଉଛି। ଏଥି ଲାଗି ମଲ୍ଟି ମଡେଲ ପରିବହନ ଯେପରି ସଡକ, ମେଟ୍ରୋ, ଉପନଗରୀୟ ରେଲ ଓ ଜଳ ସମ୍ପର୍କ ମାଧମରେ ଏକ ନିର୍ବାଧ ଟ୍ରାନ୍ସପୋର୍ଟ ମଡେଲ ସ୍ଥାପିତ କରିବାକୁ ପ୍ରୟାସ ହେଉଛି। ଏହି ଦୁଇ ଏୟାରପୋର୍ଟ ପରସ୍ପର ସହ ଭଲ ରୂପେ କନେକ୍ଟ ହୋଇଯିବା ପରେ ଭାରତର ସବୁଠୁ ବ୍ୟସ୍ତତମ ବାଣିଜ୍ୟିକ ସହର ମୁମ୍ବାଇକୁ ବିଶ୍ୱସ୍ତରୀୟ ଭିତ୍ତିଭୂମି ମିଳିଯିବ ବୋଲି କୁହାଯାଉଛି।

# 'ବିବାହ ରଦ୍ଦ ନହେବା ପର୍ଯ୍ୟନ୍ତ ପତ୍ନୀଙ୍କ ଅଧିକାର ରହିବ'

ଲକ୍ଷ୍ନୌ,୩୦।୯: ଆହ୍ଲାବାଦ ହାଇକୋର୍ଟ ସ୍ପଷ୍ଟ କରିଛନ୍ତି, କେବଳ ବିବାହ ରଦ୍ଦ ହେବା କାରଣରୁ ସ୍ତ୍ରୀଙ୍କ ଭରଣପୋଷଣ ଅଧିକାର ଛଡ଼ାଇ ନିଆଯାଇପାରିବ ନାହିଁ। ଯେ ପର୍ଯ୍ୟନ୍ତ କୋର୍ଟରେ ବିବାହ ରଦ୍ଦ ପାଇଁ ଏକ ନିର୍ଦ୍ଦେଶ ଉପସ୍ଥାପିତ ନ ହୋଇଛି ଏହା ଜାରି ରହିବ। ଜଷ୍ଟିସ ରାଜୀବ ଲୋଚନ ଶୁକ୍ଲା କହିଛନ୍ତି, ଯେପର୍ଯ୍ୟନ୍ତ ଏକ ଅଚଳ ବିବାହକୁ ଏକ ଆଦେଶ ଦ୍ୱାରା ରଦ୍ଦ କରାଯାଇ ନାହିଁ, ସେପର୍ଯ୍ୟନ୍ତ ସ୍ୱାମୀଙ୍କ ଆଇନଗତ ଭାବରେ ବିବାହିତ ସ୍ତ୍ରୀ ଭାବରେ ସ୍ତ୍ରୀର ଆଇନଗତ ସ୍ଥିତି ଏବଂ ଏଥିରୁ ଉତ୍ପନ୍ନ ସମସ୍ତ ଅଧିକାର ଜାରି ରହିବ। ଏହି ମାମଲାରେ, ସ୍ତ୍ରୀ ସିଆରପିସିର ଧାରା ୧୨୫ ଅନୁଯାୟୀ ପରିବାର କୋର୍ଟଙ୍କ ଦ୍ୱାରା ତାଙ୍କୁ ଭରଣପୋଷଣ ପ୍ରଦାନ ନକରିବା ଯୋଗୁ ହାଇକୋର୍ଟଙ୍କର ଦ୍ୱାରସ୍ଥ ହୋଇଥିଲେ। ପରିବାର କୋର୍ଟ କହିଥିଲେ ଯେ, ସେ ତାଙ୍କ ସ୍ୱାମୀଙ୍କଠାରୁ ପୃଥକ ଭାବରେ ରହୁଛନ୍ତି କାରଣ ସେ, ତାଙ୍କ ପୂର୍ବ ବିବାହ ଏବଂ ଛାଡପତ୍ରର ସତ୍ୟତାକୁ ଲୁଚାଇ ରଖିଥିଲେ। ହିନ୍ଦୁ ବିବାହ ଆଇନର ଧାରା ୧୨ (ଅବଧିକୃତ ବିବାହ)କୁ ଉଦ୍ଧୃତ କରି, ପରିବାର ଅଦାଲତ ମତ ଦେଇଥିଲେ ଯେ, ପ୍ରତାରଣା ଆଧାରରେ ସ୍ତ୍ରୀ ବିବାହ ରଦ୍ଦ କରିପାରିବେ। ତେଣୁ, ସେ ଭରଣପୋଷଣ ପାଇବାର ହକଦାର ନଥିଲେ।

# ଲଣ୍ଡନରେ ଭାଙ୍ଗିଦେଲେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି



ନୂଆଦିଲ୍ଲୀ,୩୦।୯: ଭାଙ୍ଗିଦେଲେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି। ଲଣ୍ଡନର ଟାଭିଷ୍ଟକ୍ ସ୍କୋୟାରକୁ ସର୍ବଦା ଶାନ୍ତି ଏବଂ ଅହିଂସାର ପ୍ରତୀକ ଭାବରେ ବିବେଚନା କରାଯାଇଆସୁଛି। ସୋମବାର ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉପରେ ଆକ୍ରମଣ କରାଯାଇଥିଲା। ଏହି ଘଟଣା ବିଶେଷ ଭାବରେ ଚିନ୍ତାଜନକ କାରଣ ଏହା ମହାତ୍ମା ଗାନ୍ଧୀଙ୍କ ଜନ୍ମବାର୍ଷିକୀର ଠିକ୍ ୩ ଦିନ ପୂର୍ବରୁ ଘଟିଛି। ଭାରତୀୟ ହାଇ କମିଶନ ଏହାକୁ ଏକ "ଲଜ୍ଜାଜନକ କାର୍ଯ୍ୟ" ଭାବରେ ବର୍ଣ୍ଣନା କରିଛି ଏବଂ କହିଛି ଯେ ଏହା କେବଳ ଭଙ୍ଗା ନୁହେଁ ବରଂ ଅହିଂସା ଏବଂ ମହାତ୍ମା ଗାନ୍ଧୀଙ୍କ ଐତିହ୍ୟ ଉପରେ ଆକ୍ରମଣ। ପ୍ରତିମୂର୍ତ୍ତିର ପୃଷ୍ଠରେ ଭାରତ ବିରୋଧୀ ଗ୍ରାଫିଟି ଏବଂ ଧଳା ରଙ୍ଗ ଚିହ୍ନ ମିଳିଛି। ଭାରତୀୟ ହାଇକମିଶନ ତୁରନ୍ତ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରିଛି। ପ୍ରତିମୂର୍ତ୍ତି ପୁନରୁଦ୍ଧାର ପାଇଁ ବ୍ୟବସ୍ଥା ଆରମ୍ଭ କରିବା ପାଇଁ ଘଟଣାସ୍ଥଳକୁ ଏକ ଟିମ୍ ପଠାଯାଇଛି। ମେଟ୍ରୋପଲିଟାନ ପୋଲିସ ଏବଂ କାମଡେନ ପରିଷଦର ଅଧିକାରୀମାନେ ମଧ ଏହି ଘଟଣାର ତଦନ୍ତ କରୁଛନ୍ତି। ଜାତିସଂଘ ଦ୍ୱାରା ଅନ୍ତର୍ଜାତୀୟ ଅହିଂସା ଦିବସ ଭାବରେ ଘୋଷିତ ଗାନ୍ଧୀ ଜୟନ୍ତୀ ପ୍ରତିବର୍ଷ ଟାଭିଷ୍ଟକ୍ ସ୍କୋୟାରରେ ଫୁଲମାଳ ଅର୍ପଣ ଏବଂ ଗାନ୍ଧୀଜୀଙ୍କ ପ୍ରିୟ ଭଜନ ଗାନ ସହିତ ପାଳନ କରାଯାଏ। ଏହି ଅବସରରେ, ଲୋକମାନେ ମହାତ୍ମା ଗାନ୍ଧୀଙ୍କ ଚିନ୍ତାଧାରା ଏବଂ ଅହିଂସାର ବାର୍ତ୍ତାକୁ ସ୍ମୃତିଚାରଣ କରନ୍ତି।

# ପାକିସ୍ତାନରେ ଆତ୍ମଘାତୀ ହମଲା, ୧୩ ମୃତ



**ଇସଲାମାବାଦ, ୩୦।୯:** କାର ବିସ୍ଫୋରଣରେ ଥରିଛି ବାଲୋଚିସ୍ତାନ ପ୍ରଦେଶର କ୍ୱେଟା। ଏହି ଶକ୍ତିଶାଳୀ ବିସ୍ଫୋରଣରେ ଏଯାଏ ୧୩ ଜଣଙ୍କ ଜୀବନ ଯାଇଥିବା ବେଳେ ୩୨ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଆହତଙ୍କ ମଧରୁ ଅଧିକାଂଶଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। କ୍ୱେଟାର ଜାରଗହୁନ ରୋଡରେ ଥିବା ଫ୍ରଣ୍ଟିଇର କ୍ରସ୍ ମୁଖ୍ୟାଳୟ ସାମ୍ନା ବିଚ୍ ରାସ୍ତାରେ ଏହି ବିସ୍ଫୋରଣ ହୋଇଥିବାରୁ ପୂରା ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ବିସ୍ଫୋରଣ ପରେ ଗୁଳିମାଡ଼ର ଶବ୍ଦ ଶୁଣିବାକୁ ମିଳିଛି। ସେହିପରି ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ପୂରା ମଡେଲ ଟାଉନ ଓ ଏହାର ଆଖପାଖ ଅଞ୍ଚଳର ଲୋକମାନେ ଏହାକୁ ଅନୁଭବ କରିଛନ୍ତି। ନିକଟସ୍ଥ ଘର ଓ ବିଲଡିଂଗୁଡ଼ିକ ମଧ କ୍ଷତିଗ୍ରସ୍ତ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ବିସ୍ଫୋରଣ ପରେ ପରେ ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା। ଏତିକି ବେଳେ ଲୋକମାନେ ଗୁଳିମାଡ଼ର ଶବ୍ଦ ମଧ ଶୁଣିଛନ୍ତି। ଏହାକୁ ନେଇ ଲୋକଙ୍କ ମଧରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଉଦ୍ଧାରକାରୀ ଦଳ ଓ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ପୂରା ଅଞ୍ଚଳକୁ କର୍ଡନ କରିଛନ୍ତି। ସେହିପରି ସର୍ଚ୍ଚ ଅପରେସନ ମଧ ଆରମ୍ଭ ହୋଇଛି। ବିସ୍ଫୋରଣର ଭିଡିଓ ବି ସାମ୍ନାକୁ ଆସିଛି।

କ୍ୱେଟା ଏସଏସପି ମହମ୍ମଦ ବାଲୋଚନ କହିଛନ୍ତି, ମଡେଲ ଟାଉନରୁ ହାଲି ରୋଡକୁ ଯାଉଥିବା ଗୋଟିଏ କାରରେ ବିସ୍ଫୋରକ ଖଞ୍ଜା ଯାଇଥିଲା। ଏଫସି ମୁଖ୍ୟାଳୟ ନିକଟରେ ଗାଡ଼ିଟି ପହଞ୍ଚିବା ପରେ ଶକ୍ତିଶାଳୀ ବିସ୍ଫୋରଣ ହୋଇଥିଲା। ଏହା ଏକ ଆତ୍ମଘାତୀ ହମଲା। ବିସ୍ଫୋରଣର ତୀବ୍ରତା ଅଧିକ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବାର ଆଶଙ୍କା ପ୍ରକାଶ ପାଇଛି। ତେଣୁ ସହରରେ ଥିବା ସମସ୍ତ ହସ୍ପିଟାଲରେ ଏମର୍ଜେନ୍ସି ଘୋଷଣା କରାଯାଇଛି। ସେହିପରି ଅଧିକାରୀମାନେ ବିସ୍ଫୋରଣ କେଉଁ ପ୍ରକାରର ଥିଲା, ତା'ର ଯାଞ୍ଚ ଆରମ୍ଭ କରିଛନ୍ତି। ବିସ୍ଫୋରଣ ପରେ ଗୁଳି ମାଡ଼ କିଏ କରିଥିଲା, ତା'ର ମଧ ତଦନ୍ତ କରାଯାଉଛି। ସ୍ଥାନୀୟ ଅଞ୍ଚଳରେ କିଛି ବନ୍ଧୁକଧାରୀ ରହିଛନ୍ତି କି ନାହିଁ, ତା'କୁ ମଧ ନିଶ୍ଚିତ କରିବାରେ ସୁରକ୍ଷାକର୍ମୀ ଲାଗି ପଡ଼ିଛନ୍ତି।



# ରେକର୍ଡ ମୂଲ୍ୟରେ ବିକ୍ରିହେବ ଆରସିବି

**ବେଙ୍ଗାଲୁରୁ,୩୦।୯:** ଆଇପିଏଲ୍ ୨୦୨୫ରେ ପ୍ରଥମ ବିଜୟ ପରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗଲୁରୁ ବିକ୍ରି ହେବାକୁ ଯାଉଛି। ୟୁନାଇଟେଡ୍ ସ୍ପିରିଟ୍ସ ଲିମିଟେଡ୍ (ୟୁଏସ୍ଏଲ୍), ଯାହା ଡିଆଇଜିଓର ସବସିଡିୟାରୀ, ୨ ବିଲିୟନ୍ ଡଲାର (ପ୍ରାୟ ୧୭,୭୬୨ କୋଟି ଟଙ୍କା) ମୂଲ୍ୟରେ ସମ୍ପୂର୍ଣ୍ଣ କମ୍ପାନୀ ବିକ୍ରି କରୁଛି। ରିପୋର୍ଟ ଅନୁଯାୟୀ, ସେରମ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ସିଇଓ ଆଦର ପୁନାଓଲା ଏହା କିଣିବାରେ ସର୍ବପ୍ରଥମ ଦୌଡରେ ସାମିଲ ହୋଇଛନ୍ତି। ଗ୍ଲୋବାଲ୍ ଇନଭେଷ୍ଟମେଣ୍ଟ ବ୍ୟାଙ୍କ୍ ସିଟିକୁ ଟ୍ରାନ୍ସାକ୍ସନ୍ ଆଡଭାଇଜର କରାଯାଇଛି। ଡିଆଜିଓ ଇଣ୍ଡିଆର ଏମଡି ଓ ସିଇଓ ପ୍ରଭୀନ୍ ସୋମେଶ୍ୱର୍ କହିଛନ୍ତି, "ଆରସିବି ଆକର୍ଷଣୀୟ ବ୍ୟବସାୟ, କିନ୍ତୁ ଡିଆଜିଓର ମୂଳ ବ୍ୟବସାୟ ନୁହେଁ।" ବିଜୟ ପରେ ବେଙ୍ଗଲୁରୁରେ ହୋଇଥିବା ଭିଡ଼ ଦୁର୍ଘଟଣାରେ ୧୧ ଜଣଙ୍କର ମୃତ୍ୟୁ ପରେ କମ୍ପାନୀ ଏହି ନିଷ୍ପତ୍ତି ନେଇଛି। ବିରାଟ କୋହଲିଙ୍କ ନେତୃତ୍ୱରେ ଆରସିବିର ବିଜୟ ଏହାକୁ ବିଶ୍ୱର ସବୁଠାରୁ ମୂଲ୍ୟବାନ ସ୍ପୋର୍ଟ୍ସ ସଂସ୍ଥାରେ ସ୍ଥାନ ଦେବ। ପୂର୍ବରୁ ଟୋରେଣ୍ଟ୍ ଗ୍ରୁପ୍ ଗୁଜରାଟ୍ ଟାଇଟାନ୍ସର ୬୭% ଷ୍ଟେକ୍ ୭,୫୦୦ କୋଟିରେ କିଣିଥିଲା। ଆଇପିଏଲର ପୂର୍ବତନ୍ କମିସନର୍ ଲଳିତ ମୋଦି କହିଛନ୍ତି, "ଏହା ନୂଆ ରେକର୍ଡ ମୂଲ୍ୟାଙ୍କ ସୃଷ୍ଟି କରିବ ଓ ସମସ୍ତ ଆଇପିଏଲ୍ ଦଳର ମାନକ ହେବ।"

# ଥର୍ମାଲ ପାୱାର ଷ୍ଟେଶନ ବିଲ୍ଡିଂ ଭୁଶୁଡ଼ି ୯ ମୃତ



ଚେନ୍ନାଇ,୩୦।୯: ମଙ୍ଗଳବାର ସଂଧାରେ ତାମିଲନାଡୁର ରାଜଧାନୀ ଚେନ୍ନାଇରେ ପୁଣି ଏକ ବଡ଼ ଦୁର୍ଘଟଣା ଘଟିଛି। ଏନୋର ଥର୍ମାଲ ପାୱାର ପ୍ଲାଣ୍ଟର ନୂଆ ସ୍ଥାନରେ ନିର୍ମାଣ କାର୍ଯ୍ୟ ଚାଲିଥିବା ସମୟରେ ବିଲ୍ଡିଂ ଭୁଶୁଡ଼ି ପଡ଼ିବାରୁ ଅନେକ ଶ୍ରମିକ ଫସି ଯାଇଥିଲେ। ଦୁର୍ଘଟଣାର ଖବର ପାଇ ଥର୍ମାଲ ପାୱାର ପ୍ଲାଣ୍ଟର ଶ୍ରମିକମାନେ ଘଟଣାସ୍ଥଳକୁ ଦୌଡ଼ି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହି ସମୟରେ, ବାସିନ୍ଦାମାନେ ପୋଲିସ ଏବଂ କର୍ତ୍ତୃପକ୍ଷଙ୍କୁ ମଧ ସୂଚନା ଦେଇଥିଲେ, ଯାହା ଫଳରେ ଏକ ପୋଲିସ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲା। ଦୁର୍ଘଟଣାରେ ଏପର୍ଯ୍ୟନ୍ତ ୯ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଅନେକ ଗୁରୁତର ଆହତ ହୋଇଛନ୍ତି ଏବଂ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମଙ୍ଗଳବାର ସଂଧାରେ ଏହି ତାପଜ ବିଦ୍ୟୁତ କେନ୍ଦ୍ରରେ ଏକ ଦୁଃଖଦ ଦୁର୍ଘଟଣା ଘଟିଥିଲା। ବିଦ୍ୟୁତ କେନ୍ଦ୍ରର ନୂତନ ସ୍ଥାନରେ ନିର୍ମାଣ କାର୍ଯ୍ୟ ଚାଲିଥିଲା। ଶ୍ରମିକମାନେ ହଠାତ ବିଲ୍ଡିଂ ଭାଙ୍ଗି ପଡ଼ିବା ସମୟରେ କାମ କରୁଥିଲେ। ଶ୍ରମିକମାନେ ପ୍ରାୟ ୩୦ ଫୁଟ ଉଚ୍ଚତାରୁ ଖସି ପଡ଼ିବାରୁ ଏକ ଜୋରଦାର ଶବ୍ଦ ହୋଇଥିଲା। ଶବ୍ଦ ଶୁଣି ଘଟଣାସ୍ଥଳର ବିଭିନ୍ନ ସ୍ଥାନରେ କାମ କରୁଥିବା ଅନ୍ୟ ଶ୍ରମିକମାନେ ମଧ ଘଟଣାସ୍ଥଳକୁ ଦୌଡ଼ି ଆସିଥିଲେ। ଶ୍ରମିକମାନେ ତୁରନ୍ତ ଉଦ୍ଧାର ଏବଂ ରିଲିଫ କାର୍ଯ୍ୟ ଆରମ୍ଭ କରିଥିଲେ ଏବଂ ପାୱାର ପ୍ଲାଣ୍ଟ ଅଧିକାରୀମାନଙ୍କୁ ସୂଚନା ଦେଇଥିଲେ। ପ୍ରାରମ୍ଭିକ ସୂଚନା ଅନୁଯାୟୀ, ଏପର୍ଯ୍ୟନ୍ତ ୧୦ ଜଣ ପ୍ରବାସୀ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କ ମଧରୁ ୯ ଜଣଙ୍କର ମୃତ୍ୟୁ ହୋଇଛି, ଯେତେବେଳେ ଜଣେ ଗୁରୁତର ଅବସ୍ଥାରେ ଅଛନ୍ତି।

# ବିହାରରେ ବାଦ ପଡ଼ିଲେ ୪୭ ଲକ୍ଷ ଭୋଟର

## ଇସିଆଇ ପ୍ରକାଶ କଲେ ଚୂଡ଼ାନ୍ତ ତାଲିକା

## ଖୁବ୍‌ଶୀଘ୍ର ହୋଇପାରେ ନିର୍ବାଚନ ତାରିଖ ଘୋଷଣା



ନୂଆଦିଲ୍ଲୀ,୩୦।୯: ବିହାରର ଚୂଡ଼ାନ୍ତ ଭୋଟର ତାଲିକାରେ ବାଦ୍ ପଡ଼ିଲେ ୪୭ ଲକ୍ଷ। ଏସ୍ଆଇଆର୍ ପୂର୍ବରୁ ବିହାରରେ ଥିଲେ ୭ କୋଟି ୮୯ ଲକ୍ଷ ଭୋଟର ଥିବା ବେଳେ ଚୂଡ଼ାନ୍ତ ତାଲିକାରେ ଅଛନ୍ତି ୭ କୋଟି ୪୨ ଲକ୍ଷ ଭୋଟର। ଫଳରେ ବାଦ୍ ପଡ଼ିଛନ୍ତି ୪୭ ଲକ୍ଷ। ଆଜି ଆସିଛି ବିହାରର ଚୂଡ଼ାନ୍ତ ଭୋଟର ତାଲିକା। ବିବାଦୀୟ ସ୍ପେସାଲ ଇନଟେନସିଭ ରିଭିଜନ ପରେ ଏହି ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯାଇଛି। ନିର୍ବାଚନ କମିଶନଙ୍କ ୱେବ୍‌ସାଇଟରେ ଏହା ଅପଲୋଡ୍ ହୋଇଛି। ଚୂଡ଼ାନ୍ତ ଭୋଟର ତାଲିକାରେ ଅଛନ୍ତି ୭ କୋଟି ୪୨ ଲକ୍ଷ ଭୋଟର। ଅଗଷ୍ଟ ୧ରେ ପ୍ରକାଶିତ ହୋଇଥିବା ଚିଠା ତାଲିକାରେ ଥିଲେ ୭ କୋଟି ୨୪ ଲକ୍ଷ ଭୋଟର। ଅର୍ଥାତ ଚିଠା ତାଲିକା ଅପେକ୍ଷା ଚୂଡ଼ାନ୍ତ ତାଲିକାରେ ଯୋଡ଼ି ହୋଇଛନ୍ତି ଆହୁରି ୧୮ ଲକ୍ଷ ଭୋଟର। କିନ୍ତୁ ଏସଆଇଆର୍ ପୂର୍ବରୁ ଥିଲେ ୭ କୋଟି ୮୯ ଲକ୍ଷ ଭୋଟର। ମୁଜାଫରପୁର, ପାଟନା, ନାୱାଡ଼ା ପରି ସ୍ଥାନରେ ଚିଠା ତାଲିକା ଅପେକ୍ଷା ଭୋଟର ସଂଖ୍ୟା ବୃଦ୍ଧି ପାଇଛି। ନିର୍ବାଚନ କମିଶନଙ୍କ ୱେବସାଇଟ୍ VOTERS.ECI.GOV.INରେ ଭୋଟରମାନେ ନିଜ ନାଁ ଖୋଜିପାରିବେ। ଆଉ କିଛି ମାସରେ ବିହାର ବିଧାନସଭା ନିର୍ବାଚନ ହେବ। ତା'ର ମାତ୍ର କିଛି ମାସ ଆଗରୁ ଓ ୨୨ ବର୍ଷ ପରେ ଏସ୍ଆଇଆର୍ କରାଯିବାରୁ ଏହାକୁ ନେଇ ବିବାଦ ଉଠିଥିଲା। ଚିଠା ତାଲିକାରେ ବାଦ୍ ପଡ଼ିଥିଲେ ୬୫ ଲକ୍ଷ। ଏସଆଇଆରର ସ୍ୱଚ୍ଛତା ନେଇ ପ୍ରଶ୍ନ ଉଠିଥିଲା। ବିଶେଷକରି କେଉଁ କେଉଁ ଡକ୍ୟୁମେଣ୍ଟକୁ ଏସଆଇଆରରେ ଗ୍ରହଣ କରାଯିବ, ତାକୁ ନେଇ ସୃଷ୍ଟି ହୋଇଥିଲା ବିବାଦ। ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଅନେକ ସଂଗଠନ ଓ ବ୍ୟକ୍ତି। ଆଧାରକୁ ଗ୍ରହଣ କରିବାକୁ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଥିଲେ ସୁପ୍ରିମକୋର୍ଟ। ତା'ସହ ସୁପ୍ରିମକୋର୍ଟ ସ୍ପଷ୍ଟ କରିଥିଲେ ଯେ ଯଦି ଏସଆଇଆରରେ କିଛି ଗଡ଼ବଡ଼ି ହୋଇଥାଏ ଓ ବେଆଇନ ହୋଇଥାଏ, ଚୂଡ଼ାନ୍ତ ରାୟରେ ଏହାକୁ ପୂରାପୂରି ବାତିଲ କରାଯାଇପାରିବ। ଆସନ୍ତା ୭ ତାରିଖରେ ଏହି ମାମଲାର ଚୂଡ଼ାନ୍ତ ଶୁଣାଣି ହେବ। ବିହାର ଏସ୍ଆଇଆର୍ ବିରୋଧରେ ସାରା ଦେଶରେ ପ୍ରତିବାଦ ହୋଇଥିଲା। ଜାଣିଶୁଣି ବିଜେପି ବିରୋଧୀ ଲୋକଙ୍କୁ ଭୋଟର ତାଲିକାରୁ ବାଦ୍ ଦିଆଯାଇଥିବାର କହି ଆସୁଥିଲେ ବିରୋଧୀ। କେନ୍ଦ୍ର ସରକାର ଓ ଇସିଆଇଙ୍କୁ ଟାର୍ଗେଟ କରିଆସୁଥିଲେ କଂଗ୍ରେସ, ଆରଜେଡି ଓ ବହୁ ଦଳ। ଆରଜେଡି ଓ କଂଗ୍ରେସ କରିଥିଲେ ଭୋଟ ଅଧିକାର ଯାତ୍ରା। ବିହାର ବିଧାନସଭାର କାର୍ଯ୍ୟକାଳ ଆସନ୍ତା ନଭେମ୍ବର ୨୨ ତାରିଖରେ ଶେଷ ହେଉଛି। ଅର୍ଥାତ ତା' ଆଗରୁ ନୂଆ ସରକାର ଗଠନ ହେବ। ଯାହା ଲାଗୁଛି ଖୁବଶୀଘ୍ର ନିର୍ବାଚନ ତାରିଖ ଘୋଷଣା ହେବ। ଆସନ୍ତା ୪ ଓ ୫ ତାରିଖରେ ନିର୍ବାଚନ କମିଶନ ବିହାର ଗସ୍ତ କରି ନିର୍ବାଚନ ପ୍ରସ୍ତୁତିର ସମୀକ୍ଷା କରିବେ। ତା'ର ଦିନେ ଦୁଇ ଦିନ ଭିତରେ ନିର୍ବାଚନ ତାରିଖ ଘୋଷଣା ହେବାର ସମ୍ଭାବନା ରହିଛି।

### ଏସିସି ବୈଠକରେ ନକଭିଙ୍କୁ ଟ୍ୟୁସନ କଲେ ରାଜୀବ ଶୁକ୍ଲା

# ଟ୍ରଫି ନିଜ ସମ୍ପତ୍ତି ନୁହେଁ, ଘରକୁ ନେଇ ପଳେଇଲ

**ନୂଆଦିଲ୍ଲୀ,୩୦।୯:** ଏସିଆ କପ୍ ୨୦୨୫ ଫାଇନାଲ୍ ପରେ ଟ୍ରଫି ହସ୍ତାନ୍ତର ବିବାଦକୁ ନେଇ ମଙ୍ଗଳବାର ଏସିଆନ୍ କ୍ରିକେଟ୍ କାଉନସିଲ (ଏସିସି) ବୈଠକରେ ବିସିସିଆଇ ପିସିବି ଓ ଏସିସି ଅଧ୍ୟକ୍ଷ ମୋହସିନ ନାକଭିଙ୍କୁ କଠୋର ପ୍ରଶ୍ନ କରିଛି। ଭାରତ ନାକଭିଙ୍କ ହାତରୁ ଟ୍ରଫି ଗ୍ରହଣ କରିବାକୁ ମନା କରିବା ପରେ ନାକଭି ଟ୍ରଫିକୁ ନିଜ ହୋଟେଲ କକ୍ଷକୁ ନେଇଯାଇଥିଲେ।

ବିସିସିଆଇ ଉପାଧ୍ୟକ୍ଷ ରାଜୀବ ଶୁକ୍ଲା ବୈଠକରେ ନାକଭିଙ୍କୁ ଟ୍ରଫି ଭାରତୀୟ ଦଳକୁ ନ ଦେବା ପାଇଁ ସମାଲୋଚନା କରି କହିଛନ୍ତି, ଟ୍ରଫି ଏସିସିର ସମ୍ପତ୍ତି ଏବଂ ଏହା ଭାରତକୁ ଉପଯୁକ୍ତ ଭାବେ ହସ୍ତାନ୍ତର ହେବା ଆବଶ୍ୟକ। ତୀବ୍ର ତର୍କ ସତ୍ତ୍ୱେ ନାକଭି ଟ୍ରଫି ହସ୍ତାନ୍ତର କରିବାକୁ ମନା କରିଛନ୍ତି ଏବଂ ଭାରତୀୟ ଦଳକୁ ବିଜୟ ପାଇଁ ଅଭିନନ୍ଦନ ଜଣାଇବାକୁ ମଧ୍ୟ ଅସ୍ୱୀକାର କରିଥିଲେ, ଯାହା ବିସିସିଆଇ ପ୍ରତିନିଧି ଆଶିଷ ଶେଲାରଙ୍କ ଚାପରେ ଶେଷରେ କରିଥିଲେ।

ବିସିସିଆଇ ଏହି ଘଟଣାକୁ ନେଇ ଆଇସିସି ନିକଟରେ ଔପଚାରିକ ଅଭିଯୋଗ ଦାୟର କରିବ। ଭାରତୀୟ ଖେଳାଳିମାନେ ନାକଭିଙ୍କ କାର୍ଯ୍ୟକୁ କଟାକ୍ଷ କରି ବିଜୟ ଉତ୍ସବ ପାଳନ କରିଥିଲେ। ପ୍ରକାଶଥାଉକି ଏସିଆ କପର ୩ ମ୍ୟାଚରେ ପାକିସ୍ତାନ ପ୍ରତିପକ୍ଷ ଭାରତଠାରୁ ଲଜ୍ଜାଜନକ ପରାଜୟ ବରଣ କରିଥିଲା।




# ବଡ଼ଦାଣ୍ଡରେ ବିକ୍ରି ହେବନି ମଦ

## ସଂଯୋଗ ରାସ୍ତାରେ ବି ଆମିଷ ଦ୍ରବ୍ୟ ବିକ୍ରି ମନା

**ପୁରୀ,୩୦।୯(ସଂଚାର ବ୍ୟୁରୋ):** ଶ୍ରୀମନ୍ଦିର ଆଖପାଖ ଅଞ୍ଚଳରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ସକାଶେ ରାଜ୍ୟ ସରକାର ଠୋସ୍ ପଦକ୍ଷେପ ନେବାକୁ ଯାଉଛନ୍ତି। ଆଗାମୀ ଦିନେ ଶ୍ରୀମନ୍ଦିରର ୧ କିମି ପରିଧି କିମ୍ବା ବଡ଼ଦାଣ୍ଡରେ କୌଣସି ସ୍ଥାନରେ ମଦ ବିକ୍ରି ହୋଇପାରିବନାହିଁ। ଶ୍ରୀକ୍ଷେତ୍ରକୁ ନିଶାମୁକ୍ତ କରିବା ପାଇଁ ମୋହନ ସରକାର ଏପରି ଏକ ବଡ଼ ପଦକ୍ଷେପ ନେଇଛନ୍ତି। ମନ୍ଦିର ଚତୁଃପାର୍ଶ୍ୱରେ ମାଦକ ଦ୍ରବ୍ୟ ବିକ୍ରିକୁ ସମ୍ପୂର୍ଣ୍ଣ ଭାବେ ବ୍ୟାନ କରାଯାଇଛି। ସେହିପରି ବଡ଼ଦାଣ୍ଡରେ ଗୋଟିଏ ବି ମଦ ଦୋକାନ ରହିବ ନାହିଁ ବୋଲି କହିଛନ୍ତି ରାଜ୍ୟ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଆହୁରି ବଡ଼ଦାଣ୍ଡକୁ ସଂଯୋଗ କରୁଥିବା ସମସ୍ତ ଛୋଟ ଛୋଟ ରାସ୍ତାରେ ବି ଆମିଷ ବିକ୍ରିକୁ ବାରଣ କରାଯାଇଛି। ଏହାକୁ ଖୁବ୍ ଶୀଘ୍ର କାର୍ଯ୍ୟକାରୀ କରାଯିବ। ଆଧାତ୍ମିକତାର ସୁରକ୍ଷା ଓ ମନ୍ଦିର ଚାରିପାଖରେ ମଦ ବିକ୍ରି ବନ୍ଦ ନେଇ ପଲିସି ଆସିବା ପରେ ଏହାକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯିବ ବୋଲି ଅବକାରୀ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।

# ରାଷ୍ଟ୍ରପତିଙ୍କୁ ଭେଟିଲେ ସିଡିଏସ୍ ଓ ୩ ସେନା ମୁଖ୍ୟ



ନୂଆଦିଲ୍ଲୀ ୩୦।୯: ଭାରତୀୟ ପ୍ରତିରକ୍ଷା ମୁଖ୍ୟ (ସିଡିଏସ) ଜେନେରାଲ ଅନିଲ ଚୌହାନ ମଙ୍ଗଳବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ଭବନରେ ଭେଟିଛନ୍ତି। ଏହା ଏକ ସୌଜନ୍ୟମୂଳକ ସାକ୍ଷାତକାର ଥିଲା ଓ ସିଡିଏସଙ୍କ ସହ ସ୍ଥଳସେନାଧକ୍ଷ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ, ବାୟୁସେନାଧକ୍ଷ ଏୟାର ଚିଫ ମାର୍ଶଲ ଏ.ପି. ସିଂହ ଓ ନୌସେନା ଅଧକ୍ଷ ଆଡମିରାଲ ଦିନେଶ.କେ. ତ୍ରିପାଠୀ ମଧ ଉପସ୍ଥିତ ଥିଲେ। ବୈଠକ କାଳରେ ରାଷ୍ଟ୍ରପତିଙ୍କୁ ୩ ସେନାଙ୍କ ପ୍ରସ୍ତୁତି ଓ ପ୍ରତିରକ୍ଷା ସମ୍ପର୍କିତ ବିଷୟରେ ସୂଚନା ଦିଆଯାଇଛି। ରାଷ୍ଟ୍ରପତି ସଶସ୍ତ୍ର ବଳଙ୍କ ଦକ୍ଷତା, ତ୍ୟାଗ ଓ ଦେଶର ସୁରକ୍ଷାରେ ସେମାନଙ୍କ ଯୋଗଦାନକୁ ଉଚ୍ଚ ପ୍ରଶଂସା କରିଛନ୍ତି। ଏନେଇ ରାଷ୍ଟ୍ରପତି ଭବନ ପକ୍ଷରୁ ଜାରି ବୟାନରେ କୁହାଯାଇଛି ଯେ ରଷ୍ଟ୍ରପତି ମୁର୍ମୁ ୩ ସେନା ମୁଖ୍ୟ ତଥା ପ୍ରତିରକ୍ଷା ମୁଖ୍ୟଙ୍କୁ ସେମାନଙ୍କ କର୍ତ୍ତବ୍ୟ ନିର୍ବାହରେ ସଫଳତା ପାଇଁ ଶୁଭକାମନା ଜଣାଇଛନ୍ତି।







# ପ୍ରଥମ ପୃଷ୍ଠାର

## କେନ୍ଦୁଝରରେ...

ପରେ ୫୨ ବର୍ଷର ପୁରାତନ ଝୁମ୍ପୁରା ଦୁର୍ଗାପୂଜା ମଣ୍ଡପରେ ପହଞ୍ଚି ମୁଖ୍ୟମନ୍ତ୍ରୀ ମହାଷ୍ଟମୀ ଯଜ୍ଞରେ ଆହୁତି ଦେଇଥିଲେ। ଆହୁତି ଦେବା ପରେ ମୁଖ୍ୟମନ୍ତ୍ରୀ ମା'ଙ୍କ ଆଳତୀ କରିଥିଲେ। ମା'ଙ୍କ ପୂଜାର୍ଚ୍ଚନା ପରେ ଝୁମ୍ପୁରା ବଜାରରେ ଚାଲି ଚାଲି ଯାଇ ସାଇ ମନ୍ଦିର ଦୁର୍ଗାପୂଜାରେ ମଧ ଶ୍ରୀ ମାଝୀ ଯୋଗ ଦେଇଥିଲେ। ରାସ୍ତାରେ ଚାଲି ଚାଲି ଯିବା ସମୟରେ ସେ ପୁଣିଥରେ ନିଜକୁ ଲୋକଙ୍କ ମୁଖ୍ୟମନ୍ତ୍ରୀ ବୋଲି ପ୍ରମାଣିତ କରିଥିଲେ। ଲୋକଙ୍କ ସହ ମିଶିବା ସହ ସେମାନଙ୍କ ଭଲ ମନ୍ଦ ପଚାରି ବୁଝିଥିଲେ। ଏହି ଗସ୍ତରେ ଆସନ୍ତାକାଲି ମୁଖ୍ୟମନ୍ତ୍ରୀ କେନ୍ଦୁଝରର ବିଭିନ୍ନ ଦୁର୍ଗା ମଣ୍ଡପ ବୁଲିବା ସହ ଦାଣ୍ଡିଆ କାର୍ଯ୍ୟକ୍ରମରେ ବି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାଛଡ଼ା ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଐତିହ୍ୟ ନଗରୀ କଟକରେ ୩୧ଟି ମଣ୍ଡବ ବୁଲିବେ। ପୂର୍ବାହ୍ନ ସାଢ଼େ ୯ଟା ବେଳେ ମୁଖ୍ୟମନ୍ତ୍ରୀ ପ୍ରତାପନଗରୀ ପୂଜା ମଣ୍ଡପରେ ଦର୍ଶନ ଆରମ୍ଭ କରି ଅପରାହ୍ନ ସାଢ଼େ ୨ଟା ସମୟରେ ମର୍କତନଗର ସେକ୍ଟର-୭ରେ ତାଙ୍କର ଏହି ଦର୍ଶନ ପ୍ରକ୍ରିୟା ଶେଷ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଥିବା କଟକ ଜିଲ୍ଲା ବିଜେପି ସଭାପତି ସୁକାନ୍ତ କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି।

## ଝଡ଼ିପଡ଼ିଲା...

ବେହେରା (୫୫), ତାଙ୍କ ଝିଅ ଉଷା ବେହେରା (୩୩) ଓ ନାତି ଆଦିତ୍ୟ ବେହେରା (୪) ବାହୁଦା ନଦୀରେ ବୁଡି ପ୍ରାଣ ହରାଇଛନ୍ତି। ସେମାନେ ସମ୍ପର୍କରେ ମା', ଝିଅ ଓ ନାତି ହୋଇଥିବା ବେଳେ ନାତୁଣୀ ସୋନାଲି ଗୁରୁତର ଭାବେ ଆହତ ହୋଇ ସ୍ଥାନୀୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସେମାନେ ଗ୍ରାମ ପାର୍ଶ୍ୱରେ ପ୍ରବାହିତ ବାହୁଦା ନଦୀର ଅପର ପାର୍ଶ୍ୱରେ ଥିବା ମା' ରତନେଶ୍ୱରୀ ପୀଠରେ ଆୟୋଜିତ ନବରାତ୍ର ପୂଜା ଦର୍ଶନ କରିବାକୁ ଯାଇଥିଲେ। ତେବେ ଦର୍ଶନ ସାରି ସେମାନେ ଉକ୍ତ ନଦୀ ଅବବାହିକ ଦେଇ ଘରକୁ ଫେରିବା ସମୟରେ ଏକ ବିରାଟ ଗଣ୍ଡରେ ପଶିଯାଇଥିଲେ। ଗ୍ରାମବାସୀ ସମସ୍ତଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ନିକଟସ୍ଥ ଚିକିଟିଗଡ଼ ମେଡିକାଲକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ଅନସୂୟା, ଉଷା ଓ ଆଦିତ୍ୟଙ୍କ ମୃତ ଘୋଷଣା କରିଥିଲେ। ସୋନାଲିଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେହିପରି ନୟାଗଡ଼ ଜିଲ୍ଲା ଓଡ଼ଗାଁ ଆଦର୍ଶ ଥାନା ଅଧୀନ ୨୧ ନମ୍ବର ରାଜ୍ୟ ରାଜପଥ ଗୋଡିପଲି ପେଟ୍ରୋଲ ପମ୍ପ ନିକଟରେ ଏକ ବୁଲେଟ୍ ଓ ବାଇକ୍ ମଧରେ ମୁହାଁମୁହିଁ ଧକ୍କା ହୋଇଥିଲା। ବାଣ୍ଟପୁର ପଞ୍ଚାୟତ ଅନ୍ତର୍ଗତ ଚେମେଡି ଗ୍ରାମର ମୋହନ ବାରିକ ତାଙ୍କ ବୁଲେଟ୍ (ନଂ.ଓଡି୨୫କ୍ୟୁ-୯୨୮୫) ଯୋଗେ ଗାଁରୁ ବାହାରି କୋମଣ୍ଡ-ବାଘୁଆ ଛକ ଦେଇ ଯିବା ସମୟରେ କେନ୍ଦ୍ରାପଡ଼ାର ସନ୍ତୋଷ କୁମାର ରାଉତରାୟ (୩୫) ଓ ତାଙ୍କର ସମ୍ପର୍କୀୟ ଭାଇ ଗଞ୍ଜାମ ଜିଲ୍ଲା କରସିଂ ଗ୍ରାମର ସିଲୁ ନାୟକ (୨୪) ବାଇକ୍ (ନଂ.ଓଡି୨୯ଡି-୨୪୪୮)ରେ ଗାଁକୁ ଯାଉଥିଲେ। କିନ୍ତୁ ଗୋଡିପଲି ପେଟ୍ରୋଲ ପମ୍ପ ନିକଟରେ ଉଭୟ ଗାଡ଼ି ପରସ୍ପର ସହ ଧକ୍କା ହେବା ଫଳରେ ଉଭୟ ଗାଡି ସହ ୩ ଜଣ ବାଇକ୍ ଆରୋହୀ ପ୍ରାୟ ୧୦ ଫୁଟ ଉପରକୁ ଉଠି ରାସ୍ତା ଉପରେ କଚାଡି ହୋଇପଡ଼ିଥିଲେ। ସେମାନଙ୍କୁ ଦମକଳ ବାହିନୀ କର୍ମଚାରୀମାନେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ୩ ଜଣଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସ୍ଥାନୀୟ ପୁଲିସ ୨ଟି ଗାଡ଼ି ସହ ୩ଟି ମୋବାଇଲ ଓ ମୃତଦେହ ଜବତ କରି ମାମଲାର ତଦନ୍ତ ଆରମ୍ଭ କରିଛି। ମୃତକଙ୍କ ସମ୍ପର୍କୀୟ ହସ୍ପିଟାଲ ପହଞ୍ଚିବା ପରେ ସେଠାରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମୃତ ମୋହନ ମିସ୍ତ୍ରି ଭାବେ କାମ କରୁଥିବା ବେଳେ ସେ ନୂଆ ବୁଲେଟ୍ କିଣିଥିଲେ ହେଁ ଏହା ତାଙ୍କ ମୃତ୍ୟୁର କାରଣ ସାଜିଛି। ଫଳତଃ ଆଜିର ମଙ୍ଗଳବାର ୩ଟି ପରିବାର ପାଇଁ ଅମଙ୍ଗଳିଆ ସାବ୍ୟସ୍ତ ହୋଇଛି।

# ମନ୍ତ୍ରୀଙ୍କ କାର୍‌କୁ ପିଟିଲା ବାଇକ, ୨ ଆହତ

## ହସ୍ପିଟାଲ୍‌ରେ ଆହତଙ୍କୁ ଭେଟିଲେ ମନ୍ତ୍ରୀ



**ଦେବଗଡ଼,୩୦।୯(ସଂଚାର ବ୍ୟୁରୋ):** ଦେବଗଡ ଥାନା ଅନ୍ତର୍ଗତ ବଳମ ଗ୍ରାମରେ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ଓ ଗ୍ରାମ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକଙ୍କ କାର୍‌କୁ ଏକ ବାଇକ୍ ଧକ୍କା ଦେବା ଫଳରେ ୨ ଜଣ ବାଇକ ଆରୋହୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ଅଧିକ ଚିକିତ୍ସା ନିମନ୍ତେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ମିଳିଥିବା ସୂଚନାନୁଯାୟୀ, ଗତକାଲି ସନ୍ଧ୍ୟାରେ ବଳମସ୍ଥିତ ଜାଗୃତି ଦୁର୍ଗାପୂଜା କମିଟି ପକ୍ଷରୁ ଦୁର୍ଗାପୂଜାର ରୌପ୍ୟ ଜୟନ୍ତୀ ସମାରୋହ କାର୍ଯ୍ୟକ୍ରମ ରହିଥିଲା। ମନ୍ତ୍ରୀ ଶ୍ରୀ ନାୟକ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ କାର୍ ଯୋଗେ ଆସୁଥିବା ସମୟରେ ଆଗରେ ପୁଲିସର ଗାଡି ମଧ୍ୟ ଯାଉଥିଲା। ତେବେ ମନ୍ତ୍ରୀ ଶ୍ରୀ ନାୟକ ଅଳ୍ପ ଦୂରରେ ଥିବା ମଳମ ଶାସନ ସାହିରେ ଜଣେ ବନ୍ଧୁଙ୍କୁ ସାକ୍ଷାତ କରିବାକୁ ଅଟକିଥିଲେ। ଫଳରେ ପୁଲିସ ପାଇଲଟିଂ ଗାଡିଟି ଆଗକୁ ଅଗ୍ରସର ହେବା ସହ ବଳମ ମୁଖ୍ୟ ଛକ ପାର୍ ହୋଇଥିଲା। ତେବେ କିଛି ସମୟ ପରେ ମନ୍ତ୍ରୀଙ୍କ କାର୍‌ଟି ବଳମ ମୁଖ୍ୟ ଛକରେ ଥିବା ମେଡିଆନ କ୍ରସିଂରେ ରାସ୍ତାର ଡାହାଣ ପାର୍ଶ୍ୱକୁ ବୁଲାଇଉଥିବା ସମୟରେ ଅଚାନକ ପଛପଟୁ ଏକ ବାଇକରେ ଆସୁଥିବା ନିକଟସ୍ଥ ଭାଲୁମୁଣ୍ଡା ଗ୍ରାମର ଦିଗାମ୍ବର ପ୍ରଧାନ (୨୨) ଓ ପ୍ରଦୀପ ପଲେଇ ଉକ୍ତ କାର୍‌କୁ ପଛପଟୁ ଧକ୍କା ଦେଇଥିଲେ। ଫଳରେ ସେମାନେ ରାସ୍ତା ଉପରକୁ ଛିଟିକି ପଡ଼ି ଆହତ ହୋଇଥିଲେ। ସେଠାରେ ଉପସ୍ଥିତ ଥିବା ପୁଲିସ କର୍ମଚାରୀମାନେ ଉଭୟଙ୍କୁ ଉଦ୍ଧାର କରି ଦେବଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଦିଗାମ୍ବରଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଅଧିକ ଚିକିତ୍ସା ନିମନ୍ତେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଅନ୍ୟପକ୍ଷରେ ମନ୍ତ୍ରୀ ବଳମ ଦୁର୍ଗାପୂଜା ମଣ୍ଡପରେ ପହଞ୍ଚି ମା' ଦୁର୍ଗାଙ୍କ ଦର୍ଶନ ସାରି ଜାଗୃତି ଦୁର୍ଗା ପୂଜା କମିଟି ପକ୍ଷରୁ ଆୟୋଜିତ ରୌପ୍ୟ ଜୟନ୍ତୀ ସାମାରୋହରେ କମିଟି କର୍ମକର୍ତ୍ତା ଓ ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା ବାର୍ତ୍ତା ଦେଇ ଆହତମାନଙ୍କୁ ଦେଖିବା ସକାଶେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ତାଙ୍କ ସହ ରୌପ୍ୟ ଜୟନ୍ତୀ ସମାରୋହରେ ସମ୍ମାନିତ ଅତିଥି ଭାବେ ଯୋଗଦେବାକୁ ଥିବା ଜିଲ୍ଲା ବିଜେପି ସଭାପତି ଅରୁଣ କୁମାର ସାହୁ ମଧ୍ୟ ଉପସ୍ଥିତ ଥିଲେ। ସେହିପରି ରୌପ୍ୟ ଜୟନ୍ତୀ ସମାରୋହରେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେବା ଅବସରରେ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।



## ଚଣ୍ଡୀପାଠରେ କମ୍ପୁଛି ପୂଜା ମଣ୍ଡପ

**କାକଟପୁର/ଅସ୍ତରଙ୍ଗ,୩୦।୯ (ସଂଚାର ବ୍ୟୁରୋ):** ଚଉଦିଗ ଦୁର୍ଗାମୟ। ମା’ ଦୁର୍ଗାଙ୍କ ଆରାଧନାରେ ଦଶଦିଗ ମୁଖରିତ। ଅଧର୍ମର ଅବସାନ ଘଟାଇ ଧର୍ମ ସଂସ୍ଥାପନ ଲାଗି ସେ ଆବିର୍ଭୂତା। ସକଳ ଦୁର୍ଗତିରୁ ଉଦ୍ଧାର କରୁଥିବାରୁ ସେ ଦୁର୍ଗା। ଆଶ୍ୱିନର ଶୁଭଲଗ୍ନରେ ମହିଷାସୁରମର୍ଦ୍ଦିନୀ ଭାବେ ମା’ ପୂଜିତା। ଘଣ୍ଟ, ଶଙ୍ଖ ହୁଳ ହୁଳି ଧ୍ୱନିରେ ପ୍ରକମ୍ପିତ ହେଉଛି ପରିବେଶ । ସବୁଠି ଭକ୍ତ ଓ ଭଗବାନଙ୍କ ମିଳନର ଅପୂର୍ବ ଦୃଶ୍ୟ ଦେଖିବାକୁ ମିଳୁଛି । ମଣ୍ଡପରେ ମା’ଙ୍କର ମହା ଅଷ୍ଟମୀ ପୂଜା ଚାଲିଥିବା ବେଳେ ପୀଠରେ ଚାଲିଛି ମହା ନବମୀ ପୂଜା। ପୁରୀ ଜିଲ୍ଲା କାକଟପୁର ବ୍ଲକ ବାଜପୁର ନିକଟସ୍ଥ ରାଧାମାଧବପାଟଣା ନୃସିଂହ ନାଥ ୟୁଥ କ୍ଲବ ତରଫରୁ ଚଳିତ ବର୍ଷ ଦ୍ୱିତୀୟ ବର୍ଷରେ ପଦାର୍ପଣ କରିଥିବା ବେଳେ ମହାଷ୍ଟମୀ ପୂଜା କରିବା ଲାଗି ମଣ୍ଡପରେ ପ୍ରବଳ ଭିଡ ଲାଗି ରହିଛି। ଭକ୍ତିମୟ ପରିବେଶ ସାଙ୍ଗକୁ ଚଣ୍ଡିପାଠରେ କମ୍ପୁଛି ପୁରା ପରିବେଶ। ମାଆଙ୍କ ଆରାଧନା ଓ ଆଶୀର୍ବାଦ ନେବା ପାଇଁ ଶ୍ରଦ୍ଧାଳୁଙ୍କ ଗହଳି ଲାଗିଛି। ରଙ୍ଗୀନ ଆଲୋକ ମାଳାରେ ସଜେଇ ହୋଇଛି ରାଧାମାଧବ ପାଟଣା। ଦୁର୍ଗା କ୍ଲବ ପୂଜା ମଣ୍ଡପ । ଆକର୍ଷଣୀୟ ସାଜସଜ୍ଜାରେ ଝଲସୁଛି ପୁରା ପରିବେଶ ।

## ଶାରଦୀୟ ପୂଜାରେ ହିଞ୍ଜିଳିକାଟୁ ଉତ୍ସବମୁଖର



**ହିଞ୍ଜିଳିକାଟୁ,୩୦।୯ (ସଂଚାର ବ୍ୟୁରୋ):** ଶାରଦୀୟ ଦୁର୍ଗାପୂଜା ପାଇଁ ହିଞ୍ଜିଳିକାଟୁ ସହର ଉତ୍ସବମୁଖର ହୋଇଉଠିଛି। ବିଭିନ୍ନ ପୀଠ ଓ ମଣ୍ଡପରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି । ରଙ୍ଗବେରଙ୍ଗର ଆଲୋକ ମାଳାରେ ସଜେଇ ହୋଇଛି ସହର। ପ୍ରତିଟି ପୂଜା ପେଣ୍ଡାଲରେ ନୂଆ ନୂଆ ଥିମ୍, ଅଦ୍ଭୁତ ଆଲୋକସଜ୍ଜା ସହ ମା’ ଦୁର୍ଗାଙ୍କ ମୂର୍ତ୍ତି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଆଜି ଅସ୍ଥାୟୀ ମଣ୍ଡପ ଗୁଡ଼ିକରେ ରୀତିନୀତି ଅନୁସାରେ ମା’ଙ୍କ ମହାଷ୍ଟମୀ ପାଳିତ ହୋଇଛି। ପୌରାଞ୍ଚଳର ରେଗିଡ଼ି ସାହି ସ୍ଥିତ ବିଦ୍ୟୁତ ବିଭାଗ ,ବାଇଚ ବଣିଆ ଦୁର୍ଗା ମଣ୍ଡପ, ଲକ୍ଷ୍ମୀ ବଜାର ପୂଜା ମଣ୍ଡପ ସମେତ ବ୍ଲକର ରାଲବ, ସମରଝୋଳ ଛକ, କଣ୍ଟେଇକୋଲି ଗ୍ରାମରେ ଦୁର୍ଗାପୂଜା ଆୟୋଜିତ ହୋଇଛି। ସେହିପରି ଠାକୁରାଣୀ ମନ୍ଦିର ଗୁଡ଼ିକରେ ପ୍ରତିଦିନ ସନ୍ଧ୍ୟାରେ ଯଜ୍ଞକର୍ମ ନୀତି ଅନୁଷ୍ଠିତ ହେଉଛି। ଦେବୀଙ୍କୁ ବିଭିନ୍ନ ବେଶରେ ସଜ୍ଜିତ କରାଯାଉଛି। ଚଳିତବର୍ଷ ପୂଜା ସମୟରେ ବର୍ଷା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଥିଲେ ମଧ୍ୟ ପାଗ ଅନୁକୂଳ ରହିଥିବାରୁ ପାର୍ବଣ ପାଇଁ ସହରର ଚଳଚଞ୍ଚଳ ହୋଇଉଠିଛି। ବ୍ୟବସାୟୀମାନଙ୍କ ମଧ୍ୟ ଭଲ ବେପାର ହୋଇଥିବା ଜଣାପଡ଼ିଛି। ବସ୍ତ୍ର, ଗହଣା, ଫୁଲ, ମିଠା ଓ ଖାଦ୍ୟ ଦୋକାନରେ ଗ୍ରାହକମାନଙ୍କ ଭିଡ଼ ଦେଖାଯାଉଛି।

## ମହାକାଳୀ ବେଶରେ ଦର୍ଶନ ଦେଲେ ମା’ ବିରଜା



**ଯାଜପୁର,୩୦।୯ (ସଂଚାର ବ୍ୟୁରୋ):** ମା’ ବିରଜା ମହାକାଳୀ ବେଶରେ ଭକ୍ତମାନଙ୍କୁ ଦେଲେ ଦୁର୍ଲଭ ଦର୍ଶନ। ଶାରଦୀୟ ଦୁର୍ଗୋତ୍ସବର ପବିତ୍ର ମହାଷ୍ଟମୀ ତିଥିରେ ଯାଜପୁରର ମା ବିରଜା ପୀଠ ଅତ୍ୟନ୍ତ ଆକର୍ଷଣୀୟ ଓ ଆଧାତ୍ମିକ ଦୃଶ୍ୟର ସାକ୍ଷୀ ହୋଇଥିଲା। ମଧରାତ୍ରୀ ସମୟରେ ମା’ ବିରଜା ମହାକାଳୀ ବେଶରେ ଦର୍ଶନ ଦେଲେ। ମା’ଙ୍କ ଏହି ଦୁର୍ଲଭ ବେଶ ଦର୍ଶନ ପାଇଁ ସହସ୍ରାଧିକ ଭକ୍ତମାନେ ସନ୍ଧ୍ୟାରୁ ମନ୍ଦିର ପରିସରରେ ଭିଡ଼ କରିଥିଲେ। ଦର୍ଶନ ସମୟରେ “ଜୟ ମା ବିରଜା” ଓ “ଜୟ ମା କାଳୀ” ଧ୍ୱନିରେ ସାରା ମନ୍ଦିର ପରିସର ମହିମାମୟ ହୋଇଥିଲା।ମନ୍ଦିର ପରିସରରେ ପୂଜା-ପାଠ, ଧୂପ-ଦୀପ, ଘଣ୍ଟା-ଘଣ୍ଟିର ସ୍ୱରରେ ଏକ ଅଲୌକିକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ମହାଷ୍ଟମୀରେ ମାଙ୍କୁ ଦୁର୍ଲଭ ମହାକାଳୀ ବେଶରେ ଦେଖି ପାରିବାରୁ ଭକ୍ତମାନେ ଅପାର ଆନନ୍ଦ ଓ ଭକ୍ତିଭାବରେ ମୋହିତ ହୋଇଥିଲେ।

## ସରିଲା ମା’ ମଙ୍ଗଳାଙ୍କ ଷୋଡ଼ଶ ଦିନାତ୍ମକ ପୂଜା

### ନବମୀରେ ସ୍ୱତନ୍ତ୍ର ନୀତିକାନ୍ତିରେ ସହସ୍ର କୁମ୍ଭାଭିଷେକ ଅନୁଷ୍ଠିତ



**କାକଟପୁର/ଅସ୍ତରଙ୍ଗ, ୩୦।୯(ସଂଚାର ବ୍ୟୁରୋ):** ଓଡ଼ିଶାର ପ୍ରସିଦ୍ଧ ଶକ୍ତିପୀଠମାନଙ୍କ ମଧ୍ୟରେ ପୁରୀ ଜିଲ୍ଲା କାକଟପୁର ର ଅଧିଷ୍ଠାତ୍ରୀ ଦେବୀ ମା’ ମଙ୍ଗଳାଙ୍କ ପୀଠ ଅନ୍ୟତମ। ପ୍ରାଚୀ ନଦୀର ସୁରମ୍ୟ ତଟଦେଶରେ ମା’ଙ୍କ ମନ୍ଦିର ଅବସ୍ଥିତ। ବର୍ଷର ବିଭିନ୍ନ ସମୟରେ ମା’ଙ୍କ ଯାନିଯାତ୍ରା, ପର୍ବପର୍ବାଣୀ ଅନୁଷ୍ଠିତ ହୋଇଥାଏ। ତନ୍ମଧ୍ୟରୁ ପ୍ରସିଦ୍ଧ ଶାରଦୀୟ ପାର୍ବଣ ପୂଜା ଅନ୍ୟତମ। ଆଶ୍ୱିନ କୃଷ୍ଣ ଅଷ୍ଟମୀ (ମୂଳାଷ୍ଟମୀ) ଦିନ ମା’ ଶୟନ ତ୍ୟାଗ କରନ୍ତି। ମା’ଙ୍କୁ ଜାଗ୍ରତ କରିବା ପାଇଁ ଏହି ଦିନ ଷୋଡ଼ଶ ଉପଚାରରେ ମା’ଙ୍କ ଚଳନ୍ତି ପ୍ରତିମା ଓ ଦୁର୍ଗା ପ୍ରତିମାଙ୍କୁ ଦିବ୍ୟ ସୁଗନ୍ଧ ଜଳରେ ୧୦୮ ଥର ଲେଖାଏଁ ସ୍ନାନ କରାଯାଏ। ପୀଠରେ ଶାରଦୀୟ ପୂଜାର ଅୟଆରମ୍ଭ ହୁଏ। ଅଖଣ୍ଡ ଦୀପ ଲଗାଯାଏ। ଦିବ୍ୟ ସୁବାସିତ ଜଳରେ ସ୍ନାନପରେ ମା’ ମଙ୍ଗଳାଙ୍କୁ ବେଶ କରାଯାଇଥାଏ। ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ସିଂହ ପୂଜା ଓ କଳସ ପୂଜା କରାଯାଇ ବଲ୍ଲଭ ପୂଜା ହୁଏ। ପ୍ରତିପଦ (ନବ ପତ୍ରିକା)ଠାରୁ ଚତୁର୍ଥୀ ପର୍ଯ୍ୟନ୍ତ ମା’ଙ୍କ ପାଦ ପଦ୍ମଲାଗି, ନାଳିକଲି ବେଶ ଓ କଳା କଲିବେଶ ବେଶ ଅନୁଷ୍ଠିତ ହୋଇଥାଏ। ପଞ୍ଚମୀ ଦିନ ମା’ଙ୍କୁ ତୀର କମାଣ ବେଶ, ଷଷ୍ଠୀ ଦିନ କାତିଖର୍ପର ବେଶ, ସପ୍ତମୀ ଦିନ ସିଂହବାହିନୀ ବେଶ, ଅଷ୍ଟମୀ ଦିନ ମହିଷାମର୍ଦ୍ଦିନୀ ବେଶ ଏବଂ ନବମୀ ଦିନ ମହାସରସ୍ୱତୀ ବେଶରେ ସଜ୍ଜିତ କରାଯାଇ ପୂଜା କରାଯାଇଥିଲା। ମହାଷ୍ଟମୀ ଦିନ ମା’ଙ୍କ ଚଳନ୍ତି ପ୍ରତିମା ରତ୍ନଗିରିରୁ ଫେରି ଜଗତି ପୂଜା ପରେ ଦୁର୍ଗାଙ୍କ ସହିତ ମନ୍ଦିର ଭିତରକୁ ଯାଆନ୍ତି। ମୂଳାଷ୍ଟମୀଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ମନ୍ଦିରରେ ଚଣ୍ଡିପାଠ କରାଯାଇଥିଲା। ମହାନବମୀ ଦିନ ମନ୍ଦିରରେ ସ୍ୱତନ୍ତ୍ର ନବମୀ ପୂଜା ହୋଇଥିଲା ପୁନର୍ବାର ସହର୍ଷ କୁମ୍ଭ ଭିଷେକ ଜଳ ରେ ମା ଙ୍କୁ ସ୍ନାନ କରାଯାଇଥିଲା। ରାତ୍ରି ଧୂପ ପରେ ନବମୀ ହୋମ ହୁଏ। ଆଜି ପବିତ୍ର ନବମୀ ରେ ମା’ ମଙ୍ଗଳା ଦର୍ଶନ ପାଇଁ ହଜାର ହଜାର ଶ୍ରଦ୍ଧାଳୁ ଙ୍କ ଭିଡ଼ ଜମିଥିଲା।

# ଚେତିଲା ପ୍ରଶାସନ: ବିରଜା ମୂର୍ତ୍ତିରେ ପାଲ ଘୋଡ଼ା ହେଲା

**ଯାଜପୁର,୩୦।୯ (ସଂଚାର ବ୍ୟୁରୋ):** ପ୍ରାଚୀନ ଶକ୍ତିପୀଠରେ ମା’ ବିରଜାଙ୍କ ପ୍ରତିମୂର୍ତ୍ତି ଓ ପରିସରରେ ଚାଲୁଥିବା ଅବହେଳା ବିଷୟରେ ଖବର ‘ସଂଚାର’ ଖବର କାଗଜରେ ପ୍ରକାଶିତ ହେବାରେ ଜିଲ୍ଲା ପ୍ରଶାସନର ନଜର ଅବଶେଷରେ ପଡ଼ିଛି।

## ଦୀର୍ଘଦିନ ହେଲା ପରିତ୍ୟକ୍ତ ଅବସ୍ଥାରେ ପଡିରହିଥିଲା







‘ସଂଚାର’ ପ୍ରଭାବ

ବର୍ଷ ବର୍ଷ ଧରି ଅବହେଳାରେ ପଡ଼ିଥିବା ପ୍ରତିମୂର୍ତ୍ତି ସମ୍ପର୍କରେ ଖବର ପ୍ରକାଶ ପରେ ପ୍ରଶାସନ ପକ୍ଷରୁ ହଠାତ୍ ସଚେତନତା ବଢ଼ିଥିବାର ସୂଚନା ମିଳିଛି। ପରିତ୍ୟକ୍ତ ହୋଇ ପଡିଥିବା ପ୍ରତିମୂର୍ତ୍ତିରେ ପାଲ ଘୋଡ଼ା ଯାଇଛି। "ବିରଜା ପରିକ୍ରମା ପ୍ରକଳ୍ପ" ନାମରେ ହୋଇଥିବା ବଡ଼ ବଡ଼ ଘୋଷଣାଗୁଡ଼ିକ ମନ୍ଥର ଗତିରେ ଅଟକି ପଡ଼ିଥିବା ପ୍ରତି ଭକ୍ତମାନଙ୍କ ଅସନ୍ତୋଷ ଦେଖାଦେଇଥିଲା।

ପ୍ରଶାସନୀୟ ପ୍ରତିକ୍ରିୟାରେ ଜିଲ୍ଲା ପ୍ରଶାସନର ଜଣେ ଅଧିକାରୀ କହିଛନ୍ତି -"ମା ବିରଜାଙ୍କ ପ୍ରତିମୂର୍ତ୍ତି ଓ ପରିସର ପ୍ରତି ପ୍ରଶାସନ ସଜାଗ। ଏନେଇ ଦୈନିକ ଖବର କାଗଜ ‘ସଂଚାର’ରେ ଖବର ପ୍ରକାଶ ପାଇବା ପରେ ଆମେ ଏହାକୁ ନେଇ ତୁରନ୍ତ ସମୀକ୍ଷା କରିଛୁ। ପ୍ରତିମୂର୍ତ୍ତିର ସୁରକ୍ଷା, ସଂରକ୍ଷଣ ଓ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଶୀଘ୍ର କାର୍ଯ୍ୟକଳାପ ଆରମ୍ଭ ହେବ। ପ୍ରଶାସନର ଏହି ପ୍ରତିକ୍ରିୟାରୁ ଭକ୍ତମାନଙ୍କ ମଧ୍ୟରେ ଆଶା ଜାଗିଛି। ସାଧାରଣ ଲୋକମାନଙ୍କ କଥାରେ, "ମାଆଙ୍କୁ ଯେତେବେଳେ ସମ୍ମାନ ଦିଆଯିବ, ସେତେବେଳେ ଯାଜପୁରର ସତ୍ୟ ସମ୍ମାନ ହେବ।"

## ନୂଆଦିଲ୍ଲୀରେ ସମ୍ମାନିତ ହେଲେ ଯୁବ ସମାଜସେବୀ



**ବ୍ରହ୍ମପୁର,୩୦।୯ (ସଂଚାର ବ୍ୟୁରୋ):** ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗଞ୍ଜାମର ଯୁବ ସମାଜସେବୀ ପ୍ରତ୍ୟୁଷ ରଞ୍ଜନ ଦାଶଙ୍କୁ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ‘ଯୁବା ସାମୁଦାୟିକ ଚାମ୍ପିଅନ୍ ପୁରସ୍କାର’ ସହ ସମ୍ମାନିତ କରାଯାଇଛି। ଆନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ସଂଗଠନ ‘ରାଷ୍ଟ୍ରୀୟ ଏକୀକୃତ କଳାକାର ଏବଂ କାର୍ଯ୍ୟକର୍ତ୍ତା ମଞ୍ଚ’ (ନିଫା)ର ୨୫ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ରଜତ ଜୟନ୍ତୀ ସ୍ଥାପନା ସମାରୋହ ନୂଆଦିଲ୍ଲୀ ଏବଂ ହରିୟାଣାର କର୍ଣ୍ଣାଲରେ ଅନୁଷ୍ଠିତ ହୋଇଥିଲା।

ଏହି ଅବସରରେ ଦେଶ-ବିଦେଶରୁ ୧୫୦୦ରୁ ଅଧିକ ସମାଜସେବୀ ଏବଂ କଳାକାର ଯୋଗଦେଇଥିଲେ। ସମସ୍ତ ରାଜ୍ୟରୁ ଚୟନିତ ସମାଜସେବୀ ଓ କଳାକାରମାନଙ୍କୁ ସମ୍ମାନିତ କରାଯାଇଥିଲା। ଓଡ଼ିଶାରୁ ୧୩ ଜଣ ସମାଜସେବୀ ସମ୍ମାନିତ ହୋଇଥିଲେ, ଯାହାମାନଙ୍କ ମଧ୍ୟରେ ଗଞ୍ଜାମରୁ ଯୁବ ସମାଜସେବୀ ଶ୍ରୀ ଦାଶ ମଧ ଅନ୍ୟତମ। ସାମାଜିକ କ୍ଷେତ୍ରରେ ଉଲ୍ଲେଖନୀୟ ସେବାକାର୍ଯ୍ୟ ପାଇଁ ସେ ଓଡ଼ିଶାରୁ ଚୟନିତ ହୋଇ ‘ଯୁବା ସାମୁଦାୟିକ ଚାମ୍ପିଅନ୍ ପୁରସ୍କାର’ ସାଙ୍ଗକୁ ‘ୱାର୍ଲ୍ଡ ରେକର୍ଡ୍ ଅଫ୍ ଏକ୍ସଲେନ୍ସ, ଇଂଲଣ୍ଡ’ ତରଫରୁ ପ୍ରଶଂସା ପତ୍ର ପ୍ରାପ୍ତ କରିଛନ୍ତି।

ସୂଚନାଯୋଗ୍ୟ ଯେ, ପ୍ରତ୍ୟୁଷ ଓୟୁଏଟିର ମତ୍ସ୍ୟବିଜ୍ଞାନ ମହାବିଦ୍ୟାଳୟର ଛାତ୍ର। ଛାତ୍ରଜୀବନରୁ ସେ ବିଭିନ୍ନ ସାମାଜିକ ସଂଗଠନ ସହ ଜଡ଼ିତ ହୋଇ, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ସଚେତନତା, ରକ୍ତଦାନ, ବୃକ୍ଷରୋପଣ, ପ୍ରାକୃତିକ ବିପର୍ଯ୍ୟୟରେ ପ୍ରପୀଡ଼ିତଙ୍କୁ ସହାୟତା ପ୍ରଦାନ ଭଳି ସେବାକାର୍ଯ୍ୟରେ ସଦା ନିୟୋଜିତ। କରୋନା ମହାମାରୀ କାଳରେ ସେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ସହିତ ରୋଗୀମାନଙ୍କ ପାଇଁ ବହୁପ୍ରକାର ସହାୟତା ଯୋଗାଇ ‘ଦେବଦୂତ’ ସାବ୍ୟସ୍ତ ହୋଇଥିଲେ।

## ଚାନ୍ଦା ମାଗନ୍ତୁ ନାହିଁ: ପ୍ରୋଜେକ୍ଟ ଡାଇରେକ୍ଟରଙ୍କ କଡା ସନ୍ଦେଶ




**ଯାଜପୁର,୩୦।୯ (ସଂଚାର ବ୍ୟୁରୋ):** ଯାଜପୁର ୱାଟରସେଡ୍ ପ୍ରୋଜେକ୍ଟ ଡାଇରେକ୍ଟର ରମାକାନ୍ତ ପରିଡାଙ୍କ ଅଫିସ୍‌ରେ ଏକ ଅଲଗା ଦୃଶ୍ୟ - ତାଙ୍କ ନାମଫଳକ ତଳେ ଲେଖା ରହିଛି, “ଦୟାକରି ଚାନ୍ଦା ମାଗନ୍ତୁ ନାହିଁ।” ପରିଡା କହିଛନ୍ତି, “ପୂଜା ପାଇଁ ବିଭିନ୍ନ ବର୍ଗର ଲୋକେ ବାରମ୍ବାର ଚାନ୍ଦା ମାଗୁଥିଲେ। ଏହି ଅସୁବିଧାକୁ ଟାଳିବା ପାଇଁ ମୁଁ ଏହାକୁ ଲେଖିଥିଲି।” ଲୋକେ ସରକାରୀ ଅଧିକାରୀଙ୍କ ଠାରୁ ବାଧ୍ୟତାରେ ଚାନ୍ଦା ନେଉଛନ୍ତି। ପରିଡାଙ୍କ ସହଜ ଉତ୍ତର “ମୁଁ ଯଦି ଦୁର୍ନୀତି କରିଥାନ୍ତି, ସିନା ଚାନ୍ଦା ଦେଇଥାନ୍ତି।” ଏହି କଥା ସମାଜରେ ଚାଲିଥିବା ଚାନ୍ଦା-ଭେଦା ପ୍ରଥାର କଡା ସତ୍ୟକୁ ପ୍ରକାଶ କରେ। ପୂଜା, ପର୍ବ, ଉତ୍ସବ ସବୁଠି ଚାନ୍ଦା ଏକ ଅଲିଖିତ କରରେ ପରିଣତ ହୋଇଛି।" ଚାନ୍ଦା-ଭେଦାର ପ୍ରଥାକୁ ହଟାଇବା ଦରକାର, ସମାଜରେ ସତ୍ୟ, ସ୍ୱଚ୍ଛ ସମର୍ପଣକୁ ପ୍ରୋତ୍ସାହନ ଦିଆଯିବା ଆବଶ୍ୟକ।"ବୋଲି କହିଛନ୍ତି ରମାକାନ୍ତ ପରିଡା। ସମ୍ପ୍ରତି, ଅନେକ ବିଭାଗର ଅଧିକାରୀମାନଙ୍କ ଠାରୁ ପୂଜାରେ ଚାନ୍ଦା ବା ପୂଜା ଭେଟି ଆଦାୟ କରାଯାଉଛି, ଯାହାକୁ ହଟେଇବା ଏବଂ ସାର୍ବଜନୀନ ସ୍ୱଚ୍ଛତା ରକ୍ଷା କରିବା ଆବଶ୍ୟକ।

## ପିଚୁକୋଲି ଜିପିରେ ‘ଆମ ପୁଲିସ’ କାର୍ଯ୍ୟକ୍ରମ




**ଖୋର୍ଦ୍ଧା,୩୦।୯ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲ୍ଲା ପୁଲିସ ଜନସାଧାରଣଙ୍କ ସହିତ ସୁସମ୍ପର୍କ ସ୍ଥାପନ କରିବା ପାଇଁ ଜିଲ୍ଲାରେ ‘ଆମ ପୁଲିସ’ କାର୍ଯ୍ୟକ୍ରମ ଆୟୋଜନ କରିଛି। ବେଗୁନିଆ ଥାନାର ପିଚୁକୋଲି ଜିପି ଅଧୀନରେ ପିଚୁକୋଲି କଲ୍ୟାଣ ମଣ୍ଡପରେ ଆମ ପୁଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୧୮ ଜଣ ସରପଞ୍ଚଙ୍କ ମଧ୍ୟରୁ ୧୫ ଜଣ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ, ଯେଉଁଥିରେ ୩ ଜଣ ମହିଳା ସରପଞ୍ଚ ଏବଂ ଥାନା ସଦସ୍ୟଙ୍କ ସମେତ ବେଗୁନିଆ ଏବଂ ଧଳାପଥରର ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ୧୭୫ ରୁ ଅଧିକ ଅଂଶଗ୍ରହଣକାରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ, ୨୦ ଜଣ ସଦସ୍ୟ ସେମାନଙ୍କର ମୂଲ୍ୟବାନ ମତାମତ ଦେଇଥିଲେ।

ଖୋର୍ଦ୍ଧାର ପୁଲିସ ଅଧିକ୍ଷକ ବିବେକାନନ୍ଦ ଶର୍ମା (ଆଇପିଏସ୍) କହିଛନ୍ତି ଯେ ପୋଲିସ ଅପରାଧୀଙ୍କୁ କୌଣସି ଅପରାଧ କରିବାର ସୁଯୋଗ ଦେବ ନାହିଁ। ଜନସାଧାରଣ ଭାବିବା ଉଚିତ ଯେ ପୋଲିସ କର୍ମଚାରୀମାନେ ସେମାନଙ୍କର ବନ୍ଧୁ। ଅପରାଧ ନିୟନ୍ତ୍ରଣ ପାଇଁ କୌଣସି ଭୟ ନ କରି ସେମାନେ ପୋଲିସକୁ ସହଯୋଗ କରିବା ଉଚିତ। ସେ ଜନସାଧାରଣଙ୍କୁ ସର୍ବଦା ହେଲମେଟ୍ ପିନ୍ଧିବା, ସଡ଼କ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ପଞ୍ଚାୟତ ସ୍ତରରେ କମିଟି ଗଠନ କରିବାକୁ ଅନୁରୋଧ କରିଥିଲେ। ସେ ନିଶା ବ୍ୟବସାୟୀ, ମଦ ମାଫିଆ ଏବଂ ଅସାମାଜିକ ତତ୍ତ୍ୱଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ ପୋଲିସ ସାଧାରଣ ଲୋକଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ କରିବ। ଜନସାଧାରଣଙ୍କ ସହିତ ଜଡିତ ରହିବା ପାଇଁ ଆମ ପୋଲିସ କାର୍ଯ୍ୟକ୍ରମ ନିୟମିତ ଭାବରେ ପରିଚାଳିତ ହେବ ବୋଲି ଏସପି ଶ୍ରୀ ଶର୍ମା କହିଛନ୍ତି। ଏସ୍‌ଡିପିଓ, ଖୋର୍ଦ୍ଧା ନିହାର ରଞ୍ଜନ ପ୍ରଧାନ (ଓପିଏସ୍) ଆଇଆଇସି, ବେଗୁନିଆ ଓ ଅନ୍ୟାନ୍ୟ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପୁଲିସର ତୁରନ୍ତ ସହାୟତା ଯୋଗୁଁ ବଞ୍ଚିଲା ବ୍ୟକ୍ତିଙ୍କ ଜୀବନ



**ଯାଜପୁର,୩୦।୯ (ସଂଚାର ବ୍ୟୁରୋ):** ଆଜି ସନ୍ଧ୍ୟାରେ ମା ବିରଜାଙ୍କ ରଥଯାତ୍ରା ସମୟରେ ବିରଜା ମନ୍ଦିର ଉତ୍ତର ଦ୍ୱାର ପାଖରେ ବସିଥିବା ଜଣେ ଅସହାୟ ହଠାତ୍ ଶ୍ୱାସ ରୁଦ୍ଧ ହୋଇ ଅଚେତ ଅବସ୍ଥାରେ ତଳେ ପଡିଯାଇଥିଲେ। ସେ ସମୟରେ ଆମ୍ବୁଲାନ୍ସ କିମ୍ବା ଡାକ୍ତରୀ ଟିମ୍ ନ ପହଞ୍ଚିବାରୁ, ସ୍ୱାସ୍ଥ୍ୟ ବିଭାଗର ପରିବାପଣିଆ ପଦାରେ ପଡିଥିଲା। କାର୍ଯ୍ୟରତ ପୁଲିସ କର୍ମଚାରୀମାନେ ତୁରନ୍ତ ପ୍ରାଥମିକ ସହାୟତା ଯୋଗାଇଦେଇ ଥିଲେ। ପୁଲିସଙ୍କ ସେହି ପଦକ୍ଷେପରୁ କିଛି ମିନିଟ୍ ପରେ ଅସହାୟଟିର ଚେତା ଫେରିଲା। ପରେ ଡାକ୍ତରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସେହି ଅସହାୟକୁ ଆଗକୁ ଚିକିତ୍ସା ପାଇଁ ନେଲେ। ସାଧାରଣରେ ପୁଲିସଙ୍କ ଏହି କାର୍ଯ୍ୟକୁ ପ୍ରଶଂସା କରାଯାଇଛି। ଜୀବନ ସୁରକ୍ଷା କେବଳ ଡାକ୍ତରୀ ସେବା ନୁହେଁ, ପୁଲିସ ମଧ ସମୟୋଚିତ ଭାବେ ସେଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରେ ବୋଲି ଏହି ଘଟଣା ପୁନର୍ବାର ପ୍ରମାଣ ହୋଇଛି।

## ଷ୍ଟ୍ରେଚରରେ ବୁହାହୋଇ ଜଗା ଦୁଆର ଆସିଲେ ବୃଦ୍ଧା

**ପୁରୀ, ୩୦।୯ (ସଂଚାର ବ୍ୟୁରୋ):** ସତରେ ଭକ୍ତିର ଡୋରିକୁ କିଏ ବା କାଟିପାରେ। ସେ ଅଣଚାଷ ପବନ ହେଉ କି ଝଡ଼ ତୋଫାନ। ଏମିତିକି ରୋଗ ବି କାଳିଆ ଆଉ ତା’ ଭକ୍ତର ଡୋରିକୁ କାଟିପାରିବନି। ଜୀବନ ମରଣ ସହ ସଂଘର୍ଷ କରୁଥିବା ବେଳେ ଟିକିଏ ଜଗା ମୁହଁ ଦେଖିବା ପାଇଁ ଅଟକାଇ ପାରିବନି। ରୋଗଶଯ୍ୟାରୁ ଶ୍ରୀମନ୍ଦିର ସିଂହ ଦ୍ୱାର ଷ୍ଟ୍ରେଚର୍ ରେ ବୁହାହୋଇ ଜଗା ଦୁଆରକୁ ଆସିଲେ ବୃଦ୍ଧା। ତେବେ ଗତକାଲି ରାତି ଦେବୀ ପକ୍ଷ ଅଷ୍ଟମୀ ତିଥିରେ ସିଂହ ଦ୍ୱାରରେ ଦେଖିବାକୁ ମିଳିଥିଲା ଭିନ୍ନ ଏକ ଭାବବିହ୍ୱଳ ଦୃଶ୍ୟ। ଏକ ଷ୍ଟ୍ରେଚରରେ ଶୋଇ ରହିଛନ୍ତି ଜଣେ ବୃଦ୍ଧା। ବୋହି ନେଉଛନ୍ତି ପରିବାର ଲୋକେ।

କାଳିଆକୁ ଦେଖିବେ ବୋଲି ରୋଗଶଯ୍ୟାରୁ ଚାଲି ଆସିଥିଲେ ଏହି ବୃଦ୍ଧା ଜଣକ। ଲୁହ ଛଳ ଛଳ ହୋଇଯାଉଛି ଆଖି। ହେଲେ ଭିତରେ ଅପୂର୍ବ ଆନନ୍ଦ। ମନରେ ଇଚ୍ଛା ଥିଲା ଟିକେ କାଳିଆ ଠାକୁରଙ୍କ ଦର୍ଶନ କରିବି। ତେଣୁ ଝିଅ ଓ ପୁଅ ମିଶି ଏହି ମାଉସୀ ଜଣଙ୍କୁ ଆମ୍ବୁଲାନ୍ସରେ ନେଇ ଆସିଥିଲେ। ଆଉ ଆମ୍ବୁଲାନ୍ସରୁ ଓହ୍ଲାଇ ଷ୍ଟ୍ରେଚରରେ ନେଇ ଆସିଥିଲେ ସିଂହ ଦ୍ୱାର। ଏକ ଭାବବିହ୍ୱଳ ବାତାବରଣ ଖେଳିଯାଇଥିବା ବେଳେ କାଳିଆ ଠାକୁରଙ୍କ ଡୋରି କେମିତି ଯେ ହୋଇପାରେ ସେନେଇ ଚାଲିଥିଲା ଚର୍ଚ୍ଚା ଆଉ ଆଲୋଚନା।

## ମାଓ ଡମ୍ପରୁ ବିସ୍ଫୋରକ ଜବତ



**ମାଲକାନଗିରି,୩୦।୯(ସଂଚାର ବ୍ୟୁରୋ):** ସୀମାନ୍ତ ଛତିଶଗଡରେ ନକ୍ସଲ ଦମନ ଅଭିଯାନ ଜୋରସୋରେ ଚାଲିଛି। ଲଗାତାର ଅପରେସନରେ ନକ୍ସଲ ଧରାଶାୟୀ ହେବା ସହ ନକ୍ସଲ ଲୁଚାଇ ରଖିଥିବା ସମସ୍ତ ଡମ୍ପକୁ ଯବାନ ଉଦ୍ଧାର କରି ଚାଲିଛନ୍ତି। ଏହି କ୍ରମରେ ଆଜି ପୁଣି ନାରାୟଣପୁର ଜିଲ୍ଲାର ଆବୁଝମାଡ ଜଙ୍ଗଲରେ ସର୍ଚ୍ଚ ଅପରେସନ କରୁଥିବା ବେଳେ ଏକ ଡମ୍ପକୁ ଉଦ୍ଧାର କରିଛନ୍ତି। ଧନୋରା ଥାନା ଅନ୍ତର୍ଗତ ମୋହନାର ଓ ତୋୟାପାରା ମଧ୍ୟରେ ରହିଥିବା ଜଂଗଲରେ ଏହି ଡମ୍ପକୁ ଉଦ୍ଧାର କରିଛନ୍ତି ସୁରକ୍ଷାକର୍ମୀ।

ଏହି ଡମ୍ପରୁ ପ୍ରେସର ବୋମା, ବନ୍ଧୁକ, ବିଦ୍ୟୁତ ତାର, ବାରୁଦ ଭଳି ବିସ୍ଫୋରକ ଜବତ କରାଯାଇଛି। ପୁଲିସ ଏବଂ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରିବା ପାଇଁ ନକ୍ସଲ ଏଠାରେ ଲୁଚାଇ ରଖିଥିବା ପୁଲିସ କହିଛି। ଏହି ଚଢ଼ାଉରେ ଆଇଟିବିପି ଯବାନ ଏବଂ ଜିଲ୍ଲା ପୁଲିସ ସାମିଲ ଥିଲେ।

● କଳିଙ୍ଗା ଘାଟି ଭୂସ୍ଖଳନ ଘଟଣା

# ରାସ୍ତା ମରାମତିରେ ବିଳମ୍ବ, କ୍ଷତି ସହୁଛନ୍ତି ଜନତା

**ଘୁ.ଉଦୟଗିରି,୩୦।୯(ସଂଚାର ବ୍ୟୁରୋ):** ଗଞ୍ଜାମ ଓ କନ୍ଧମାଳ ଜିଲ୍ଲାର ଲୋକଙ୍କ ଲାଇଫ ଲାଇନ୍ କୁହାଯାଉଥିବା ୧୫୭ ନମ୍ବର ଜାତୀୟ ରାଜପଥର କଳିଙ୍ଗା ଘାଟିରେ ଯାନବାହନ ଠପ୍ ହୋଇଯାଇଛି। ଭୂସ୍ଖଳନ ଯୋଗୁଁ ୩୦ଫୁଟ ରାସ୍ତା ଧୋଇ ହୋଇଯିବା ଯୋଗୁଁ ଏହି ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ରହିଥିବା ବେଳେ ଚକାପାଦ ଦେଇ ବର୍ତ୍ତମାନ ଯାତ୍ରୀବାହୀ ଏବଂ ମାଲବାହୀ ଗାଡ଼ି ଯାତାୟତ କରୁଛି। ଏହି କାରଣରୁ ଅଧିକ ୫୫ କିମି ଦୂରତା ପଡୁଛି। ଏହା ସମୟ ସାପେକ୍ଷ ହେବା ସହ ଆର୍ଥିକ କ୍ଷତି ସହିବାକୁ ପଡୁଛି।

ସାଧାରଣ ଲୋକ ୪୦ କିମି ବଦଳରେ ୯୦କିମି ରାସ୍ତା ଯିବାକୁ ପଡୁଛି। କଳିଙ୍ଗା ଘାଟିରେ ଗୋଟିଏ ସ୍ଥାନରେ ଦୁଇଦୁଇ ଥର ଭୂସ୍ଖଳନ ଘଟି ପରିସ୍ଥିତି ଅଣାୟତ କରିଥିବା ବେଳେ ଖୁବ କମ ସମୟ ଭିତରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଅସ୍ଥାୟୀ ରାସ୍ତା ନିର୍ମାଣ କରିବା ନେଇ ଅଞ୍ଚଳବାସୀ ଆଶା ବାନ୍ଧି ବସିଥିବା ବେଳେ ଇତି ମଧ୍ୟରେ ୧୫ଦିନ ବିତିଗଲାଣି ରାସ୍ତା କାମ ସରିନି କି ଆଗାମୀ ଦଶ ଦିନ ପର୍ଯ୍ୟନ୍ତ ସରିବା ଆଶା କ୍ଷୀଣ।



କନ୍ଧମାଳ ଜିଲ୍ଲାପାଳ ବେଦ ଭୂଷଣ ଇତି ମଧ୍ୟରେ ଦୁଇ ଥର କଳିଙ୍ଗା ଘାଟି ଭୂସ୍ଖଳନ ସ୍ଥଳ ବୁଲି ତଦାରଖ କରିଗଲେଣି। ଗତ ୨୨ତାରିଖ ଦିନ ଦ୍ୱିତୀୟ ଭୂସ୍ଖଳନ ପରେ କନ୍ଧମାଳ ଜିଲ୍ଲାପାଳ ନିଜ ପ୍ରତିକ୍ରିୟାରେ କହିଥିଲେ ୩୦ତାରିଖ ପର୍ଯ୍ୟନ୍ତ ଏହି ରାସ୍ତାରେ ଯାନବାହନ ଯାତାୟତ କରିବ ନାହିଁ। ଏହାର ଅର୍ଥ ଲୋକ ଆଶା କରିଥିଲେ ୩୦ ତାରିଖ ଭିତରେ କାର୍ଯ୍ୟ ସମାପ୍ତ ହୋଇଯିବ। ରାସ୍ତାରେ ଗାଡ଼ି ଗଡ଼ିବ।

ଇତି ମଧ୍ୟରେ ଦ୍ୱିତୀୟ ଭୂସ୍ଖଳନ ପରେ ରାସ୍ତା ପାର୍ଶ୍ୱ ପାହାଡ଼ରେ ବଡ଼ବଡ଼ ପଥର ବିପଦସଂକୁଳ ଅବସ୍ଥାରେ ଝୁଲି ରହିଛି। ରାସ୍ତାରେ କଂକ୍ରିଟ ପକା କାର୍ଯ୍ୟ ସରିବା ସହ ପରୀକ୍ଷାମୂଳକ ଭାବେ କାର୍ଯ୍ୟରତ କମ୍ପାନିର ଗାଡ଼ି ଚଳାଚଳ କରିଛି। ଏବେ କଂକ୍ରିଟ ରାସ୍ତା ଉପରେ ହ୍ୟୁମ ପାଇପ ପକାଯାଇ ତା ଉପରେ କଂକ୍ରିଟ ଢ଼ଳେଇ କରି ରାସ୍ତା ପ୍ରସ୍ତୁତ କରାଯିବ ହେଲେ ଏବେ ପାର୍ବଣ ଋତୁ ଦୁର୍ଗାପୂଜା ଯୋଗୁଁ କାର୍ଯ୍ୟ ଧିମେଇ ଯାଇଛି ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଦେଖା ମିଳୁନି। ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ କେବେ ପ୍ରସ୍ତୁତ ହେବ ରାସ୍ତା କେବେ ଯାତାୟତ କରିବ ଗାଡ଼ି ମୋଟର କଳିଙ୍ଗା ଘାଟି ରାସ୍ତା ବନ୍ଦ ଯୋଗୁଁ ସମସ୍ତେ ପ୍ରଭାବିତ ହେବା ସହ ଆର୍ଥିକ କ୍ଷତିର ସମ୍ମୁଖୀନ ହେବାରେ ଲାଗିଛନ୍ତି। ବିଶେଷ ଭାବେ ଦୁର୍ଗାପ୍ରସାଦ ଏବଂ କଳିଙ୍ଗା ର ହୋଟେଲ, ଢ଼ାବା, ପାନ ଚା’ ଦୋକାନି ବେଶୀ କ୍ଷତିଗ୍ରସ୍ତ ହୋଇ ନିଜ ନିଜ ବ୍ୟବସାୟ ବନ୍ଦ କରି ହାତଯୋଡି ବସିଛନ୍ତି। ଅପେକ୍ଷା କରିଛନ୍ତି କେବେ ଗଡ଼ିବ ଗାଡ଼ି କେବେ ଆରମ୍ଭ ହେବ ଆମ ବ୍ୟବସାୟ।

# ବିଜେଡି ପଦଯାତ୍ରାରେ ନବୀନଙ୍କୁ ଅପେକ୍ଷା

**■ ଚିଠି ଲେଖିଲେ ଦେବୀ ମିଶ୍ର**
**■ ଆଶା ଆଶଙ୍କାରେ କର୍ମୀ**



**ଭୁବନେଶ୍ୱର,୩୦।୯(ସଂଚାର ବ୍ୟୁରୋ):** ଆସନ୍ତା ଗାନ୍ଧୀ ଜୟନ୍ତୀରୁ ବିଜେଡି ତା'ର ପଦଯାତ୍ରା ଆରମ୍ଭ କରିବାକୁ ଯାଉଥିବା ବେଳେ ଏଥର ନବୀନ ଉପସ୍ଥିତ ରହିବେ କି ନାହିଁ ତାହାକୁ ନେଇ ଏବେ କଳ୍ପନା ଜଳ୍ପନା ପ୍ରକାଶ ପାଇଛି। କାରଣ ଦଳର ଏହି ପୁରୁଣା କାର୍ଯ୍ୟକ୍ରମକୁ ପ୍ରତିବର୍ଷ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବା ସହ କର୍ମୀଙ୍କ ମେଳରେ କିଛି ସମୟ କାଟିଥାନ୍ତି। ଏହାଦ୍ୱାରା କର୍ମୀଙ୍କ ମନୋବଳ ବି ବଢ଼ିଥାଏ।

ଏଥିସହ ପଦଯାତ୍ରା ପୂର୍ବରୁ ଦଳ ଏଥିପାଇଁ ଜୋରଦାର ପ୍ରସ୍ତୁତି କରିଥାଏ। ରାଜ୍ୟ ଓ ଜିଲ୍ଲା ସ୍ତରରେ ସାମ୍ବାଦିକ ସମ୍ମିଳନୀମାନ ଆୟୋଜନ ହେବା ସହିତ ଖୋଦ ଦଳ ସଭାପତି ଜିଲ୍ଲା କର୍ମକର୍ତ୍ତାମାନଙ୍କୁ ପତ୍ର ଲେଖି ପଦଯାତ୍ରାକୁ ସଫଳ ପାଇଁ କହିଥାନ୍ତି। ହେଲେ ଏଥିରେ କିନ୍ତୁ ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ଏଥିର ନବୀନଙ୍କ ବଦଳରେ ପତ୍ର ଲେଖିଛନ୍ତି ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର। ଦେବୀ ମିଶ୍ର ପତ୍ର ଲେଖିବା ପରେ ଏବେ ନବୀନଙ୍କ ଯୋଗଦାନକୁ ନେଇ ଆଲୋଚନା ଆରମ୍ଭ ହୋଇଛି। ନବୀନ ଏକ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ୪ ଦିନ ସକାଶେ ଦିଲ୍ଲୀ ଯାଇଥିଲେ। ହେଲେ ଇତିମଧ୍ୟରେ ମାସେ ବିତିଯାଇଥିଲେ ମଧ୍ୟ ନବୀନ ଓଡ଼ିଶା ଫେରିନାହାନ୍ତି। ବିଧାନସଭା ଅଧିବେଶନ ଲାଗି ବିଧାୟକଙ୍କୁ ସେହିଠାରୁ ଆଭାସୀ ମାଧ୍ୟମରେ ଉପଦେଶ ଦେଇଛନ୍ତି। ଏପରିକି ଓଡ଼ିଶାବାସୀଙ୍କୁ ଦଶହରା ଶୁଭେଚ୍ଛା ମଧ୍ୟ ଦିଲ୍ଲୀରୁ ଭର୍ଚୁଆଲ ମୋଡ୍‌ରେ ଜଣାଇଛନ୍ତି। ନବୀନ କେବେ ଓଡ଼ିଶା ଫେରିବେ, ସେନେଇ ଦଳ ପକ୍ଷରୁ କୌଣସି ସୂଚନା ବି ଦିଆଯାଉନାହିଁ। ଦଳ ପକ୍ଷରୁ କିନ୍ତୁ ପଦଯାତ୍ରା ଲାଗି ଜୋରଦାର ପ୍ରସ୍ତୁତିପର୍ବ ଜାରି ରହିଛି। ଇତିମଧ୍ୟରେ ରାଜ୍ୟସ୍ତରୀୟ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ବିସ୍ତୃତ ସୂଚନା ବି ଦିଆଯାଇଛି। ଅନ୍ୟ ପକ୍ଷରେ ଦଳ ଭିତରେ ଦେଖାଦେଇଥିବା ଅସନ୍ତୋଷକୁ ନେଇ କର୍ମୀମାନେ ଆଶଙ୍କାରେ ରହିଛନ୍ତି। ୱାକଫ୍ ବିଲ୍ ଓ ପରେ ପରେ ଉପରାଷ୍ଟ୍ରପତି ନିର୍ବାଚନରେ ଦଳର ନିଷ୍ପତ୍ତିକୁ ନେଇ ବହୁ ନେତା ଓ କର୍ମୀ ଅସନ୍ତୁଷ୍ଟ ଅଛନ୍ତି। ଅସନ୍ତୋଷର ଫଳସ୍ୱରୂପ ଇତି ମଧ୍ୟରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଓ ଦଳର ବରିଷ୍ଠ ନେତ୍ରୀ ଶ୍ରୀମୟୀ ମିଶ୍ର ଦଳରୁ ନିଲମ୍ବିତ ହୋଇଛନ୍ତି। ଏମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନକୁ ନେଇ ଦଳ ଏକପ୍ରକାର ଦୁଇ ଭାଗ ହୋଇଛି। ସେହିଭଳି ନିକଟରେ ହୋଇଥିବା ଛାତ୍ର ଓ ଯୁବ ମୁଖିଆଙ୍କ ନିଯୁକ୍ତିକୁ ନେଇ ଦେଖାଦେଇଥିବା ଅସନ୍ତୋଷ ବି ଏପର୍ଯ୍ୟନ୍ତ ଥମିନାହିଁ। ଏଭଳି ସ୍ଥିତିରେ ଦଳର ପତଯାତ୍ରା କେତେଦୂର ସଫଳ ହେବ ତାହାକୁ ନେଇ କର୍ମୀମାନେ ଆଶା ଓ ଆଶଙ୍କାରେ ରହିଛନ୍ତି।

**■ ୩ରେ ଭସାଣି ଉତ୍ସବ ଲାଗି ଟ୍ରାଫିକ ଆଡଭାଇଜାରି ଜାରି**

# ଦିନ ୨ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ଯାନାବାହାନ କଟକଣା



**ଭୁବନେଶ୍ୱର,୩୦।୯(ସଂଚାର ବ୍ୟୁରୋ) :** ଆସନ୍ତା ୩ ତାରିଖ ଦିନ ଭସାଣି ନିମନ୍ତେ ଟ୍ରାଫିକ ଆଡଭାଇଜାରି ଜାରି କରିଛି ପୋଲିସ। ଦିନ ୨ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ଯାନାବାହାନ ଚଳାଚଳ ଉପରେ ରହିବ କଟକଣା। ରାଜଧାନୀରେ ୪ଟି ସ୍ଥାନରେ ଦେଖିବାକୁ ପାଇବେ ମା'ଙ୍କ ଭସାଣି। ସହରବାସୀଙ୍କୁ ସାମୂହିକ ଭସାଣି ଦେଖିବାକୁ ୪ଟି ସ୍ଥାନରେ ଅନୁମତି ମିଳିଛି। ଶହୀଦ ନଗର, ନୟାପଲ୍ଲୀ, ଚନ୍ଦ୍ରଶେଖରପୁର ଓ ଓଲ୍ଡ ଟାଉନ ଚାରୋଟି ସ୍ଥାନରେ ହେବ ସହରରେ ଭସାଣି ଉତ୍ସବ। ଏଥିପାଇ ୪ଟି ଭସାଣି ଉତ୍ସବ କମିଟି ପାଇଁ ଅନୁମତି ଦେଇଛି କମିଶନରେଟ ପୋଲିସ। ଶହୀଦ ନଗର ଭସାଣି ପାଇଁ ରାଜମହଲରୁ ମାଷ୍ଟରକ୍ୟାଣ୍ଟିନ ଦେଇ ବାଣିବିହାର ପର୍ଯ୍ୟନ୍ତ କୋଣସି ଯାନବାହାନ ଚଳାଚଳ କରିବ ନାହିଁ। ସେହିପରି ନୟାପଲ୍ଲୀ ପାଇଁ ସିଆରପି ଠାରୁ ଡିଏଭି ପର୍ଯ୍ୟନ୍ତ ପରେ ଗୋପବନ୍ଧୁ ଛକ ଦେଇ ଶିରିପୁର ପର୍ଯ୍ୟନ୍ତ କଟକଣା ରହିବ। ଚନ୍ଦ୍ରଶେଖରପୁର ପାଇଁ ନନ୍ଦନକାନନ ଠାରୁ ଜୟଦେବ ବିହାର ପର୍ଯ୍ୟନ୍ତ ଗାଡ଼ି ଚଳାଚଳ କଟକଣା ରହିବ। ଏଥିପାଇ ପାର୍ଶ୍ୱ ରୋଡଦେଇ ଯାତାୟତ କରିବେ ସହରବାସୀ। ଏନେଇ ଖୋର୍ଦ୍ଧା ପଟୁ ଆସୁଥିବା ସମସ୍ତ ଭାରୀଯାନଗୁଡ଼ିକ ସର୍ଭିସ ରୋଡରେ ଯିବାକୁ ଅନୁମତି ଦିଆଯିବନାହିଁ। କେବଳ ଏନଏଚରେ ଯାଇପାରିବେ ଏହି ଗାଡି। ମୂର୍ତ୍ତି ବିସର୍ଜନ ପାଇଁ ୭ଟି ସ୍ଥାନ ନିରୁପଣ କରାଯାଇଛି। ଏନେଇ ବିଏମସି ପକ୍ଷରୁ ସବୁ ପୁଜା କମିଟିମାନଙ୍କୁ ଅବଗତ କରାଯାଇଛି। ସେହିପରି ଭୁବନେଶ୍ୱର ୭ଟି ସ୍ଥାନରେ ହେବ ରାବଣ ପୋଡି।

# ବିଗିଡ଼ିବ ପୂଜା ମାହୋଲ, ଚିନ୍ତାରେ ଆୟୋଜକ

**ଭୁବନେଶ୍ୱର,୩୦।୯(ସଂଚାର ବ୍ୟୁରୋ) :** ପ୍ରବଳ ବର୍ଷାରେ ଭିଜିବ ଦଶହରା। ଏନେଇ ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। କେନ୍ଦ୍ରୀୟ ବଙ୍ଗୋପସାଗରର ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ଅକ୍ଟୋବର ୨ ତାରିଖ ବେଳକୁ ପଶ୍ଚିମ-କେନ୍ଦ୍ରୀୟ ଏବଂ ପାର୍ଶ୍ୱବର୍ତ୍ତୀ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଅବପାତରେ ପରିଣତ ହେବା ନେଇ ସମ୍ଭାବନା ରହିଛି। ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ଏବଂ ଏହାର ଆଖପାଖ ଅଞ୍ଚଳରେ ଥିବା ଉପର ବାୟୁମଣ୍ଡଳୀୟ ଘୂର୍ଣ୍ଣିବଳୟ ବର୍ତ୍ତମାନ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳର ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ରହିଛି ଏବଂ ଏହା ସମୁଦ୍ର ପତ୍ତନଠାରୁ ୩.୧ କିମିରୁ ୭.୬ କିମି ମଧ୍ୟରେ ଉଚ୍ଚତାରେ ଦକ୍ଷିଣ ଦିଗକୁ ଝୁଲି ରହିଛି। ଏହାର ପ୍ରଭାବରେ ଆସନ୍ତା ଅକ୍ଟୋବର ୨ ତାରିଖରେ ୫ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଜ୍ଞାନ କେନ୍ଦ୍ର। ମାଲକାନଗିରି, କୋରାପୁଟ, ରାୟଗଡ଼ା ସହ କନ୍ଧମାଳ ଓ ଗଜପତି ଜିଲ୍ଲାରେ ପ୍ରବଳ ବର୍ଷା ନେଇ ଚେତାବନୀ ଦେଇଛି ପାଣିପାଗ ବିଜ୍ଞାନ କେନ୍ଦ୍ର। ଏହା ସହ ବିଜୁଳି ଘଡଘଡି ଏବଂ ୪୦ ରୁ ୫୦ କିଲୋମିଟର ପ୍ରତି ଘଣ୍ଟା ବେଗରେ ପବନ ବୋହିବାର ସମ୍ଭାବନା ନେଇ ଆକଳନ କରିଛି ପାଣିପାଗ ବିଜ୍ଞାନ କେନ୍ଦ୍ର।

# ୨ରୁ ଡ୍ରଗ୍ସ ଫ୍ରି' ସଚେତନତା ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ



**ମାସେ ଧରି ଚାଲିବ କାର୍ଯ୍ୟକ୍ରମ**

**ଭୁବନେଶ୍ୱର,୩୦।୯(ସଂଚାର ବ୍ୟୁରୋ):** ଡ୍ରଗ୍ସ ଫ୍ରି' ଭୁବନେଶ୍ୱର ପାଇଁ ଆୟୋଜନ ହେବ ଦ୍ୱିତୀୟ ପର୍ଯ୍ୟାୟ ସଚେତନତା କାର୍ଯ୍ୟକ୍ରମ। ଆସନ୍ତା ୨ ତାରିଖ ଗାନ୍ଧି ଜୟନ୍ତୀରେ ଏହାର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଉକ୍ତ ଦିନଠାରୁ ମାସେ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଜାରି ରହିବ। ପ୍ରଚାର ସମୟରେ ବାର୍ତ୍ତା ପ୍ରସାର ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଗ୍ରାମ ପଞ୍ଚାୟତ ଓ ପଞ୍ଚାୟତ ସମିତିକୁ ସାମିଲ କରାଯିବ। ନିଶାସକ୍ତ ଅବସ୍ଥାରେ ଗାଡ଼ିଚାଳନା ବିରୋଧରେ ସ୍ୱତନ୍ତ୍ର ଅଭିଯାନ ଚଳାଇବା ପାଇଁ ଆରଟିଓଗୁଡ଼ିକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସରକାରଙ୍କ ନିଶା ଅପବ୍ୟବହାରର ବିପଦକୁ ମୁକାବିଲା କରିବା ଏବଂ ଏକ ସୁସ୍ଥ, ନିରାପଦ ଏବଂ ନିଶାମୁକ୍ତ ସମାଜକୁ ପ୍ରୋତ୍ସାହିତ କରିବା ପାଇଁ ଅବକାରୀ ବିଭାଗ ସ୍ୱତନ୍ତ୍ର ସଚେତନତା ଏବଂ ପ୍ରବର୍ତ୍ତନ ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ "ଡ୍ରଗ୍ସ ଫ୍ରି ଭୁବନେଶ୍ୱର" ଆୟୋଜନ କରିବ। ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ୨ ଅକ୍ଟୋବରରେ ଗ୍ରାମସଭାର ଏକ ସ୍ୱତନ୍ତ୍ର ବୈଠକ ଡକାଯାଇ ନିଶା ସମସ୍ୟା ଉପରେ ଆଲୋଚନା କରାଯିବ। ନିଶାମୁକ୍ତ ଗ୍ରାମ ଗଠନ ପାଇଁ ପ୍ରୟାସ କରିବାକୁ ଗ୍ରାମପଞ୍ଚାୟତମାନଙ୍କୁ ଉତ୍ସାହିତ କରାଯିବ। ସଫଳ ଗ୍ରାମପଞ୍ଚାୟତମାନଙ୍କୁ ସ୍ଥାନିତ କରାଯିବ ଏବଂ ତା'ପରେ, ଶ୍ରେଷ୍ଠ ୩ ଗ୍ରାମପଞ୍ଚାୟତଙ୍କୁ ପୁରସ୍କାର ଘୋଷଣା କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ରହିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏକ ମାସ ମଧ୍ୟରେ ସ୍ୱାସ୍ଥ୍ୟ ଶିବିର, କର୍ମଶାଳା ଓ ସମ୍ମିଳନୀରେ ଏକ ସ୍ୱତନ୍ତ୍ର ସଚେତନତା ଅଭିଯାନ କରିବ। ବାଣିଜ୍ୟ ଏବଂ ପରିବହନ, ସ୍କୁଲ ଏବଂ ଗଣଶିକ୍ଷା, ମିଶନ ଶକ୍ତି, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ଉଚ୍ଚଶିକ୍ଷା, ପଞ୍ଚାୟତିରାଜ ଏବଂ ପାନୀୟ ଜଳ,ଏସଏସ ଏବଂ ଇପିଡି, କ୍ରୀଡା ଏବଂ ଯୁବସେବା ବିଭାଗ ସହ ଅବକାରୀ ବିଭାଗ ମିଳିତ ଭାବେ କାର୍ଯ୍ୟକ୍ରମ କରିବେ। ଏହା ସହ ସ୍କୁଲ ଏବଂ କଲେଜ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନଲାଇନ୍ ପ୍ରବନ୍ଧ/ବିତର୍କ ପ୍ରତିଯୋଗିତା ଆୟୋଜନ କରି ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।































































ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




ଜେଏସ୍‌ଡବ୍ଲ୍ୟୁ-ପୋସ୍କୋ ପ୍ରକଳ୍ପ

# ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ

## ୨୪୬୬ ଏକର ଜମି ଆବଶ୍ୟକ

## ୧୯୪୦ ଏକର ଘରୋଇ ଜମି

ଭୁବନେଶ୍ୱର, ୩୦।୯: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜିଲ୍ଲା କେନ୍ଦୁଝରରେ ପ୍ରସ୍ତାବିତ ପୋସ୍କୋ-ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ଲାଗି ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରାଯାଇଛି। ପାଟଣା ତହସିଲ ଅନ୍ତର୍ଗତ ଆଠଟି ଗାଁର ୨୪୬୬ ଏକର ଜମିକୁ ଏଥିପାଇଁ ଅଧିଗ୍ରହଣ କରାଯିବ। ସେଥିରୁ ୯୭୬ ଏକର ସରକାରୀ ଏବଂ ୧୪୯୦ ଏକ ହେଉଛି ଘରୋଇ ଜମି। ପ୍ରକଳ୍ପ ଲାଗି ୭୯୪ ଏକର ଜଙ୍ଗଲ ଜମି ମଧ୍ୟ ଅଧିଗ୍ରହଣ କରିବାକୁ ପଡ଼ିବ। ଆସନ୍ତା ଦୁଇ ମାସ ଭିତରେ ସରକାରୀ ଜମି ଅଧିଗ୍ରହଣ ପ୍ରକ୍ରିୟା ଶେଷ କରିବାକୁ ସମୟ ସୀମା ଧାର୍ଯ୍ୟ କରାଯାଇଛି। ଏହା ସହିତ ଆସନ୍ତା ନଭେମ୍ବର ସୁଦ୍ଧା ଘରୋଇ ଜମି ଅଧିଗ୍ରହଣ କରିବାକୁ ସରକାର ବିଜ୍ଞପ୍ତି ଜାରି କରିବେ ବୋଲି ଏକ ଜାତୀୟ ଗଣମାଧ୍ୟମରେ ସମ୍ବାଦ ପ୍ରକାଶ ପାଇଛି। ଏକ ୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଇସ୍ପାତ




କାରଖାନା ସ୍ଥାପନ କରିବା ଲାଗି ପୋସ୍କୋ ଓ ଜେଏସ୍‌ଡବ୍ଲ୍ୟୁ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। କିନ୍ତୁ ଦୁଇ ସଂସ୍ଥା ପ୍ରକଳ୍ପର ସ୍ଥାନ ଘୋଷଣା କରିନାହାନ୍ତି। ଅବଶ୍ୟ ଓଡ଼ିଶା ସମ୍ଭାବ୍ୟ ସ୍ଥାନ ବୋଲି ଜଣାଇଛନ୍ତି। ଓଡ଼ିଶା ସରକାର ଦାବି କରୁଛନ୍ତି ଯେ ପୋସ୍କୋ-ଜେଏସ୍‌ଡବ୍ଲ୍ୟୁ କେନ୍ଦୁଝରରେ ସେହି କାରଖାନା ସ୍ଥାପନ କରିବେ। ଏହି ପ୍ରକଳ୍ପରେ କମ୍ପାନି ୪୦ ହଜାର କୋଟି ଟଙ୍କା ନିବେଶ କରିବାକୁ ଯୋଜନା ରଖିଛି। ଶିଳ୍ପସଂସ୍ଥାଗୁଡ଼ିକ ସାମ୍ନା କରୁଥିବା ସମସ୍ୟାଗୁଡ଼ିକର ସମାଧାନ କରିବା ଲାଗି ଗଠନ କରାଯାଇଥିବା ଟାସ୍କଫୋର୍ସର ଏକ ବୈଠକରେ ଏ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଯାହା ବି କିଛି ସମସ୍ୟା ରହିଛି ତାହାକୁ ବିଭିନ୍ନ ପକ୍ଷ ସମନ୍ୱୟରେ ସମାଧାନ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜମି ଅଧିଗ୍ରହଣ ପୂର୍ବ କାର୍ଯ୍ୟକଳାପ ଆରମ୍ଭ କରିବା ଲାଗି ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ୧୧.୫ କୋଟି ଟଙ୍କା ଜମା କରାଯାଇଛି। ଚଳିତ ବର୍ଷ ଡିସେମ୍ବର ସୁଦ୍ଧା ପ୍ରସ୍ତାବିତ ପ୍ରକଳ୍ପ ପାଇଁ ଜଙ୍ଗଲ ମଞ୍ଜୁରି ଲାଗି ଆବେଦନ କରିବାକୁ ଲକ୍ଷ୍ୟ ରଖାଯାଇଛି।

ଉଲ୍ଲେଖଯୋଗ୍ୟ, ଜଗତସିଂହପୁରରେ ୫୨ ହଜାର କୋଟି ଟଙ୍କା ନିବେଶରେ ୧୨ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଏକ ବିଶାଳ ଇସ୍ପାତ କାରଖାନା ସ୍ଥାପନ କରିବାକୁ ଦକ୍ଷିଣ କୋରିଆର ଇସ୍ପାତ କମ୍ପାନି ପୋସ୍କୋ ୨୦୦୫ରେ ରାଜ୍ୟ ସରକାରଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲା। କିନ୍ତୁ ସ୍ଥାନୀୟ ଲୋକମାନଙ୍କ ପ୍ରବଳ ବିରୋଧ କାରଣରୁ ପ୍ରକଳ୍ପ ଲାଗି ଉଦ୍ଦିଷ୍ଟ ଜମି ଅଧିଗ୍ରହଣ ହୋଇପାରିନଥିଲା। ବହୁବର୍ଷ ଅପେକ୍ଷା କରିବା ପରେ ଶେଷରେ ଉକ୍ତ ପ୍ରକଳ୍ପରୁ ପୋସ୍କୋ ଓହରିଯାଇଥିଲା। ଏବେ ପୁଣି ଥରେ ଶିଳ୍ପପତି ସଜ୍ଜନ ଜିନ୍ଦଲଙ୍କ କମ୍ପାନି ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍‌ର ହାତ ଧରି ଏହା ଓଡ଼ିଶାରେ ପ୍ରବେଶ କରିବାକୁ ଉଦ୍ୟମ କରୁଛି।

# ସୁନା ୯୨୦ ଟଙ୍କା ବଢ଼ିଲା



ଭୁବନେଶ୍ୱର, ୩୦।୯: ସୋମବାର ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନାର ୧୦ ଗ୍ରାମ ପିଛା ଦାମ୍ ୯୨୦ ଟଙ୍କା ବୃଦ୍ଧି ପାଇ ୧,୧୬,୪୦୦ ଟଙ୍କା ହୋଇଛି। ସେହି ସମୟରେ ୨୨ କ୍ୟାରେଟ୍ ସୁନାର ୧୦ ଗ୍ରାମ ପିଛା ଦାମ୍ ୮୫୦ ଟଙ୍କା ବଢ଼ି ୧,୦୬,୭୦୦ ଟଙ୍କା ହୋଇଛି। ଗତ ସପ୍ତାହରୁ ଲଗାତାର ଭାବେ ସୁନା ମହଙ୍ଗା ହେବାରେ ଲାଗିଛି। ସେହିପରି, ସହରରେ ରୁପା କେଜି ୧୦୦୦ ଟଙ୍କା ବଢ଼ି ୧,୬୦,୦୦୦ ଟଙ୍କା ହୋଇଯାଇଛି। ଜାତୀୟ ସ୍ତରରେ ସୁନାର ୧୦ ଗ୍ରାମ ପିଛା ଦାମ୍ ସର୍ବକାଳୀନ ରେକର୍ଡ ସ୍ତର ୧,୧୯,୫୦୦ ଟଙ୍କାକୁ ବୃଦ୍ଧି ପାଇଛି। ବିଶ୍ୱସ୍ତରରେ ଦରବୃଦ୍ଧି ଜାରି ରହିବା ଏବଂ ଭୂରାଜନୈତିକ ସଙ୍କଟ ପ୍ରଭାବରେ ନିବେଶକମାନେ ସୁନାରେ ନିବେଶ କରୁଥିବାରୁ ତାହାର ଦାମ୍ ବଢ଼ୁଥିବା କୁହାଯାଉଛି। ଅନ୍ତର୍ଜାତୀୟ ବଜାରରେ ସୁନାର ଆଉନ୍ସ ପିଛା ଦାମ୍ ୩,୮୩୧ ଡଲାରରୁ ଅଧିକ ହୋଇଛି। ଯେଉଁ ହାରରେ ଦର ବଢ଼ୁଛି, ଖୁବ୍‌ଶୀଘ୍ର ଦାମ୍ ୪୦୦୦ ଡଲାର ଅତିକ୍ରମ କରିଯିବା ଆଶଙ୍କା କରାଯାଉଛି। ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ସୁନା ଦରରେ ୪୦,୫୫୦ ଟଙ୍କା ବୃଦ୍ଧି ଘଟିଛି। ୨୦୨୪ ଡିସେମ୍ବର ୩୧ରେ ସୁନା ଦର ୭୮,୯୫୦ ଟଙ୍କା ଥିଲା।

**ରୁପା କେଜି ୧,୬୦,୦୦୦**

## ଆଜିର ସୁନା ଦର



ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୧୫,୪୮୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୦୫,୮୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୧୫,୪୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୦୫,୮୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୧୫,୪୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୦୫,୮୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୧୫,୬୩୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୦୬,୦୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୧୬,୦୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୦୬,୪୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧, ୧୫,୪୮୦ ଓ ୧,୦୫,୮୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୪୯,୦୦୦ ଟଙ୍କା ହୋଇଛି।

# 'ମାଲାବାର'ର ସ୍ୱତନ୍ତ୍ର ଉତ୍ସବ ଅଫର

ଭୁବନେଶ୍ୱର, ୩୦।୯: ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ପକ୍ଷରୁ ଦୁର୍ଗାପୂଜା ଓ ଧନତେରସ୍‌କୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଉତ୍ସବ ଅଫର ଘୋଷଣା କରାଯାଇଛି। ଉତ୍ସବ ଅଫରରେ ଓଲିଉଡ୍ କଳାକାର ଧାରା ଶ୍ରାବଣୀ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମାଲାବାରର ପରିଚାଳନା ଟିମ୍ ଓ ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। ପୂଜା ଓ ଧନତେରସ୍ ଅଫର ଅଧୀନରେ ମାଲାବାର ପକ୍ଷରୁ ଗ୍ରାହକମାନଙ୍କୁ ସୁନା ଗହଣାର ଗଢ଼ା ମୂଲ୍ୟ, ମୂଲ୍ୟବାନ ଷ୍ଟୋନ୍ ଓ ଅନ୍‌କଟ୍ ହୀରା ଗହଣା ଉପରେ ୩୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ଏବଂ ହୀରା ମୂଲ୍ୟ ଉପରେ ୩୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ଏହି ଅଫର ଚଳିତ ବର୍ଷ ଅକ୍ଟୋବର ୩୧ ପର୍ଯ୍ୟନ୍ତ ରହିବ। ଏହି ଅଫର




ଗ୍ରାହକମାନଙ୍କୁ ସୁନାରେ ନିବେଶ କରିବାର ଉଲ୍ଲେଖନୀୟ ସୁଯୋଗ ପ୍ରଦାନ କରୁଛି। ଗ୍ରାହକମାନେ ସାରା ରାଜ୍ୟରେ ଥିବା ୮ଟି ମାଲାବାର ଷ୍ଟୋର୍‌ରେ ଏହି ଅଫରର୍ ଲାଭ ପାଇପାରିବେ। ଉତ୍ସବ ଋତୁକୁ ଆହୁରି ଆକର୍ଷଣୀୟ କରିବା ପାଇଁ ମାଲାବାର ପକ୍ଷରୁ ଧନ୍‌ତେରସ୍ ପାଇଁ ଅଗ୍ରିମ ବୁକିଂ ଉପରେ ମାଗଣା ରୁପା କଏନ୍ ଦିଆଯାଉଛି। ଗ୍ରାହକମାନେ କିଣିବାକୁ ଚାହୁଥିବା ଗହଣାର ୧୦ ପ୍ରତିଶତ ମୂଲ୍ୟ ଦେଇ ଅଗ୍ରିମ ବୁକିଂ କରିପାରିବେ ଏବଂ ସୁନା ଦରବୃଦ୍ଧିରୁ ଆଶ୍ୱସ୍ତି ପାଇପାରିବେ।

# ଲାଲ୍‌ଚନ୍ଦ ଗ୍ରୁପ୍ ଅଧ୍ୟକ୍ଷ ସଞ୍ଜୟ ହଂସଙ୍କୁ ଡକ୍ଟରେଟ୍

ଭୁବନେଶ୍ୱର, ୩୦।୯: ଲାଲ୍‌ଚନ୍ଦ ଗ୍ରୁପ୍‌ର ଅଧ୍ୟକ୍ଷ ସଞ୍ଜୟ ହଂସଙ୍କୁ ଔଦ୍ୟୋଗିକ କ୍ଷେତ୍ର ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ କିଟ୍ ଡିମ୍‌ଡ ଟୁ ବି ୟୁନିଭର୍ସିଟିର ୨୧ତମ ସମାବର୍ତ୍ତନ ଉତ୍ସବରେ ପ୍ରତିଷ୍ଠିତ ଡକ୍ଟର ଅଫ୍ ଲେଟର୍ସ (ଅନୋରିସ କାଉଜା) ଉପାଧି ପ୍ରଦାନ କରାଯାଇଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଶ୍ରୀ ହଂସଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ ଶ୍ରୀ ସାଇବାବାଙ୍କ ଆଶୀର୍ବାଦରୁ




ମୋତେ ଏହି ସମ୍ମାନ ମିଳିଥିବା ଶ୍ରୀ ହଂସ କହିଛନ୍ତି। ଏହି ଅବସରରେ ଶ୍ରୀ ହଂସଙ୍କ ପତ୍ନୀ ଅଭନିତା ହଂସ, ଅଜିତ ହଂସ ଓ ନିର୍ମଳ ହଂସ ଉପସ୍ଥିତ ଥିଲେ। ଏହି ଉତ୍ସବରେ ଦି ହେଗ୍‌ର ଅନ୍ତର୍ଜାତୀୟ ନ୍ୟାୟାଳୟର ବିଚାରପତି ଅବଦୁଲ କାଉଇ ଅହମ୍ମଦ ୟୁସୁଫ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଜର୍ମାନୀର ଆର୍କିଓଲୋଜିକାଲ୍ ପାର୍କର ପ୍ରତିଷ୍ଠାତା ଅଧ୍ୟକ୍ଷ ନର୍ବର୍ଟ ସାଉର, କିଟ୍ ବିଶ୍ୱବିଦ୍ୟାଳୟର କୁଳାଧିପତି ଆଶୋକ କୁମାର ପରିଜା, ଉପକୁଳାଧିପତି ପ୍ରଫେସର ଡ. ଶରଣ ଜିତ ସିଂହ

# ଲକ୍ଷେ ଖର୍ଚ୍ଚ ଉପରେ ଏବେ ୨୦ ହଜାର ସଞ୍ଚୟ

ନୂଆଦିଲ୍ଲୀ, ୩୦।୯: ଜିଏସ୍‌ଟି ସଂସ୍କାର ପ୍ରଭାବରେ ଏକ ଲକ୍ଷ ଟଙ୍କା ଖର୍ଚ୍ଚ ଉପରେ ୨୦ ହଜାର ଟଙ୍କାର ସଞ୍ଚୟ ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଦିଲ୍ଲୀ ବିଜେପି କାର୍ଯ୍ୟାଳୟକୁ ଉଦ୍‌ଘାଟନ କରି ମୋଦୀ କହିଥିଲେ ଯେ ବିଜେପି-ଏନ୍‌ଡିଏ ସରକାର ଦେଶକୁ ଉତ୍ତମ ପ୍ରଶାସନର ଏକ ନୂତନ ମଡେଲ୍ ଦେଇଛନ୍ତି। ଜିଏସ୍‌ଟି ସଂସ୍କାରର ଲାଭ ଯେଭଳି ପ୍ରତିଟି ଲୋକଙ୍କ ପାଖରେ ପହଞ୍ଚିବ ସେଦିଗରେ କାମ କରିବାକୁ ସେ ଦଳର କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି। କଂଗ୍ରେସକୁ କଡ଼ା ସମାଲୋଚନା କରି ମୋଦୀ କହିଥିଲେ ଯେ ୨୦୧୪ରେ ଉପା ସରକାର ଶାସନ ଗାଦିରେ ଥିବା ବେଳେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ଟିକସ ଲାଗୁଥିଲା। ଏବେ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ଟିକସ ଦେବାକୁ ପଡୁନି। ସେହିପରି ୨୦୧୪ ପୂର୍ବ ସମୟରେ ଯଦି କୌଣସି ବ୍ୟକ୍ତି ବର୍ଷକୁ ୧ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିଲେ, ତାଙ୍କୁ ୨୫ ହଜାର ଟଙ୍କାର ଟିକସ ଦେବାକୁ ପଡୁଥିଲା ବୋଲି ମୋଦୀ କହିଥିଲେ। ଜିଏସ୍‌ଟି ଲାଗୁ ହେବା ପରେ ଟିକସ କମିଥିଲା। ନିକଟରେ ଜିଏସ୍‌ଟିରେ କରାଯାଇଥିବା ସଂସ୍କାର ପରେ ସେହି ପରିବାରଗୁଡ଼ିକୁ ମାତ୍ର ୫୦୦୦-୬୦୦୦ ଟଙ୍କାର ଟିକସ ଦେବାକୁ ପଡୁଛି। ଅର୍ଥାତ ୨୦୧୪ ତୁଳନାରେ ସେହି ପରିବାରଗୁଡ଼ିକ ଏବେ ୨୦ ହଜାର ଟଙ୍କାର ସଞ୍ଚୟ କରୁଛନ୍ତି। ଯଦି ଆୟକର ଓ ଜିଏସ୍‌ଟି ସଞ୍ଚୟକୁ ବିଚାରକୁ ନିଆଯିବ ତେବେ ପ୍ରତିବର୍ଷ ଦେଶବାସୀ ୨.୫ ଲକ୍ଷ କୋଟି ଟଙ୍କାର ସଞ୍ଚୟ କରିବେ ବୋଲି ମୋଦୀ କହିଥିଲେ। ଏହି ଅବସରରେ ସେ ସ୍ୱଦେଶୀ ସାମଗ୍ରୀ ବ୍ୟବହାର କରିବାକୁ ଦେଶବାସୀଙ୍କୁ ଆହ୍ୱାନ ଦେଇଥିଲେ। ପ୍ରତି ଦୋକାନରେ 'ଗର୍ବରେ କୁହ ସ୍ୱଦେଶୀ' ଲେଖିବାକୁ ସେ କହିଥିଲେ।

**ମୋଦୀ ଜଣାଇଲେ ଜିଏସ୍‌ଟି ସଂସ୍କାରର ଲାଭ**

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ତେବେ ପ୍ରମୁଖ ସହର ଗୁଡିକରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ହୋଇଛି। କିଛି ସହରରେ ଦାମ ଅପରିବର୍ତ୍ତିତ ରହିଛି। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧ .୧୬ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୪ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



# ସ୍ପିଡ୍ ପୋଷ୍ଟରେ ନୂଆ ଶୁଳ୍କ ଏବଂ ସୁବିଧା

ନୂଆଦିଲ୍ଲୀ,୩୦।୯: ଡାକ ବିଭାଗ ଦ୍ୱାରା ଚିଠି ଏବଂ ପାର୍ସଲର ଦ୍ରୁତ ଏବଂ ନିର୍ଭରଯୋଗ୍ୟ ବିତରଣ ପାଇଁ ସ୍ପିଡ୍ ପୋଷ୍ଟ ସେବା ବିଗତ ସମୟରେ ଦେଶର ସବୁଠାରୁ ବିଶ୍ୱସ୍ତ ଡାକ ସେବା ଭାବେ ନିଜ ସ୍ଥାନ ସୁଦୃଢ଼ କରିଛି। ଏହି ସେବା ଭାରତୀୟ ଡାକର ଆଧୁନିକୀକରଣ ପ୍ରୟାସର ଏକ ମାଇଲ୍‌ଷ୍ଟୋନ୍ ଭାବରେ ବର୍ଷ ବର୍ଷ ଧରି ଦେଶରେ ସବୁଠୁ ବିଶ୍ୱସ୍ତ ଏବଂ ଲୋକପ୍ରିୟ। ବ୍ୟକ୍ତିଗତ ଏବଂ କର୍ପୋରେଟ୍ ଗ୍ରାହକଙ୍କ ବିଶ୍ୱାସ ଅର୍ଜନ କରି ସ୍ପିଡ୍ ପୋଷ୍ଟ ସେବା ଦୃଢ଼ତାର ସହ ଆଗେଇ ଚାଲିଛି। ଗ୍ରାହକଙ୍କ ପରିବର୍ତ୍ତିତ ଆବଶ୍ୟକତା ସହିତ ଖାପ ଖୁଆଇବା ଏବଂ ସ୍ପିଡ୍ ପୋଷ୍ଟରେ ନିର୍ଭରଯୋଗ୍ୟତା, ସୁରକ୍ଷା ଓ ସୁବିଧାକୁ ଆହୁରି ବୃଦ୍ଧି କରିବା ଲକ୍ଷ୍ୟରେ ବିଭାଗ ପକ୍ଷରୁ ନିମ୍ନଲିଖିତ ନୂଆ ବୈଶିଷ୍ଟ୍ୟ ପ୍ରଚଳନ କରାଯାଇଛି। ଓଟିପି ଆଧାରିତ ସୁରକ୍ଷିତ ବିତରଣ, ଅନଲାଇନ୍ ପେମେଣ୍ଟ, ଏସଏମଏସ୍ ଆଧାରିତ ବିଜ୍ଞପ୍ତି, ସୁବିଧାଜନକ ଅନଲାଇନ୍ ବୁକିଂ, ପ୍ରକୃତ-ସମୟ ଅପଡେଟ୍ ଏବଂ ପଞ୍ଜୀକରଣ ସୁବିଧା।

ଅନ୍ତଃଦେଶୀୟ ସ୍ପିଡ୍ ପୋଷ୍ଟ ଶୁଳ୍କ ୨୦୧୨ ମସିହାରେ ପ୍ରଥମେ ସଂଶୋଧନ କରାଯାଇଥିଲା। ବର୍ଦ୍ଧିତ ପରିଚାଳନା ଖର୍ଚ୍ଚ ପୂରଣ, ନୂତନ ଉଦ୍ଭାବନରେ ନିବେଶ ଏବଂ ସ୍ଥାୟୀ ଗୁଣୋତ୍ତର ସୁନିଶ୍ଚିତ କରିବା ପାଇଁ, ସ୍ପିଡ୍ ପୋଷ୍ଟର ଶୁଳ୍କ ୨୫.୦୯.୨୦୨୫ ତାରିଖର ଗେଜେଟ୍ ବିଜ୍ଞପ୍ତି ସଂଖ୍ୟା ୪୨୫୬ ଅନୁସାରେ

**ଆଜିଠୁ ଡାକ ବିଭାଗର ବଡ଼ ପଦକ୍ଷେପ**

ସଂଶୋଧନ କରାଯାଇଛି। ସଂଶୋଧିତ ଶୁଳ୍କ ୧ ଅକ୍ଟୋବର ୨୦୨୫ରୁ କାର୍ଯ୍ୟକାରୀ ହେବ। ୧୩ ବର୍ଷ ପରେ, ବଢ଼ୁଥିବା ପରିଚାଳନା ଖର୍ଚ୍ଚ ଓ ସେବାର ଆଧୁନିକୀକରଣକୁ ଧ୍ୟାନରେ ରଖି, ନୂଆ ଶୁଳ୍କ ଘୋଷଣା କରାଯାଇଛି। ପ୍ରାୟତଃ ୫୦ ଗ୍ରାମ ପର୍ଯ୍ୟନ୍ତ ଓଜନ ବା ଦୂରତା ପାଇଁ ସ୍ଥାନୀୟ ସ୍ପିଡ୍ ପୋଷ୍ଟର ଶୁଳ୍କ ୧୯ ଟଙ୍କା ହେବା ସହିତ, ଅଧିକ ୨୦୦ କିମି ପାଇଁ ୪୭ ଟଙ୍କା ଶୁଳ୍କ ରଖାଯାଇଛି। ସେହିପରି ୫୧ ରୁ ୨୫୦ ଗ୍ରାମ ପର୍ଯ୍ୟନ୍ତ ୨୪ ରୁ ୭୭ ଟଙ୍କା ଓ ୨୫୧ ରୁ ୫୦୦ ଗ୍ରାମ ପର୍ଯ୍ୟନ୍ତ ୨୮ ରୁ ୯୩ ଟଙ୍କା ଶୁଳ୍କ ଦେବାକୁ ହେବ। ଡକ୍ୟୁମେଣ୍ଟ ଏବଂ ପାର୍ସଲ ପ୍ରେରଣରେ ପ୍ରେଷକଙ୍କ ପଞ୍ଜୀକରଣ ସୁବିଧାକୁ ବାଧ୍ୟତାମୂଳକ କରାଯାଇଛି। 'ପଞ୍ଜୀକରଣ'ର ମୂଲ୍ୟଯୁକ୍ତ ସେବା ପାଇଁ ପ୍ରତି ସ୍ପିଡ୍ ପୋଷ୍ଟ ଆଇଟମ୍ (ଡକ୍ୟୁମେଣ୍ଟ/ପାର୍ସଲ୍) ପାଇଁ ୫ ଟଙ୍କାର ଏକ ନାମମାତ୍ର ଶୁଳ୍କ, ଏବଂ ପ୍ରଯୁଜ୍ୟ ଜିଏସଟି ଲାଗୁ ହେବ। ଯେଉଁଠାରେ ଚିଠି ବା ପାର୍ସଲ କେବଳ ଠିକଣାପ୍ରାପ୍ତ ବ୍ୟକ୍ତି କିମ୍ବା ଠିକଣାପ୍ରାପ୍ତ ବ୍ୟକ୍ତିଙ୍କ ଦ୍ୱାରା ଉପଯୁକ୍ତ ଭାବରେ ପ୍ରାଧୀକୃତ ବ୍ୟକ୍ତିଙ୍କୁ ବିତରଣ କରାଯିବ। ସେହିପରି, 'ୱାନ-ଟାଇମ୍ ପାସୱାର୍ଡ (ଓଟିପି) ବିତରଣ'ର ମୂଲ୍ୟଯୁକ୍ତ ସେବା ପାଇଁ ପ୍ରତି ସ୍ପିଡ୍ ପୋଷ୍ଟ ଆଇଟମ୍ ନିମନ୍ତେ ୫ ଟଙ୍କା ଶୁଳ୍କ ଏବଂ ପ୍ରଯୁଜ୍ୟ ଜିଏସଟି ଲାଗୁ ହେବ। ଏହି ବୈଶିଷ୍ଟ୍ୟ ଅଧୀନରେ, ଡେଲିଭରୀ କର୍ମଚାରୀଙ୍କ ସହିତ ସେୟାର କରାଯାଇଥିବା ଓଟିପିର ସଫଳ ନିଶ୍ଚିତକରଣ ପରେ ହିଁ ଚିଠି କିମ୍ବା ପାର୍ସଲ ଠିକଣାକାରୀଙ୍କୁ ହସ୍ତାନ୍ତର କରାଯିବ। ଛାତ୍ରଛାତ୍ରୀଙ୍କ ପାଇଁ ସ୍ପିଡ୍ ପୋଷ୍ଟ ମାଧ୍ୟମରେ ଆବେଦନ ପତ୍ର ପ୍ରେରଣରେ ୧୦ ପ୍ରତିଶତ ରିହାତି ଘୋଷଣା କରାଯାଇଛି। ଏହା ସହିତ, ନୂତନ ବଲ୍କ ଗ୍ରାହକଙ୍କ ପାଇଁ ୫ ପ୍ରତିଶତ ରିହାତିର ସ୍ୱତନ୍ତ୍ର ବ୍ୟବସ୍ଥା ପ୍ରଚଳନ କରାଯାଇଛି। ଡାକ ବିଭାଗଙ୍କ ଏହି ପଦକ୍ଷେପଗୁଡ଼ିକ, ସ୍ପିଡ୍ ପୋଷ୍ଟକୁ ଅଧିକ ସୁରକ୍ଷିତ, ସ୍ୱଚ୍ଛ ଏବଂ ଗ୍ରାହକ-ସହଜ ସେବାରେ ପରିଣତ କରିବ। ଏହା ଫଳରେ, ଦେଶର ସମସ୍ତ ଗ୍ରାହକଙ୍କ ପାଇଁ ଦ୍ରୁତ, ନିର୍ଭରଯୋଗ୍ୟ ଏବଂ ଗ୍ରାହକମୁଖୀ ସେବା ସୁନିଶ୍ଚିତ ହେବ।

# ପୁଷ୍ପା କ୍ଲିନିକ୍‌ରେ ବିନା ଅସ୍ତ୍ରୋପଚାରରେ ଅର୍ଶ ଚିକିତ୍ସା

ଭୁବନେଶ୍ୱର,୩୦। ୯: ବରମୁଣ୍ଡା ସ୍ଥିତ ପୁଷ୍ପା କ୍ଲିନିକ୍‌ରେ ବିନା ଅସ୍ତ୍ରୋପଚାରରେ ଅର୍ଶର ଚିକିତ୍ସା କରାଯାଉଛି। ଭଦ୍ରକର ଶୁଭ୍ରସ୍ମିତା ରାଉତ ନାମକ ଜଣେ ମହିଳା ୧୦ ବର୍ଷ ହେବ ଅର୍ଶରେ ପୀଡିତ ଥିଲେ। ବିଭିନ୍ନ ହସ୍ପିଟାଲ୍‌ରେ ଦେଖାଇବା ପରେ ମଧ ସେ ନିରାଶ ହୋଇଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଜଟିଳ ହେବାକୁ ଜଣେ ବନ୍ଧୁଙ୍କଠାରୁ ଖବର ପାଇ ସେ ପୁଷ୍ପା କ୍ଲିନିକ୍ ଆସିଥିଲେ। କ୍ଲିନିକର ଗୁଣାତ୍ମକ ଆୟୁର୍ବେଦିକ ଔଷଧ ଦ୍ୱାରା ସେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଥିଲେ। ପୁଷ୍ପା କ୍ଲିନିକରେ ଅର୍ଶ, ମଳକଂଟକ, ଭଗନ୍ଦର ଚିକିତ୍ସା କରାଯାଉଛି। ଉନ୍ନତମାନର ଆୟୁର୍ବେଦିକ ଔଷଧ ଦ୍ୱାରା ରୋଗୀମାନେ ସମ୍ପୂର୍ଣ ଆରୋଗ୍ୟ ଲାଭ କରୁଥିବା କ୍ଲିନିକ ପକ୍ଷରୁ କୁହାଯାଇଛି। ବିନା ଇଞ୍ଜେକ୍ସନ, ବିନା ଅସ୍ତ୍ରୋପଚାର, ବିନା କ୍ଷାରସୂତ୍ରରେ କେବଳ ଖାଇବା ଔଷଧ ଦ୍ୱାରା ଚିକିତ୍ସା କରାଯାଉଛି। କ୍ଲିନିକ୍‌ର ନିଜସ୍ୱ ଆୟୁର୍ବେଦିକ ଔଷଧ ଦ୍ୱାରା ୧ ଲକ୍ଷରୁ ଅଧିକ ରୋଗୀ ଉପକୃତ ହୋଇଛନ୍ତି।

# ବ୍ୟାଙ୍କ ଅଫ୍ ବରୋଦାର ବାର୍ଷିକ ଉତ୍ସବ ଅଭିଯାନ

ଭୁବନେଶ୍ୱର, ୩୦।୯: ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ବାର୍ଷିକ ଉତ୍ସବ ଅଭିଯାନ 'ବିଓବି କେ ସଙ୍ଗ ତ୍ୟୋହାର କି ଉମଙ୍ଗ-ଶୁଭ ଭି ଲାଭ ଭି' ଘୋଷଣା କରାଯାଇଛି। ଖୁଚୁରା ଓ ଏମ୍‌ଏସ୍‌ଏମ୍‌ଇ ଗ୍ରାହକମାନଙ୍କୁ ରିହାତି, ସ୍ୱତନ୍ତ୍ର ଅଫର ଓ ମୂଲ୍ୟଯୁକ୍ତ ଲାଭ ଦେବା ପାଇଁ ଏହି ଅଭିଯାନ ଆରମ୍ଭ କରାଯାଇଛି। ଏଥିରେ ଗୃହ ଋଣକୁ ବାର୍ଷିକ ୭.୫ ପ୍ରତିଶତର ସ୍ୱତନ୍ତ୍ର ସୁଧ ଓ ବିନା ପ୍ରୋସେସିଂ ଫି'ରେ ଦିଆଯାଉଛି। ୪୦ ବର୍ଷ ବୟସରୁ କମ୍ ବର୍ଷର ମହିଳା ଜେନ ଜି ଓ ମିଲେନିୟାଲମାନଙ୍କୁ ସୁଧରେ ରିହାତି, ସହଜ ଟପ୍ ଅପ୍ ସୁବିଧା ଓ ଦୈନିକ ବାଲାନ୍ସ ହ୍ରାସ ଉପରେ ସୁଧ ହିସାବ ଭଳି ସୁବିଧା ଦିଆଯାଉଛି। କାର ଋଣରେ ସ୍ଥାୟୀ ଓ ଫ୍ଲୋଟିଂ ସୁଧ ହାର ବିକଳ୍ପ, ୮୪ ମାସ ପର୍ଯ୍ୟନ୍ତର ବର୍ଦ୍ଧିତ ପରିଶୋଧ ଅବଧି, ଇଭି ପାଇଁ ୮୬ ମାସ ପର୍ଯ୍ୟନ୍ତ ପରିଶୋଧ ଅବଧି ଓ ପ୍ରୋସେସିଂ ଫି' ୫୦% ଛାଡ଼ ଓ ଅନ୍‌ରୋଡ ମୂଲ୍ୟର ୯୦ ପ୍ରତିଶତ ପର୍ଯ୍ୟନ୍ତ ଫାଇନାନ୍ସ ଭଳି ସୁବିଧା ମିଳିବ। ଗ୍ରାହକମାନଙ୍କୁ ବିଓବି ମାଷ୍ଟର ଷ୍ଟ୍ରୋକ୍ ସଞ୍ଚୟ ଖାତାରେ ଆକର୍ଷଣୀୟ ଅଫର ସହିତ ଇଜି ମାଇଁ ଟ୍ରିପ୍ ଡେବିଟ୍ କାର୍ଡ ମିଳିବ। ଡିଜିଟାଲ କାରବାର, ଲକର ଉପରେ ସୁବିଧା ରହିଛି।

## କୁଇ ସମାଜ ପକ୍ଷରୁ ଓଏଏସ୍ ପାଇଥିବା ଛାତ୍ରଙ୍କୁ ସମ୍ବର୍ଦ୍ଧନା



**କନ୍ଧମାଳ, ୩୦।୯ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ସଦର ମହକୁମା ଫୁଲବାଣୀରେ ଥିବା କୁଇ ସମାଜ ସେବା ସମିତି ତରଫରୁ କେନ୍ଦ୍ରୀୟ କାର୍ଯ୍ୟାଳୟ ଠାରେ ସମିତିର ମାସିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ କୁଇ ସମାଜ ସେବା ସମିତି ସଭାପତି ସୁଦର୍ଶନ କହଁର ମହୋଦୟଙ୍କ ସମେତ କୁଇ ସମାଜ ସେବା ସମିତି ର ଅନେକ କର୍ମକର୍ତ୍ତା, ନାରୀ ନେତ୍ରୀ, ବିଭିନ୍ନ ଶାଖାର ସଭାପତି ଓ ସମ୍ପାଦକ ତଥା କୁଇ ଭାଷା ସାହିତ୍ୟ ସମିତି ର କନ୍ଧମାଳ ଓଡ଼ିଶା ସଭାପତି ତଥା କୁଇ କବି ଶ୍ରୀଯୁକ୍ତ ଦୀନବନ୍ଧୁ କହଁର ଯୋଗ ଦେଇଥିଲେ। ଏହି ବୈଠକରେ ଆଦିବାସୀ ମହାସଂଘ ଓଡ଼ିଶା ତରଫରୁ କାର୍ଯ୍ୟକାରୀ ସଦସ୍ୟ ତଥା ଭୁବନେଶ୍ୱର ଶାଖାର ସାଧାରଣ ସମ୍ପାଦକ ମନୋଜ କୁମାର ପ୍ରଧାନ, ଯୁବ ସମାଜ ସଂଗଠନ ସଭାପତି ବିଷ୍ଣୁ ଚରଣ ମଲ୍ଲିକ ଓ ସଭ୍ୟ ଭାବିନ୍ଦ୍ର କହଁର ଯୋଗ ଦେଇଥିଲେ। ଏହି ଶୁଭ ଅବସରରେ ଓଡିଏସ୍ସି ଦ୍ୱାରା ଅନୁଷ୍ଠିତ ହୋଇଥିବା ଓଏଏସ୍ ପରୀକ୍ଷାରେ ସଫଳତାର ସହିତ କୃତକାର୍ଯ୍ୟ ହୋଇଥିବା ଆଦିବାସୀ ମହାସଂଘ ଓଡ଼ିଶାର ଆଇଟି ସେଲ୍ ସଦସ୍ୟ ତଥା କୁଇ ସମାଜ ଯୁବ ପରିଷଦ, କନ୍ଧମାଳର ସଭାପତି ଦେବାଶିଷ କହଁରଙ୍କୁ ଆଦିବାସୀ ମହାସଂଘ ଓଡ଼ିଶା ତରଫରୁ ତାଙ୍କର ସଫଳତା ପାଇଁ ସ୍ୱାଗତ ସମ୍ବର୍ଦ୍ଧନା କରିବା ସଙ୍ଗେ ସଙ୍ଗେ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭେଚ୍ଛା ଦିଆଯାଇଛି। କନ୍ଧମାଳ ଜିଲ୍ଲାରେ ଆଦିବାସୀ ମହାସଂଘକୁ କିପରି ସୁଦୃଢ଼ କରାଯାଇ ପାରିବ ସେ ବିଷୟରେ ମଧ ବୈଠକରେ ବିଭିନ୍ନ ପ୍ରକାର ଆଲୋଚନା କରାଯାଇଥିଲା ।

### ସ୍କୁଲ ପାଚେରି ନିର୍ମାଣରେ ଘୋଟାଲା

# ଭଙ୍ଗା ଇଟାରେ ନିର୍ମାଣ ହେଉଛି ନୂଆ ପାଚେରି

**ଜଗତସିଂହପୁର,୩୦।୯ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ମଣି ଚରଣ ଶାରଳା ଏକାଡେମୀରେ ନିର୍ମାଣ ଚାଲିଥିବା ପାଚେରୀ କାମରେ ମହା ଘୋଟାଲା ହୋଇଥିବା ଦେଖିବାକୁ ମିଳିଥିଲା।

### ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ଚାଲିଛି କାମ

ସୂଚନା ଅନୁଯାୟୀ ପୂର୍ବରୁ ନିର୍ମାଣ ଥିବା ପାଚେରୀର ସୀମିତ ଜାଗାକୁ ସଂକୁଚିତ କରିବା ପାଇଁ ଠିକାଦାର ମୋଟା ଅଙ୍କର ଅର୍ଥ ନେଇ ନୂତନ ପାଚେରୀ ନିର୍ମାଣ କରିଛନ୍ତି। ଏଥି ସହିତ ପୂର୍ବରୁ ଭଙ୍ଗାଯାଇଥିବା ଘର ଓ ପାଚେରୀର ଅଂଶବିଶେଷକୁ ହୁଣ୍ଡା ମୂଲ୍ୟରେ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବା ଠିକାଦାର ଓ ଯନ୍ତ୍ରୀ ସ୍ଥାନୀୟ ଅଞ୍ଚଳର ଏକ ନାମିଦାମୀ ଠିକାଦାରଙ୍କୁ



ରାତାରାତି ବିକ୍ରି କରିଦେଇଥିବା ଶୁଣିବାକୁ ମିଳୁଛି। ଖାଲିସେତିକି ନୁହେଁ ଠିକାଦାର ପୂର୍ବ ପାଚେରୀରେ ବ୍ୟବହାର ହୋଇଥିବା ଭଙ୍ଗାରୁଜା ଇଟାକୁ ଯୋଡ଼ି ରାତି ଅଧିଆ କାମ ସାରିଦେବାକୁ ପ୍ରାଣପ୍ରଣେ ଉଦ୍ୟମ କରିଛନ୍ତି। କିନ୍ତୁ ଲୁଚିନା ଗୋଡ଼ ଦୁଇଟା ଦିଶୁଅଛି ଭଳି ଠିକାଦାର ଓ ଯନ୍ତ୍ରୀଙ୍କ ଏହି ମଧୁଚନ୍ଦ୍ରିକା ହରିଲୁଟ କାମ ଏବେ ପଦାକୁ ଆସିଛି।

ସିମେଣ୍ଟ ଓ ବାଲିର ଭାଗ ସଠିକ ଦିଆଯାଉନଥିବା ମଧ ଶୁଣିବାକୁ ମିଳୁଛି। ନନ୍ ଟେଡ ସିମେଣ୍ଟ ଆଣି ଠିକାଦାର ଅନ୍ଧାରରେ କାମ କରୁଥିବା ଦେଖିବାକୁ ମିଳିଛି। ଠିକାଦାର ନିଜର ପାରିବା ପଣିଆ ଦେଖାଇକୁ ଯାଇଁ ଏବେ ହରନ ଘଣାରେ ପଡି ଯାଇଛନ୍ତି। ଏ କାର୍ଯ୍ୟ ସମ୍ପର୍କରେ ଯନ୍ତ୍ରୀ ନିରଞ୍ଜନ ବେହେରାଙ୍କୁ କାମର ବ୍ୟୟ ଅଟକଳ ବିଷୟରେ ପଚାରିବାରୁ ସେ ଧରାପଡିଯିବା ଭୟରେ ସେ ଏହାର ସଠିକ ତଥ୍ୟ ଦେଉ ନାହାନ୍ତି। ବରଂ ଠିକାଦାରଙ୍କୁ ସୁରକ୍ଷା ଦେଉଥିବା ଶୁଣିବାକୁ ମିଳୁଛି। ଏଥିରୁ ଜଣାପଡୁଛି ଠିକାଦାର ଓ ଯନ୍ତ୍ରୀ ନିରଞ୍ଜନ ବେହେରାଙ୍କ ମଧୁଚନ୍ଦ୍ରିକାରେ ଏହି ପାଚେରି ନିର୍ମାଣ କାର୍ଯ୍ୟ ହରିଲୁଟ୍ ହେଉଥିବା ଶୁଣିବାକୁ ମିଳୁଛି। ଭଙ୍ଗାରୁଜା ଇଟାରେ ନିର୍ମାଣ ହେଉଥିବା ପାଚେରୀକୁ ରାତିଆରାତି ପାଲସ୍ତର କରି ଠିକାଦାର ଘୋରେଇ ଦେଉଥିବା ଦେଖିବାକୁ ମିଳିଛି। ତେବେ ଏହାର ଉଚ୍ଚ ସ୍ତରୀୟ ତଦନ୍ତ ସହିତ ଠିକାଦାର ଓ ସ୍କୁଲ ଯନ୍ତ୍ରୀ ନିରଞ୍ଜନ ବେହେରା ଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହୋଇଛି।



## ନରୁଆ ଛକରେ ଦୁର୍ଗାପୂଜା ଆରମ୍ଭ

**ତିର୍ତ୍ତୋଲ,୩୦।୯ (ସଂଚାର ବ୍ୟୁରୋ):** ତିର୍ତ୍ତଲ ବ୍ଲକ ଅଧିନସ୍ତ ନରୁଆ ଛକ ଠାରେ ଚଳିତ ବର୍ଷ ୪୯ତମ ଦୁର୍ଗା ପୂଜା ପାଳନ କରାଯାଉଛି । ପୂଜା ମଣ୍ଡପ ରେ ଆକର୍ଷଣୀୟ ତୋରଣ ସହିତ ଆଲୋକ ମାଳାରେ ସୁସଜିତ ହୋଇ ଝଲସୁଛି ବଜାର ଓ ପୂଜା ମଣ୍ଡପ। ପ୍ରତିବର୍ଷ ଭଳି ଏହିବର୍ଷ ମଧ ସବୁ ଦେବଦେବୀଙ୍କ ଚାନ୍ଦିର ମୁକୁଟ ସହିତ ମା' ଦୁର୍ଗା ସୁନାର ସିଂଥି ସହିତ ଟିକିଲି ପରିଧାନ କରିଛନ୍ତି। ପୂଜା ଚାଲିଥିବା ପର୍ଯ୍ୟନ୍ତ ଦୈନିକ ମଧାନ ଓ ରାତ୍ରିରେ ଶହ ଶହ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ରହିଛି ବୋଲି କମିଟିର ସମ୍ପାଦକ ମନୋରଞ୍ଜନ ସାମନ୍ତରାୟ ସୂଚନା ଦେଇଛନ୍ତି। ଏହି ପୂଜାରେ ନବମୀ ଦିନ ରାତ୍ରିରେ ସମ୍ପୂର୍ଣ୍ଣ ଚଣ୍ଡୀ ପାଠ କରାଯିବା ସହିତ ମା'ଙ୍କ ଲାଗି ଚାରୁଅନ୍ନ ଭୋଗ କରାଯାଇଥାଏ। ବହୁ ପୂର୍ବରୁ ବିଧି ଅଛି ଏହି ଚାରୁଅନ୍ନକୁ ଜିଏ ପାଏ ତାର ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ଯୁଗ ଯୁଗରୁ ଏହାର ପ୍ରଥା ରହିଛି। ପ୍ରତିବର୍ଷ ଭଳି ଏହି ପୂଜାକୁ ପଣ୍ଡିତ ଅଶୋକ କୁମାର ଦାଶ ଓ ତାଙ୍କର ଟିମ ପୂଜା କରିଥିବା ବେଳେ ଏହି ପୂଜାରେ କର୍ତ୍ତା ଶ୍ରୀଯୁକ୍ତ ଅଶୋକ ଶ୍ରୀଯୁକ୍ତ କୁମାର ଦାସ ଓ ତାଙ୍କ ଧର୍ମ ପତ୍ନୀ ଶ୍ରୀମତୀ ସୁଶ୍ରୀ କର୍ତ୍ତି ଭାବେ ପୂଜା ସମ୍ପାଦନା କରୁଛନ୍ତି । ସେହିପରି ଚଳିତବର୍ଷ ଏହି ରାସ୍ତା ତୁଳଙ୍ଗ ଓ ଇବ୍ରିସିଂର ମଧ ଭାଗ ହୋଇଥିବାରୁ ପ୍ରବଳ ଭିଡ ଜମୁଥିବା ବେଳେ ନବମୀ ଓ ଦଶହରା ପୂଜା ପାଇଁ ତିର୍ତ୍ତଲ ପୋଲିସ ଙ୍କୁ ସହାୟତା ପାଇଁ ଅନୁରୋଧ କରାଯାଇଛି ବୋଲି କମିଟି ର ଉପସଭାପତି ମହେନ୍ଦ୍ର ସ୍ୱାଇଁ ସୂଚନା ଦେଇଛନ୍ତି ।

## ଧଅଁରାମାଲସ୍ଥିତ କଳାପାର ମନ୍ଦିରରେ ଦଶରା ଯାତ୍ରା

**ନର୍ଲା,୩୦।୯ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ଅନ୍ତର୍ଗତ ଧଅଁରାମାଲ ସ୍ଥିତ କଳାପାର୍ ମନ୍ଦିରରେ ବାର୍ଷିକ ଦଶରା ଯାତ୍ରା ପ୍ରବଳ ଉତ୍ସାହ ଉଦ୍ଦୀପନା ସହ ସମାପନ ହୋଇଯାଇଛି। ତିନିଦିନ ଧରି ଚାଲିଥିବା ଏହି ଯାତ୍ରାର ନିତିକାନ୍ତି ମନ୍ଦିରର ପୂଜକ ଭାଗିରଥି ଭୋଇ, କୁମୁଦ ଭୋଇ ଓ ବଳଦେବ ଭୋଇଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା। ମଙ୍ଗଳବାର ପ୍ରାତଃ କାଳରୁ ମନ୍ଦିରରେ କଳାପାର୍, ଦକ୍ଷିଣ କାଳୀ ଓ ଚଣ୍ଡିଙ୍କ ଦଶରା ପୂଜାବିଧି ଆରମ୍ଭ ହୋଇ ରାତ୍ର ପର୍ଯ୍ୟନ୍ତ ଚାଲିଥିଲା। ଦେବତା ଭକ୍ତଜନଙ୍କୁ ହାରିଗୁହାରି ଶୁଣିବା ସହ କଣ୍ଟା ଦୋଳିରେ ବସି ନିଜ ଶକ୍ତିର ପରିଚୟ ଦେଇଥିଲେ। ଭୋଇ (ମଣିହିରା) ବଂଶର ଏହି ଯାତ୍ରାକୁ କୃତିବାସ ଭୋଇ, ଭୀମସେନ ଭୋଇ, ଭାଗିରଥି ଭୋଇ, ଗୌର ଭୋଇ, ହିମାଚଳ ଭୋଇ, ପ୍ରଦୀପ ଭୋଇ, କ୍ଷିରସିନ୍ଧୁ ଭୋଇ, ଦୋଳଗୋବିନ୍ଦ ଭୋଇ, କମଳାକାନ୍ତ ଭୋଇ, ବିବେକ ଭୋଇ, ଦିପକ ଭୋଇ, ରୋମାଞ୍ଚଳ ଭୋଇ, ଷ ବିଶ୍ୱଜିତ ଭୋଇ, ଦେବାନନ୍ଦ ଭୋଇ, ଦଶରଥ ଭୋଇ, ଟିକେଶ୍ୱର ଭୋଇ, ବରୁଣ ଭୋଇ, ଚୁନିରାଜ ଭୋଇ ପ୍ରମୁଖ ସହଯୋଗ କରିଥିଲେ।



# ଦାନଗଦୀରେ ବିଜେପିର ସେବାପକ୍ଷ ପାଳନ

### ରକ୍ତଦାନ ଶିବିରରୁ ୩୬୦ ୟୁନିଟ ରକ୍ତ ସଂଗୃହିତ

**କଳିଙ୍ଗନଗର,୩୦।୯ (ସଂଚାର ବ୍ୟୁରୋ):** ସାରା ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମ ଦିବସକୁ ବିଜେପି ପକ୍ଷରୁ ସେବାପକ୍ଷ ଭାବେ ପାଳନ କରାଯାଉଛି। ଏନେଇ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ସାମାଜିକ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଏହିକ୍ରମରେ ଯାଜପୁର ଜିଲ୍ଲା ଦାନଗଦି ବ୍ଲକ୍ ବିଜେପି ପକ୍ଷରୁ ରାଜ୍ୟ ସମବାୟ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ପ୍ରଦୀପ ବଳସାମନ୍ତଙ୍କ ନେତୃତ୍ୱରେ ମେଗା ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା ତତ ସହ ବୃକ୍ଷ ରୋପଣ କାର୍ଯ୍ୟ ହୋଇଥିଲା। ସ୍ଥାନୀୟ ଦାନଗଦି ଭବନ ପରିସରରେ ଅନୁଷ୍ଠିତ ଏହି ଶିବିରରେ ବହୁ ସଂଖ୍ୟାରେ ଯୁବକ, ଯୁବତୀ ଓ ମହିଳା ଯୋଗଦେଇ ସ୍ୱେଚ୍ଛାକୃତ ଭାବେ ୩୬୦ୟୁନିଟ ରକ୍ତଦାନ କରିଥିଲେ।



ବିଜେପି ଜିଲ୍ଲା ସଭାପତି ଦେବଜାନୀ ପ୍ରଧାନ ଏହି ଶିବିରରେ ଅନ୍ୟତମ ଅତିଥି ଭାବେ ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ ଓ ତାଙ୍କ ବକ୍ତବ୍ୟରେ ବିଜେପି ଦଳ ସମାଜର ଶେଷ ଧାଡିରେ ଥିବା ଲୋକଙ୍କୁ ପାଖରେ ପହଞ୍ଚି ସେବା କାର୍ଯ୍ୟ ଯୋଗାଇ ଦେବା ଦୃଢ଼ ସଂକଳ୍ପ ଯଶସ୍ୱୀ ପ୍ରଧାନ ମନ୍ତ୍ରୀଙ୍କର ଭାରତକୁ ବିଶ୍ୱ ଦରବାରରେ ଏକ ନମ୍ବର କରିବାର ପ୍ରୟାସ ଆମେ ଯଦି ସବୁ ମିଶି ସେବା ମନୋଭାବ ନେଇ କାମ କରିବା ତାହାଲେ ଏହା ନିଶ୍ଚିତ ସମ୍ଭବ ହେବ ବୋଲି କହିଥିଲେ। ମନ୍ତ୍ରୀ ବଳସାମନ୍ତ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆମେ ସମସ୍ତେ ଭାଇ ଭାଇ ହୋଇ ଏକାଠି ବସି ଯାହାର ଯାହା ସମସ୍ୟା ଅଛି ସମାଧାନ କରିବା, ଆଜି ରକ୍ତବିନା କିପରି ମଣିଷ ଜୀବନ ବଞ୍ଚିବା କଷ୍ଟକର ହୋଇ ପଡୁଛି ତେଣୁ ଏକ ମହାନ କାର୍ଯ୍ୟ ଯୁବକ ମାନେ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେବା ସହ ଏପରି ସବୁ ପ୍ରକାର ସେବା କାର୍ଯ୍ୟକ୍ରମ ସମସ୍ତେ କରିବାକୁ ଆହ୍ୱାନ ଦେଇଥିଲେ।

## ମା' କନକଦୁର୍ଗା ପୂଜା ମଣ୍ଡପରେ କଳସଯାତ୍ରା

**ଡେରାବିଶ,୩୦।୯ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ ପଲେଇ ଗ୍ରାମର ସୁଦର୍ଶନ ବାବାଙ୍କ ପୂଜାମଣ୍ଡପରେ ଆୟୋଜିତ ମା' କନକ ଦୁଗାଙ୍କ ପୂଜା ଉପଲକ୍ଷେ ସପ୍ତମୀ ତିଥିରେ ଶୁଭ କଳସଯାତ୍ରା ଅନୁଷ୍ଠିତ ହୋଇଯାଇଅଛି। ଆଜି ପ୍ରତ୍ୟୁଷରେ ପଲେଇ ସ୍ଥିତ ସିଦ୍ଧ ମହାପୁରୁଷଙ୍କ ନିକଟସ୍ଥ ବାଲିଗଡ଼ିଆ ଠାରୁ ପୂଜାର୍ଚ୍ଚନା ସହିତ ପୂର୍ଣ୍ଣ କଳସଯାତ୍ରା ଅନୁଷ୍ଠିତ ହୋଇଥିଲା। ବାବାଜୀ ସୁଦର୍ଶନ ଓ ପୂଜା କମିଟିର ସଭାପତି ରଶ୍ମିରଞ୍ଜନ ନାଥଶର୍ମାଙ୍କ ନେତୃତ୍ୱରେ ଶତାଧିକ ଶ୍ରଦ୍ଧାଳୁ ଏହି କଳସଯାତ୍ରାର ସାମିଲ ହୋଇଥିଲେ।



## ସିଦ୍ଧିଦାତ୍ରୀ ବେଶରେ ଦର୍ଶନ ଦେଉଛନ୍ତି ମା' ସୁରେଶ୍ୱରୀ ଓ ଭଗବତୀ



**ସୁବର୍ଣ୍ଣପୁର,୩୦।୯ (ସଂଚାର ବ୍ୟୁରୋ):** ନବରାତ୍ରର ନବମ ଦିନରେ ସୋନପୁରର ଇଷ୍ଟଦେବୀ ମା ସୁରେଶ୍ୱରୀଙ୍କ ପୀଠରେ ଭୋର ସମୟରୁ ମନ୍ଦିର ଖୋଲା ଯାଇ ଯଥା ବିଧି ପୂଜାର୍ଚ୍ଚନା ଶେଷ ହୋଇଥିବା ବେଳେ ଆଜି ସିଦ୍ଧିଦାତ୍ରୀ ବେଶରେ ମା' ଉଭା ହୋଇ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ମନ୍ଦିରରେ ନବଦିନାତ୍ମକ ଚଣ୍ଡୀ ମହାଯଜ୍ଞର ନବମ ଦିବସରେ ସୂର୍ଯ୍ୟ ପୂଜା, ଗୋ ପୂଜା, ଗୁରୁ, ବ୍ରାହ୍ମଣ ପୁଜନମ ବିଭିନ୍ନ ଦେବା ଦେବୀଙ୍କ ପୂଜାପାଠ ସୁରେଶ୍ୱରୀଙ୍କ ଷୋଡଶ ଉପଚାର ପୂଜା ଆରତୀ ପୁଷ୍ପାଞ୍ଜଳି ସହ ଚଣ୍ଡୀଯଜ୍ଞ, ହବନ, ଆରତୀ, ପୁଷ୍ପାଞ୍ଜଳି ଓ ପ୍ରସାଦ ବଣ୍ଟନ ହେବା ନେଇ କମିଟି ପକ୍ଷରୁ ସୂଚନା ମିଳିଛି।

ସେହିପରି ସହରର ସର୍ବପୁରାତନ ମା' ଭଗବତୀଙ୍କ ପୀଠରେ ମଧ ସିଦ୍ଧିଦାତ୍ରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ମା' ଭଗବତୀ। ସହରର ଗଡ଼ଭିତର ସ୍ଥିତ ଦୁର୍ଗା ମନ୍ଦିରରେ ମଧ ସିଦ୍ଧିଦାତ୍ରୀ ବେଶରେ ଦର୍ଶନ ଦେଉଛନ୍ତି ମା' ଦୁର୍ଗା। ସିଦ୍ଧିଦାତ୍ରୀ' ମା' ଦୁର୍ଗାଙ୍କର ନବମ ଶକ୍ତି। ତାହାଙ୍କର ପୂଜା କଲେ ଭକ୍ତ ଓ ସାଧକ ସିଦ୍ଧିର ଅଧିକାରୀ ହୁଅନ୍ତି। ସଂସାରର କିଛି ବି ତାଙ୍କପାଇଁ ଅଗମ୍ୟ ହୋଇ ରହେ ନାହିଁ। ସେ ବ୍ରହ୍ମାଣ୍ଡ ବିଜୟର କ୍ଷମତାଲାଭ କରନ୍ତି। ଏହିପରି ଭାବରେ, ନବରାତ୍ରିରେ ନବଦୁର୍ଗାଙ୍କର ଉପାସନା ଭକ୍ତ ଓ ସାଧକଙ୍କୁ କୃତାର୍ଥ କରିଥାଏ।

## ନିଖୋଜ ଛାତ୍ର ଦିଲ୍ଲୀରୁ ଉଦ୍ଧାର

**ନୟାଗଡ଼, ୩୦।୯ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ରଘୁନାଥ ସରକାରୀ ଉଚ୍ଚବିଦ୍ୟାଳୟର ନିଖୋଜ ୧୦ମ ଶ୍ରେଣୀ ଛାତ୍ରକୁ ଓଡ଼ଗାଁ ପୁଲିସ ଦିଲ୍ଲୀ ପାର୍ଲ୍ୟାମେଣ୍ଟ ହାଉସ ଷ୍ଟ୍ରିଟ ଥାନା ଲାଲକିଲା ନିକଟ ବଙ୍ଗଳା ସାହେବ ଅଞ୍ଚଳରୁ ଉଦ୍ଧାର କରିଥିବା ଜଣାପଡ଼ିଛି। ନାବାଳକ ଛାତ୍ର ଜଣକ ଗତ ୧୨ତାରିଖରୁ ନିଖୋଜ ଥିଲା। ଓଡ଼ଗାଁ ପୁଲିସ୍ ଏକାଧିକ ଥର ଧରିବାକୁ ଉଦ୍ୟମ କରି ଅସଫଳ ହୋଇଥିଲେ ମଧ ସେପ୍ଟେମ୍ବର ମାସ ୩୦ ତାରିଖରେ ଦିଲ୍ଲୀରୁ ଉଦ୍ଧାର କରି ଓଡ଼ଗାଁ ଥାନାରେ ପହଞ୍ଚିବା ପରେ ପରିବାର ଲୋକେ ଆଶ୍ୱସ୍ତ ହୋଇଥିଲେ। ପ୍ରଥମେ ନାବାଳକର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସମସ୍ତ ପ୍ରକ୍ରିୟା ସରିବା ପରେ ଓଡ଼ଗାଁ ପୁଲିସ ନାବାଳିକାକୁ ତାର ଅଭିଭାବକଙ୍କୁ ହସ୍ତାନ୍ତର କରିଛି। ସୂଚନାନୁସାରେ, ନୟାଗଡ଼ ଜିଲ୍ଲା ଓଡ଼ଗାଁରେ ଗତ ୧୨ ତାରିଖ ଶୁକ୍ରବାର ସକାଳ ୧୦ଟା ବେଳେ ସ୍କୁଲକୁ ଯାଉଛି ବୋଲି କହି



ସ୍କୁଲ୍ ବ୍ୟାଗ୍ ନେଇ ନାବାଳକ ଜଣକ ଘରୁ ଆସିଥିଲା। ହେଲେ ସ୍କୁଲ୍ ଛୁଟି ପରେ ସେ ଘରକୁ ନଫେରିବାରୁ ଏ ସମ୍ପର୍କରେ ନାବାଳକର ମା' ଓଡ଼ଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ଏଲ.କେ ଜୁଏଲର୍ସ ଗ୍ରାହକଙ୍କ ପାଇଁ ଆଣିଛି ଜମଦାର ଅଫର




**ଯାଜପୁର ରୋଡ଼,୩୦।୯(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର ବ୍ୟାସନଗର ପୌରାଞ୍ଚଳ ସହର ସ୍ଥିତ ଡାକବଙ୍ଗଳା ଛକ ଠାରେ ଦୀର୍ଘ ଦିନର ବ୍ୟବସାୟୀ ପ୍ରତିଷ୍ଠାନ ଏଲ କେ ଜୁଏଲାର୍ସର ଏକ ନୂତନ ଅତ୍ୟାଧୁନିକ ସୋ ରୁମ ଉଦଘାଟିତ ହୋଇଯାଇଅଛି । ଶାରଦୀୟ ଦୁର୍ଗାପୂଜା ଓ କାଳୀପୂଜା ଉପଲକ୍ଷେ ସୁନା, ରୁପା ଓ ଚାନ୍ଦିର ନିର୍ଭରଯୋଗ୍ୟ ଏହି ପ୍ରତିଷ୍ଠାନରେ ଅତ୍ୟାଧୁନିକ ଡିଜାଇନ ଓ ତାରକସି କାମର ଗହଣା ମାନ ଉପଲବ୍ଧ ରହିଥିବା ସହିତ ଆକର୍ଷଣୀୟ ଅଫର ମଧ ରହିଥିବା ଅନୁଷ୍ଠାନର ସ୍ୱତାଧିକାରୀ ମାନସ ସାହୁ କହିଥିଲେ। କଳିଙ୍ଗନଗର ର ମୁଖଶାଳା ବ୍ୟାସନଗର ସହର ହୋଇଥିବା ଯୋଗୁଁ ଏଠାରେ ରାଜ୍ୟ ବାହାରୁ ଲୋକମାନେ ବସବାସ କରୁଥିବାରୁ ଗ୍ରାହକଙ୍କ ମନ ପସନ୍ଦ ଅନୁଯାୟୀ ବିଭିନ୍ନ ମଡେଲ ଓ ନୂତନ ଡିଜାଇନର ଅଳଙ୍କାର ରହିଥିବା ପ୍ରୋପାଇଟର ପ୍ରଭାତ ସାହୁ କହିଥିଲେ। ସହରରେ ଏଭଳି ଏକ ନୂତନ ସୋ'ରୁମ ଖୋଲାଯାଇଥିବାରୁ ଭଲ ବ୍ୟବସାୟ ହେବ ବୋଲି ଗ୍ରାହକ ମାନେ କହିଥିଲେ।

## ଆର୍‌ଏସ୍‌ଏସ୍‌ର ଶତାବ୍ଦୀ ବର୍ଷ ପାଳନ ଓ ବିଜୟା ଦଶମୀ ଉତ୍ସବ



**ତୁମୁଡ଼ିବନ୍ଧ, ୩୦।୯ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ବ୍ଲକରେ ଆଜି ଦେଖିବାକୁ ମିଳିଛି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘର ଶତାବ୍ଦୀ ବର୍ଷ ପାଳନ ଓ ବିଜୟା ଦଶମୀର ଉତ୍ସବ ଅନୁଷ୍ଠିତ ହୋଇଛି। ତୁମୁଡ଼ିବନ୍ଧ ଆମ୍ବେଦକର ଛକ ନିକଟସ୍ଥ ମିନିଷ୍ଟାଡିୟମ ଠାରେ ଏହି ଉତ୍ସବ ପାଳନ କରାଯାଇଛି । ଏହି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘର ଶତାବ୍ଦୀ ବର୍ଷ ପାଳନ ଏବଂ ବିଜୟା ଦଶମୀ ଉତ୍ସବରେ ମୁଖ୍ୟ ଅତିଥି ପୁରୋତ୍ତମ ଲେଙ୍କା ତୁମୁଡ଼ିବନ୍ଧର ଖଣ୍ଡଚାଳକ ହୀରାଲାଲ ପ୍ରଧାନ, ଜିଲ୍ଲା ପ୍ରଚାରକ ଓ ବକ୍ତା ମୁନିନ୍ଦ୍ର କୁମାର ଶବର, ବୌଦିକ ପ୍ରମୁଖ ମୁରଲୀଧର ମହାପାତ୍ର, ନଗର କାର୍ଯ୍ୟବାହ ଅରକ୍ଷିତ ମାଝି, ବ୍ୟବସ୍ଥା ପ୍ରମୁଖ ପ୍ରକାଶ ଚନ୍ଦ୍ର ସାହୁ, ଶାରୀରିକ ପ୍ରମୁଖ ଶ୍ରୀଯୁକ୍ତ ଖଗେଶ୍ୱର ମାଝି ଏବଂ ଶତାଧିକ ସ୍ୱୟଂ ସେବକ ତଥା ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନେତ୍ର ମାନସେଠ୍, ତୁମୁଡ଼ିବନ୍ଧ ସାଂସଦ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ବିଜେପିର ପୂର୍ବତନ ବ୍ଲକ ସଭାପତି ରବିଚନ୍ଦ୍ର ପାତ୍ର, ଗରିଷ୍ଟ ବିଜେପି ନେତା ଶ୍ରୀଚନ୍ଦ୍ର ପରାସେଟ ଏହି ଉତ୍ସବ ପାଳନରେ ଉପସ୍ଥିତ ରହିଥିଲେ।

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘର କାର୍ଯ୍ୟକ୍ରମକୁ ପ୍ରତ୍ୟେକ ଦିନରେ ପ୍ରତ୍ୟେକ ସମୟରେ ଆଗକୁ କିପରି ବଢ଼ିବ ଏବଂ ସଙ୍ଗଠନକୁ କିପରି ଭାବରେ ମଜବୁତ ଓ ସୁଦୃଢ଼ କରାଯିବ ସେହି ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା ।

## କନ୍ହେଇପୁର ଠାରେ ଖୋଲିଲା ଅର୍ଚ୍ଚନା ଫେସନ ଡ୍ରେସ୍ ସୋ' ରୁମ୍



**ଯାଜପୁର ରୋଡ଼, ୩୦।୯ (ସଂଚାର ବ୍ୟୁରୋ):** ଶାରଦୀୟ ଦୁର୍ଗାପୂଜା ଅବସରରେ ସପ୍ତମୀ ତିଥିରେ ଯାଜପୁର ରୋଡ କନ୍ହେଇପୁର ଠାରେ ଅର୍ଚ୍ଚନା ଫ୍ୟାସିୟନ ନାମରେ ଏକ ନୂତନ ଅତ୍ୟାଧୁନିକ ସୋ ରୁମ ଉଦଘାଟିତ ହୋଇଯାଇଅଛି। ଅତିଥି ଭାବେ ମାନ୍ୟବର ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଓ୍ ଓଡ଼ିଆ ଚଳଚିତ୍ର ନାୟିକା ଶୀତଲ ପ୍ରମୁଖ ଯୋଗ ଦେଇ ଅନୁଷ୍ଠାନିକ ଭାବେ ଏହି ମୋ ରୁମ୍'କୁ ଉଦଘାଟନ କରି ଷ୍ଟୋର ପରିଦର୍ଶନ କରିବା ସହିତ ଅନୁଷ୍ଠାନର ବ୍ୟବସାୟ ଲାଗି ଉତ୍ତରତ୍ତର କାମନା କରିଥିଲେ। ବ୍ୟାସନଗର ସହର ରେ ଲୋକ ସଂଖ୍ୟା ଦିନକୁ ଦିନ ବଢ଼ୁଥିବାରୁ ଲୋକଙ୍କ ଲାଇଫ ଷ୍ଟାଇଲ ମଧ ଦିନକୁ ଦିନ ପରିବର୍ତ୍ତନ ହେବାରେ ଲାଗିଛି। ଏହାକୁ ନଜରରେ ରଖି ବିଭିନ୍ନ ନାମିଦାମୀ କମ୍ପାନୀ ଓ୍ ବିଭିନ୍ନ ଡିଜାଇନର ଲେଡିସ, ଜେଣ୍ଟସ ଓ୍ କିଡ଼ସ ଆଇଟମ ଉପଲବ୍ଧ ରଖିବା ସହିତ ଗ୍ରାହକ ମାନଙ୍କ ପାଇଁ ପ୍ରତେକ ଜିନିଷ ଉପରେ ପାଖାପାଖି ୫୦%ପର୍ଯ୍ୟନ୍ତ ରିହାତି ମିଳୁଥିବା ଷ୍ଟୋର ସ୍ୱତାଧିକାରୀ ବିଜୟ କୁମାର ଦିବେଦୀ କହିଥିଲେ। ଏହି ଉଦଘାଟନୀ ଉତ୍ସବରେ ସହରର ଅନେକ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

### ଜୁନିଅର ଏସିଆନ୍ ପେଞ୍ଚକ୍ ସିଲାଟ୍ ଚାମ୍ପିଅନସିପ୍

# ପଦକ ଜିତିଲେ ସୁନ୍ଦରଗଡ଼ ଜିଲ୍ଲାର ଗାୟତ୍ରୀ ଓ ନୀତୀଶା



**ସୁନ୍ଦରଗଡ଼, ୩୦।୯ (ସଂଚାର ବ୍ୟୁରୋ):** ପେଞ୍ଚକ ସିଲାଟ୍ ଆସୋସିଏସନ ଅଫ ସୁନ୍ଦରଗଡ ସଂଘର ଦୁଇଜଣ ପ୍ରତିଭାଶାଳୀ କ୍ରୀଡାବିତ୍ ନିତିଶା ବାରିକ ଓ ଗାୟତ୍ରୀ ଦାସ, ଶେର-ଇ-କାଶ୍ମୀର ଇଣ୍ଡୋର ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ଶ୍ରୀନଗରରେ ୨୫ରୁ ୩୦ ସେପ୍ଟେମ୍ବର ପର୍ଯ୍ୟନ୍ତ ଆୟୋଜିତ ତୃତୀୟ ଜୁନିଅର ଏସିଆନ୍ ପେଞ୍ଚକ ସିଲାଟ୍ ଚମ୍ପିୟନସିପ୍‌ରେ ଦେଶକୁ ଗର୍ବିତ କରିଛନ୍ତି। ଏହି ଚମ୍ପିୟନସିପ୍‌ରେ ୧୨ଟି ଦେଶର ୩୫୦ରୁ ଅଧିକ ଖେଳାଳି ଭାଗ ନେଇଥିଲେ।

ସୁନ୍ଦରଗଡ଼ ଜିଲ୍ଲାର ନିତିଶା ବାରିକ ସୋଲୋ ଓ ରେଗୁ ବିଭାଗରେ ୨ଟି କାଂସ୍ୟ ପଦକ ହାସଲ କରିଥିବା ବେଳେ ଗାୟତ୍ରୀ ଦାସ ରେଗୁ ବିଭାଗରେ ଗୋଟିଏ କାଂସ୍ୟ ପଦକ ହାସଲ କରିଛନ୍ତି । ଭାରତୀୟ ପେଞ୍ଚକ ସିଲାଟ୍ ଆସୋସିଏସନର ସଭାପତି କିଶୋର ପ୍ରକାଶ ୟେୱାଲେ ଓ ସାଧାରଣ ସଚିବ ତାରିକ୍ ଆହମଦ୍ ଜାରଗର, ପେଞ୍ଚକ ସିଲାଟ୍ ଆସୋସିଏସନ ଅଫ ଓଡ଼ିଶାର ସାଧାରଣ ସମ୍ପାଦକ ଗୁରୁ ପ୍ରେମ ସିଂହ ଥାପା, ସଭାପତି ତାପସ କୁମାର ରାୟଚୌଧୁରୀ ଙ୍କର ସହଯୋଗ ଓ ମୂଲ୍ୟବାନ ପରାମର୍ଶ ପାଇଁ ଏହି ଦୁଇ ବିଜୟୀ କ୍ରୀଡାବିତ୍ ସେମାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

କୃତି ପ୍ରତିଯୋଗୀ ମାନଙ୍କୁ ପେଞ୍ଚକ ସିଲାଟ୍ ଆସୋସିଏସନ୍ ଅଫ ସୁନ୍ଦରଗଡ ସଂଗଠନର ସଭାପତି ହର୍ମନ୍ ଲାକ୍ରା, ଉପ ସଭାପତି ସୁଶାନ୍ତ କୁମାର ଷଡ଼ଙ୍ଗୀ, ଶ୍ରୀୟା କୋହଲି, ସଞ୍ଚିତା ଗୁପ୍ତା, ରାକେଶ କୁମାର ବେହେରା, ନିକ୍କି କୁମାରୀ, ସମ୍ପାଦକ ଶରତ କୁମାର ଦାସ, ସହ ସମ୍ପାଦକ ଜିତେନ୍ଦ୍ର କୁମାର, ସୁନ୍ଦରଗଡ଼ ଜିଲ୍ଲା ଆମେଚର ବକ୍ସିଂ ସଂଘ ଓ ଜନ ସେବା ସମିତି ଯୋଗୀମାଲ ଅନୁଷ୍ଠାନର ସମସ୍ତ ସଦସ୍ୟ ଖେଳାଳି ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ରାସ୍ତା ମରାମତି କଲେ ଗ୍ରାମବାସୀ



**କନ୍ଧମାଳ,୩୦।୯ (ସଂଚାର ବ୍ୟୁରୋ):** କନ୍ଧମାଳ ବ୍ଲକ ଫୁଲବାଣୀ ଗ୍ରାମପଞ୍ଚାୟତ ବିଶିପଡ଼ା ଅନ୍ତର୍ଗତ କୁମ୍ଭିରୀଗୁଡା ଗ୍ରାମ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡିଥିବାରୁ ଏହି ରାସ୍ତାରେ ଯିବାଆସିବା କରିବାକୁ ଲୋକେ ବହୁତ ହଇରାଣ ହେଉଛନ୍ତି। ତେଣୁ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ମୋରମ ମାଟିକୁ ଟ୍ରାକ୍ଟର ଯୋଗେ ଆଣି ଗ୍ରାମବାସୀମାନେ ଦୁରାକୁମୁରୀଗୁଡା ଛକ ଠାରୁ ତଳସାହି ପର୍ଯ୍ୟନ୍ତ ରାସ୍ତାରେ ପକାଇ ସାମୂହିକ ଶ୍ରମଦାନ କରି ମରାମତି କରୁଛନ୍ତି।





# ଦୁର୍ଗାପୂଜାରେ ଦୁଇ ଓଡ଼ିଆ ଫିଲ୍ମ
# ଚାରିଧାମ ବନାମ ଚ୍ୟାଲେଞ୍ଜ

ଦୁର୍ଗାପୂଜା ଅବସରରେ ପ୍ରତି ବର୍ଷ ଭଳି ଏ ବର୍ଷ ବି ଓଡ଼ିଆ ଛବି ମୁକ୍ତିଲାଭ କରିଛି ପ୍ରେକ୍ଷାଳୟରେ। କିନ୍ତୁ ଏଥର ସନେମା ସଂଖ୍ୟା ମାତ୍ର ଦୁଇରେ ସୀମିତ। ତାଛଡ଼ା ଏଥର ଭିନ୍ନ ସ୍ୱାଦ ନଥିବା ହେତୁ ଦର୍ଶକ ମହଲରେ ଓଡ଼ିଆ ସନେମାକୁ ନେଇ ସେଭଳି ଉତ୍ସାହ ନଥିବା ପରିଲକ୍ଷିତ ହୋଇଛି। ଏଥର ଦୁର୍ଗାପୂଜାକୁ ଆଖି ଆଗରେ ରଖି 'ଚାରିଧାମ'କୁ ରିଲିଜ୍ କରିଛନ୍ତି ନିର୍ମାତା ହିମାଦ୍ରି ତନୟ ଦାସ। ତାପସ ସରଘରିଆଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ଅନୁଭବ, ଅନୁରାଧା, ଅଶୋକ ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ସୁକାନ୍ତ ରଥ, ସୁଜିତ ପାଇକରାୟ, ଶକ୍ତି ବରାଳ, ମମତା ତ୍ରିପାଠୀ ଓ ଗୁଲୁଆ ପ୍ରମୁଖ ଅଭିନୟ କରିଛନ୍ତି।

ଉଭୟ ଚାରିଧାମ ଓ ଚ୍ୟାଲେଞ୍ଜ ଆକସନ୍ ଭିତ୍ତିକ ଛବି। ତେବେ ଉଭୟର କାହାଣୀରେ ପାରିବାରିକ ସଂପର୍କକୁ ବି ନିଖୁଣ ଭାବେ ଦର୍ଶାଯାଇଛି। ଦୁଇଟି ସିନେମାକୁ ଭଲସଂଖ୍ୟକ ହଲ୍ ବି ମିଳିଛି। ଉଭୟଙ୍କ ସାମ୍ନାରେ କୌଣସି ବଡ଼ ହିନ୍ଦୀ ସିନେମା ବି ନାହିଁ। ଦୁଇଟି ଯାକର ବଜେଟ୍ ବି ଭଲ। ତେବେ ଚ୍ୟାଲେଞ୍ଜ ନିର୍ମାଣ ହେବା ଦିନରୁ ଘୋଷିତ ହୋଇଥିଲା ଯେ ଏହା ଦଶହରାରେ ରିଲିଜ୍ ହେବ। କିନ୍ତୁ ଦୀର୍ଘଦିନ ଧରି ବନ୍ଦ ହୋଇ ପଡ଼ିଥିବା ଚାରିଧାମର ସୁଟିଂ ହଠାତ୍ ପୁଣି ଆରମ୍ଭ ହୋଇ କଂପ୍ଲିଟ୍ ହୋଇଥିଲା। ଅବଶେଷରେ ତାହା ଦୁର୍ଗାପୂଜା ଅବସରରେ ମୁକ୍ତିଲାଭ କରିଥିଲା। ଏବେ ଦେଖିବା କଥା କେଉଁ ସିନେମାକୁ ଦର୍ଶକ ଅଧିକ ପସନ୍ଦ କରୁଛନ୍ତି।

ଏଣେ ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ ବ୍ୟାନରରେ ଆଦିକନ୍ଦ ସାହୁ ବି ରିଲିଜ୍ କରିଛନ୍ତି ତାଙ୍କର ଦୁର୍ଗାପୂଜା ଭେଟି 'ଚ୍ୟାଲେଞ୍ଜ'। ନବାଗତ ଯୁବ ନିର୍ଦ୍ଦେଶକ ସାଇ କିରଣ ମଙ୍ଗରାଜଙ୍କ କାନ୍ଧରେ ନିର୍ଦ୍ଦେଶନା ଭାର ରହିଛି। ଏଥିରେ ଅର୍ଦ୍ଧେନ୍ଦୁ, ଏଲିନା, ବିଭାସ, ପୁନିତ ଇଶାର, ପୁପିନ୍ଦର, ଲିପି ମହାପାତ୍ର, ବବି ମିଶ୍ର, ହରିହର ମହାପାତ୍ର, ରତନ ମେହେର, ପୃଥ୍ୱୀରାଜ ନାୟକ, ଜୀବନ ପଣ୍ଡା, ସନ୍ତୁ ନିଜେ, ଶୈଳେନ୍ଦ୍ର, ଗେଡାନା ପ୍ରମୁଖ ନଜର ଆସିଛନ୍ତି। ମାନସ ପଢ଼ିଆରି ଏହାର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି। ଗୌରବ ଆନନ୍ଦ ଏହାର ସଙ୍ଗୀତକାର।

ଉଭୟ ଚାରିଧାମ ଓ ଚ୍ୟାଲେଞ୍ଜ ଆକସନ୍ ଭିତ୍ତିକ ଛବି। ତେବେ ଉଭୟର କାହାଣୀରେ ପାରିବାରିକ ସଂପର୍କକୁ ବି ନିଖୁଣ ଭାବେ ଦର୍ଶାଯାଇଛି। ଦୁଇଟି ସିନେମାକୁ ଭଲସଂଖ୍ୟକ ହଲ୍ ବି ମିଳିଛି। ଉଭୟଙ୍କ ସାମ୍ନାରେ କୌଣସି ବଡ଼ ହିନ୍ଦୀ ସିନେମା ବି ନାହିଁ। ଦୁଇଟି ଯାକର ବଜେଟ୍ ବି ଭଲ। ତେବେ ଚ୍ୟାଲେଞ୍ଜ ନିର୍ମାଣ ହେବା ଦିନରୁ ଘୋଷିତ ହୋଇଥିଲା ଯେ ଏହା ଦଶହରାରେ ରିଲିଜ୍ ହେବ। କିନ୍ତୁ ଦୀର୍ଘଦିନ ଧରି ବନ୍ଦ ହୋଇ ପଡ଼ିଥିବା ଚାରିଧାମର ସୁଟିଂ ହଠାତ୍ ପୁଣି ଆରମ୍ଭ ହୋଇ କଂପ୍ଲିଟ୍ ହୋଇଥିଲା। ଅବଶେଷରେ ତାହା ଦୁର୍ଗାପୂଜା ଅବସରରେ ମୁକ୍ତିଲାଭ କରିଥିଲା। ଏବେ ଦେଖିବା କଥା କେଉଁ ସିନେମାକୁ ଦର୍ଶକ ଅଧିକ ପସନ୍ଦ କରୁଛନ୍ତି।



# ପରଦାକୁ ଆସିବ 'ଦେବରା'ର ସିକ୍ୱେଲ

ତେଲୁଗୁ ସୁପରଷ୍ଟାର ଜୁନିଅର ଏନ୍‌ଟିଆର୍ ଏବେ ପୁଣି ଚର୍ଚ୍ଚାରେ। ରିଲିଜ୍‌ର ଠିକ୍ ବର୍ଷକ ପରେ ତାଙ୍କର ସୁପରହିଟ୍ ଫିଲ୍ମ 'ଦେବରା'ର ସିକ୍ୱେଲ ସଂପର୍କରେ ନିର୍ମାତାମାନେ ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି। ମୂଳ ଆକ୍ସନ୍ ଡ୍ରାମାରେ ଜୁନିଅର ଏନ୍‌ଟିଆର୍‌ଙ୍କୁ ଉଭୟ ପିତା, ପୁତ୍ର ଭୂମିକାରେ ଦେଖିବାକୁ ମିଳିଥିଲା। ଦର୍ଶକମାନେ ତାଙ୍କର ଅଭିନୟକୁ ବେଶ୍ ପ୍ରଶଂସା କରିଥିଲେ। ସେହିପରି ବଲିଉଡ୍ ଅଭିନେତ୍ରୀ ଜାହ୍ନବୀ କପୁର, ଅଭିନେତା ସୈଫ୍ ଅଲ୍ଲୀ ଖାନ୍, ପ୍ରକାଶ ରାଜ୍ ପ୍ରମୁଖ ସେଥିରେ ନଜର ଆସିଥିଲେ। ତାହା ତେଲୁଗୁ, ତାମିଲ, ମାଲାୟଲମ୍, କନ୍ନଡ ଓ ହିନ୍ଦୀ ଭାଷାରେ ଗତବର୍ଷ ସେପ୍ଟେମ୍ବର ୨୭ରେ ରିଲିଜ୍ ହୋଇଥିଲା। ତେବେ ରିଲିଜ୍‌ର ତୁରନ୍ତ ପରେ ଏହାର କାହାଣୀ ଅସଂପୂର୍ଣ୍ଣ ଥିବା କୁହାଯିବା ସହ ସିକ୍ୱେଲ ସଂପର୍କରେ ଚର୍ଚ୍ଚା ଆରମ୍ଭ ହୋଇଥିଲା। ସିକ୍ୱେଲରେ ଜୁନିଅର ଏନ୍‌ଟିଆର୍ ପୁଣି ଦ୍ୱୈତ ଭୂମିକାରେ ନଜର ଆସିବେ। କୋରାଟାଲା ଶିବା ମଧ୍ୟ ନିର୍ଦ୍ଦେଶନା ଦାୟିତ୍ୱରେ ରହିବେ। ତେବେ ଅନ୍ୟ କଳାକାରମାନଙ୍କ ସଂପର୍କରେ କିଛି ତଥ୍ୟ ସାମ୍ନାକୁ ଆସିନାହିଁ। ମୂଳ ଫିଲ୍ମର ପ୍ରମୁଖ କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିପାରେ ବୋଲି ଚର୍ଚ୍ଚା ଚାଲିଛି।



# ଅଭିଜିତ୍‌ଙ୍କ ସ୍ଥାନ ନେବେ ମଳୟ

ଅଭିନେତା-ପ୍ରଯୋଜକ-ନିର୍ଦ୍ଦେଶକ ମନୁ ଦ୍ୱିବେଦୀଙ୍କ ନୂଆ ସିନେମା 'ମିଡ୍‌ନାଇଟ୍' ଏବେ ମୁକ୍ତି ପ୍ରତୀକ୍ଷାରେ ରହିଛି। ଏଣେ ସେ ଆଉ ଏକ ଓଡ଼ିଆ ଛବି କାମ ହାତକୁ ନେଇଛନ୍ତି। ଏହାର ଶୀର୍ଷକ ହେଲା 'ବାଉଁଶରାଣୀ'। ଏହାର କଥାବସ୍ତୁ ଜଣେ ସିନେନିର୍ଦ୍ଦେଶକ ଓ ନାୟକଙ୍କ ସଂପର୍କ ଉପରେ ଆଧାରିତ। ଯେଉଁ ନିର୍ଦ୍ଦେଶକ ଦିନେ ନାୟକଙ୍କୁ ଷ୍ଟାର୍ ବନାଇ ଥିଲେ, ସେ ଘଟଣାଚକ୍ରରେ ମାନସିକ ବିକାରଗ୍ରସ୍ତ ପାଲଟିଯାଆନ୍ତି। କାହିଁକି ତାଙ୍କର ଏଭଳି ଦୁରବସ୍ଥା ଏବଂ ସେଥିରୁ ନାୟକ କିପରି ତାଙ୍କୁ ସୁସ୍ଥକରାଇ ପୁଣି ନିର୍ଦ୍ଦେଶନା କ୍ଷେତ୍ରରେ ସକ୍ରିୟ କରିବାରେ ସଫଳ ହେବେ, ତାହା ଦେଖିବାକୁ ମିଳିବ 'ବାଉଁଶରାଣୀ'ରେ। ମନୁ ଦ୍ୱିବେଦୀ ଏହାର କାହାଣୀକାର, ଚିତ୍ରନାଟ୍ୟକାର, ନିର୍ଦ୍ଦେଶକ ତଥା ପ୍ରଯୋଜକ। ଡକ୍ଟର ରଜନୀରଂଜନ ଏହି ସିନେମାର ସଂଳାପ ରଚନା କରିଛନ୍ତି। ତେବେ ଏହି ସିନେମାରେ ସଂଗୀତ ନିର୍ଦ୍ଦେଶନା ଦେବାଲାଗି ମନୁ ଆଗଧାଡ଼ିର ସଂଗୀତକାର ଅଭିଜିତ୍ ମଜୁମ୍‌ଦାର୍‌ଙ୍କ ସହ କଥା ହୋଇଥିଲେ। ମନୁଙ୍କ କହିବା ଅନୁଯାୟୀ, ଯେଉଁଦିନ ସେ କଥା ହୋଇଥିଲେ, ସେହିଦିନ ହିଁ ଅଭିଜିତ୍ ଅସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ନଚେତ ଏତେବେଳକୁ ବୋଧହୁଏ 'ବାଉଁଶରାଣୀ'ର ମ୍ୟୁଜିକ୍ କାମ ଶେଷ ହୋଇଥାନ୍ତା। ଯଦିଓ ସେ ଅଭିଜିତ୍‌ଙ୍କ ସହ କେବେ କାମ କରିନାହାନ୍ତି, ହେଲେ ସବୁବେଳେ 'ଦାଦା' ବୋଲି ସମ୍ବୋଧନ କରି କଥା ହୁଅନ୍ତି। ଏବେ ଅଭିଜିତ୍‌ଙ୍କ ସ୍ଥାନରେ ମଳୟ ମିଶ୍ରଙ୍କୁ ନେବାର ଯୋଜନା ରଖିଥିବା କହିଛନ୍ତି ମନୁ ଦ୍ୱିବେଦୀ।



# ପ୍ରେମରେ ତୃପ୍ତି



ପ୍ରେମରେ ପଡ଼ିଛନ୍ତି ବଲିଉଡ ଅଭିନେତ୍ରୀ ତୃପ୍ତି ଡିମ୍‌ରୀ। ବ୍ୟବସାୟୀ ତଥା ମଡେଲ ଶ୍ୟାମ ମର୍ଚ୍ଚାଣ୍ଟଙ୍କୁ ସେ ଡେଟ୍ କରୁଥିବା ନେଇ ଚର୍ଚ୍ଚା ହେଉଥିବା ବେଳେ ଦୁହେଁ କିନ୍ତୁ ଏନେଇ ମୁହଁ ଖୋଲୁ ନାହାନ୍ତି। ସୋସିଆଲ ମିଡିଆରେ କେବଳ କିଛି ଫଟୋ ସମ୍ପର୍କ ଉପରେ ମୋହର ଲଗାଉଛି। ମର୍ଚ୍ଚାଣ୍ଟ ପ୍ରଥମେ ମଡେଲିଂ ଜଗତରେ ନାଁ କମାଇବା ପରେ ବ୍ୟବସାୟରେ ପାଦ ଥାପିଥିଲେ। ତୃପ୍ତି ବଲିଉଡରେ ବହୁ ବର୍ଷ ଧରି କାମ କରୁଛନ୍ତି। ସେ ଆନିମଲ ଫିଲ୍ମରେ ରଣବୀର କପୁରଙ୍କ ସହ ଅଭିନୟ କରି ରାତାରାତି ପାଲଟି ଯାଇଥିଲେ ଷ୍ଟାର। ନିକଟରେ ଫିଲ୍ମ 'ଧଡ଼କ ୨'ରେ ସେ ନଜର ଆସିଥିଲେ। ଏହି ଫିଲ୍ମରେ ତାଙ୍କର ଅଭିନୟ ଖୁବ ପ୍ରଶଂସା ପାଇଥିଲା। ତୃପ୍ତି ତାଙ୍କ ବୋଲ୍ଡ ଅନ୍ଦାଜ ପାଇଁ ଜଣାଶୁଣା। ସୋସିଆଲ ମିଡ଼ିଆରେ ତୃପ୍ତି ନିୟମିତ ଫଟୋ ଓ ଭିଡ଼ିଓ ଶେୟାର କରନ୍ତି, ଯାହା ଇଣ୍ଟରନେଟରେ ଭାଇରାଲ ହୋଇଥାଏ। ତେବେ ଏବେ ତାଙ୍କ ଏକାନ୍ତ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚା ହେଉଥିବା ବେଳେ ଆଗାମୀ ଦିନରେ ତାହା ସ୍ପଷ୍ଟ ହେବ ବୋଲି ପ୍ରଶଂସକ ଅନୁମାନ କରୁଛନ୍ତି।

# ଓଲିଉଡ୍‌ରେ ରୋହିତ ରାୟ

ଓଲିଉଡ୍‌ରେ ବଲିଉଡ୍ କଳାକାରଙ୍କ ଅଭିନୟ ଆଉ ନୂଆ କଥା ହୋଇନାହିଁ। ଅତୀତରେ ମିଥୁନ୍ ଚକ୍ରବର୍ତ୍ତୀ, ଚନ୍ଦ୍ରଚୂଡ଼ ସିଂହ, ପେଣ୍ଟଲ୍, ସୁଜିତ କୁମାର, ରଣଜିତ୍, ରାହୁଲ ଦେବ, ଚରଣ ରାଜ୍, ଆଶିଷ ବିଦ୍ୟାର୍ଥୀ, ସଦାଶିବ ଅମର୍‌ପୁରକର୍, ଶକ୍ତି କପୁର୍, ମୁକେଶ ରିଷି, ପ୍ରଦୀପ ରାୱତ୍ ଓ ପୁନିତ୍ ଇଶାର୍‌ଙ୍କ ସମେତ ବେଶ୍ କେତେକ ବଲିଉଡ୍ ଅଭିନେତା ଓଡ଼ିଆ ଛବିରେ ଅଭିନୟ କରିଛନ୍ତି। ଏବେ ଏହି ତାଲିକାରେ ଆଉ ଏକ ନାମ ଯୋଡ଼ିହୋଇଛି। ସେ ହେଲେ ରୋହିତ ରାୟ। ରୋହିତ ଷ୍ଟାର୍‌ପ୍ଲସ୍‌ରେ 'ଦେଶ୍ ମେଁ ନିକ୍‌ଲା ହୋଗା ଚାନ୍ଦ୍' ଏବଂ ଡିଡି ନ୍ୟାସ୍‌ନାଲ୍‌ରେ 'ସ୍ୱାଭିମାନ୍' ଭଳି ହିନ୍ଦୀ ଟେଲିଭିଜନ୍ ଧାରାବାହିକରେ ଅଭିନୟ କରି ଚର୍ଚ୍ଚାକୁ ଆସିଥିଲେ। ଏତଦ୍‌ବ୍ୟତୀତ, ସେ 'କାବିଲ୍', 'ଏକ୍ ଖିଲାଡୀ ଏକ୍ ହସିନା', 'ଆପାର୍ଟମେଣ୍ଟ୍', 'ଏଲ୍‌ଓସି କାର୍‌ଗିଲ୍', 'ସୁଟ୍‌ଆଉଟ୍ ଆଟ୍ ଲୋଖଣ୍ଡୱାଲା', 'ଦଶ୍ କହାନିୟାଁ', 'ଫ୍ୟାସନ୍', 'କାଣ୍ଟେ' ଓ 'ପ୍ଲାନ୍' ସମେତ କେତେକ ଲୋକପ୍ରିୟ ହିନ୍ଦୀ ଚଳଚ୍ଚିତ୍ରରେ ମଧ୍ୟ ଅଭିନୟ କରିଛନ୍ତି। ପ୍ରଥମଥର ପାଇଁ ରୋହିତ ରାୟ ଯେଉଁ ଓଡ଼ିଆ ଛବି ଜରିଆରେ ଓଲିଉଡ୍‌ରେ ପଦାର୍ପଣ କରୁଛନ୍ତି, ତାହା ହେଲା ଆଗଧାଡ଼ିର ପ୍ରଯୋଜକ କୁମାର ପ୍ରୀତମ୍ ସାହୁଙ୍କ 'ରାମରାଜ୍ୟ'। ଏହାକୁ ଓଡ଼ିଶାର ପ୍ରଥମ ପ୍ୟାନ୍ ଇଣ୍ଡିଆ ସିନେମା କୁହାଯାଉଛି। ତେବେ ଏଥିରେ ରୋହିତଙ୍କୁ ପଜିଟିଭ୍ ରୋଲ୍‌ରେ ଦେଖିବାକୁ ପାଇବେ ଦର୍ଶକ। ତାଙ୍କ ଚରିତ୍ରକୁ ପ୍ରଯୋଜନା ସଂସ୍ଥା ପକ୍ଷରୁ ଗୋପନୀୟ ରଖାଯାଇଛି। ଏହି ସିନେମାରେ ତାଙ୍କୁ ଦର୍ଶକ କେତେ ପସନ୍ଦ କରୁଛନ୍ତି, ତାହା ରିଲିଜ୍ ପରେ ଜଣାଯିବ।





# ବକ୍ସ ଅଫିସରେ ହୀର ଏକ୍ସପ୍ରେସର ସଫଳତା

ଦିଭିତା ଜୁନେଜାଙ୍କ ନୂଆ ସିନେମା ହୀର ଏକ୍ସପ୍ରେସ ବକ୍ସ ଅଫିସରେ ସଫଳତା ସହ ଆଗେଇ ଚାଲିଛି। ଦ୍ୱିତୀୟ ସପ୍ତାହରେ ଏହି ସିନେମାଟିର କଲେକ୍ସନ ୯.୪୨ କୋଟି ଟଙ୍କା ଛୁଇଁଛି। ସାରା ଦେଶରେ ଥିବା ସିନେମା ହଲ୍‌ଗୁଡିକରେ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଟିକଟ ବିକ୍ରି ହେଉଛି। ଯାହା ସିନେମାଟିର ଲୋକପ୍ରିୟତାକୁ ଦର୍ଶାଉଥିବା କହିଛନ୍ତି ନିର୍ମାତା। ପ୍ରତି ବର୍ଗର ଦର୍ଶକଙ୍କ ଦ୍ୱାରା ସିନେମାଟି ଆଦୃତି ଲାଭ କରୁଛି। ନିକଟରେ ଦିଭିତା ଜୁନେଜା ଏକ ସିନେମା ହଲ୍‌କୁ ଅଚାନକ ଗସ୍ତ କରିବା ସହ ଦର୍ଶକଙ୍କ ସହ ଆଲୋଚନା କରିଥିଲେ। ଏହି ସିନେମାରେ ଦିଭିତାଙ୍କ ଅଭିନୟକୁ ସିନେ ସମାଲୋଚକ ବେଶ୍ ପ୍ରଶଂସା ମଧ୍ୟ କରିଛନ୍ତି।



# ପବିତ୍ର ଦୁର୍ଗାଷ୍ଟମୀରେ ବୈଶିଙ୍ଗା ଅଞ୍ଚଳ ଉତ୍ସବ ମୁଖର

**ବୈଶିଙ୍ଗା,୩୦।୯(ସଂଚାର ବ୍ୟୁରୋ):** ପାର୍ବଣ ପୂର୍ବରୁ ଲଘୁଚାପ ଜନିତ ବର୍ଷା ସମସ୍ତଙ୍କ ମନ ଫିକା ପକାଇ ଦେଇଥିଲା । ମାତ୍ର ଷଷ୍ଠୀ ଠାରୁ ବର୍ଷା ଛାଡି ଯିବା ଯୋଗୁଁ ଏକ ଆନନ୍ଦର ଉତ୍ସବର ମାହୋଲ ସୃଷ୍ଟି ହୋଇଥିବାର ଦେଖା ଦେଇଛି ।ବୈଶିଙ୍ଗା ଶିବାଜୀ ଯୁବକ ସଂଘ ଆନୁକୂଲ୍ୟରେ ଅଞ୍ଚଳିକ ଦୁର୍ଗା ପୂଜାରେ ଆଜି ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଭିଡ ହୋଇଥିବାର ଦେଖାଯାଇଥିଲା। ପୂଜା କମିଟିର ସଭାପତି ଶୁଭାନ୍ତ ତିଆଡି, ସମ୍ପାଦକ ବିମଳେନ୍ଦୁ ମହାପାତ୍ର,ସବ୍ୟସାଚୀ ପଣ୍ଡା, ବନମାଳି ବିନ୍ଧାଣୀ,କ୍ଷେମାଶିଷ ବେହେରା, ସତ୍ୟନାରାୟଣ ବିନ୍ଧାଣୀଙ୍କ ସହିତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ସେହିପରି ବଡଖିରୀପଦା ଠାରେ ୨୨ତମ ସର୍ବଜନୀନ ଦୁର୍ଗାପୂଜା ଅନୁଷ୍ଠିତ ହୋଇଯାଇଛି । ପୂଜା କମିଟିର ସଭାପତି ହିମାଂଶୁ ବିନ୍ଧାଣୀ, ସମ୍ପାଦକ ଯୋଗେଶ୍ୱର ପଣ୍ଡା, କୋଷାଧ୍ୟକ୍ଷ ଅଜୟ କୁମାର ସାହୁ ଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ସେହିପରି ଦାରିହା ସ୍ଥିତ ସାର୍ବଜନୀନ ଦୁର୍ଗାପୂଜା ଖୁବ୍ ଜାକ ଜମକରେ ପାଳିତ ହୋଇ ଥିବାର ଦେଖାଯାଇଥିଲା। ମୁଖ୍ୟତ ରଘୁନାଥ ଜେନା, ଦିବାକର ମହାପାତ୍ର , ଉପେନ୍ଦ୍ର ଜେନା , ପାଟଳିପୁରା ସରପଞ୍ଚ, ସମିତି ସଭ୍ୟା ସମେତ ଅଞ୍ଚଳବାସୀ ସହଯୋଗ କରିଥିଲେ ।

# ଜୟଶ୍ରୀଙ୍କୁ ମିଳିଲା ଧୈର୍ଯ୍ୟର ଫଳ



**ବାରିପଦା,୩୦।୯(ସଂଚାର ବ୍ୟୁରୋ):** ମୟୁରଭଞ୍ଜ ଜିଲା ର ବଡ଼ସାହି ବ୍ଲକ କଇଁଶାଳି ଗ୍ରାମର ବିଶ୍ୱଜିତ ଦଳେଇ ଓ କଳ୍ପଲତା ଦଳେଇଙ୍କ କନ୍ୟା ତଥା ଗଜପତି ଜିଲ୍ଲାର ଲୁଗାଗୁଡ଼ି ଗ୍ରାମର ସ୍ୱର୍ଗତଃ ଭିକାରୀ ଚରଣ ପାତ୍ର ଓ ସ୍ୱର୍ଗତାଃ କୃଷ୍ଣା ପାତ୍ରଙ୍କ ପୁତ୍ରବଧୂ ଜୟଶ୍ରୀ ଦଳେଇ ଓଡିଶା ପ୍ରଶାସନିକ ସେବା ପରୀକ୍ଷା -୨୦୨୩ରେ ୨୩୧ ରାଙ୍କ ହାସଲ କରି କୃତକାର୍ଯ୍ୟ ହୋଇଛନ୍ତି।

ଛାତ୍ର ଜୀବନରେ ସେ ଜଣେ ଅଧ୍ୟବସାୟୀ ମେଧାବୀ ଛାତ୍ରୀ ଭାବେ ପରିଚିତା ଥିଲେ। ସେ ୨୦୦୭ ମସିହାରେ ବଡ଼ସାହି ଉଚ୍ଚ ବିଦ୍ୟାଳୟରୁ ମ୍ୟାଟ୍ରିକ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ପରେ ୨୦୦୯ରେ ବଡ଼ସାହି ପିଏସ କଲେଜରୁ ଯୁକ୍ତ ଦୁଇ ବିଜ୍ଞାନରେ ପ୍ରଥମ ଶ୍ରେଣୀରେ, ୨୦୧୨ରେ ଏମ ପି ସି ସ୍ୱୟଂ ଶାସିତ ମହାବିଦ୍ୟାଳୟରୁ ଯୁକ୍ତ ତିନି ରେ ରସାୟନ ବିଜ୍ଞାନ ସମ୍ମାନ ସହ ପ୍ରଥମ ଶ୍ରେଣୀରେ ଏବଂ ୨୦୧୪ ରେ ମହାରାଜ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ରୁ ରସାୟନ ବିଜ୍ଞାନରେ ଟପ୍ପର ହୋଇ ଉତ୍ତୀର୍ଣ୍ଣ ହୋଇଥିଲେ। ପିଲାଦିନେ ତା'ଙ୍କ ଜେଜେବାପା, ବଡ଼ସାହିରେ ଡାକ୍ତର ଭାବେ କାର୍ଯ୍ୟରତ ଥିବା ସ୍ୱର୍ଗତଃ ବୃନ୍ଦାବନ ଚନ୍ଦ୍ର ଦଳେଇଙ୍କ ଲୋକଙ୍କ ସେବା କରିବା ମନଭାବ ତାଙ୍କୁ ଅନେକ ମାତ୍ରାରେ ଅନୁପ୍ରାଣିତ କରିଥିଲା। ସେଥିପାଇଁ ପାଠ ପଢ଼ା ପରେ ସେ ଓଡିଶା ସିଭିଲ ସର୍ଭିସରେ ଯୋଗ ଦେବା ପାଇଁ ମନ ବଳାଇ ଥିଲେ। ବିବାହ ପରେ ତା'ଙ୍କ ଶ୍ୱଶୁରାଳୟର ଲୋକଙ୍କ ଦ୍ୱାରା ଉତ୍ସାହିତ ହୋଇ ପରୀକ୍ଷା ଦେଇଥିଲେ। ଏହି ପରୀକ୍ଷାରେ ସେ ଦୁଇ ଦୁଇ ଥର ବିଫଳ ହେଲେବି ହାର ମାନି ନଥିଲେ, ପରିବାର ବର୍ଗଙ୍କ ପ୍ରେରଣା ଓ ଉତ୍ସାହରେ ଇଶ୍ୱରଙ୍କ ପ୍ରତି ବିଶ୍ୱାସ ରଖି ଜଣେ ସୁଗୃହିଣୀ ଭାବେ ନିଜ ଦାୟିତ୍ୱ ତୁଲାଇବା ସହ ତା'ଙ୍କର ପ୍ରଚେଷ୍ଟା ଜାରି ରଖିଥିଲେ ଏବଂ ନିଜର କଠିନ ପରିଶ୍ରମ ବଳରେ ତୃତୀୟ ଥରରେ ତା'ଙ୍କ ଲକ୍ଷ୍ୟ ହାସଲରେ ସଫଳ ହୋଇପାରିଛନ୍ତି। ସେ ତା'ଙ୍କର ଏହି ସଫଳତା ପାଇଁ ଇଶ୍ୱରଙ୍କ ଆଶୀର୍ବାଦ, ପରିବାରବର୍ଗ, ଶିକ୍ଷକ ଶିକ୍ଷୟିତ୍ରୀ, ଅଧ୍ୟାପକ ଅଧ୍ୟାପିକାଙ୍କୁ ଶ୍ରେୟ ଦେଇଛନ୍ତି। ପ୍ରକାଶ ଥାଉକି ତା'ଙ୍କ ସ୍ୱାମୀ ଶ୍ରୀ ଅତନୁ କୁମାର ପାତ୍ର ମଧ୍ୟ ୨୦୧୯ ବ୍ୟାଚର ଜଣେ ଓଡିଶା ପ୍ରଶାସନିକ ସେବା ଅଧିକାରୀ ଯିଏକି ବର୍ତ୍ତମାନ ଖୋର୍ଦ୍ଧା ଜିଲ୍ଲା ସବ ରେଜିଷ୍ଟ୍ରାର ଭାବେ କାର୍ଯ୍ୟରତ।

## ବ୍ୟାପକ ଦେଶୀ ମଦ ଜବତ

**ବାଙ୍କୀ,୩୦।୯(ସଂଚାର ବ୍ୟୁରୋ):** ବଣବୁଦା ଭିତରେ ଚାଲିଥିଲା ଦେଶୀ ମଦ ରନ୍ଧା। ଖବର ପାଇ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରି ୭୦୦ ଲିଟର ଦେଶୀ ମଦ ଜବତ କରିଛି। ଏଥିସହ ୪୩୪୦ ଲିଟର ମଦ ପୋଚ ମଧ୍ୟ ନଷ୍ଟ କରାଯାଇଛି। ଘଟଣା ଦେଖିବାକୁ ମିଳିଛି କଟକ ଜିଲ୍ଲା ବାଙ୍କୀ ଥାନା ଅନ୍ତର୍ଗତ ଢେଙ୍ଗୁଆ ଗ୍ରାମରେ। କଟକ ଜିଲ୍ଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶ କ୍ରମେ ଥାନା ଆଠଗଡ ଅବକାରୀ ଉପଅଧୀକ୍ଷକ ସିଏଚ ଶତପଥୀଙ୍କ ତତ୍ତ୍ୱାବଧାନରେ ବାଙ୍କୀ ଅବକାରୀ ଥାନା ପକ୍ଷରୁ ଚଢ଼ାଉ କରାଯାଇଥିଲା।



ଜଗତସିଂହପୁର ଜିଲ୍ଲାର ବାଲିକୁଦା ବ୍ଲକରେ ବିଭିନ୍ନ ସ୍ଥାନରେ ଦଶହରା ପୂଜା ଖୁବ ଧୁମ ଧାମରେ ଆରମ୍ଭ ହୋଇଅଛି। ବାଲିକୁଦାର ମୁଖ୍ୟ ବଜାର କମିଟି, କାଠଗୋଲା ଛକ, ହାଟଗଡା, ବ୍ଲକ ଛକ,ବୋରିକିନା, ମାଛଗାଁ, ଗରାମ, ଖମ୍ବାକୁଳ, କଣ୍ଟୁଣିଆ ପ୍ରମୁଖ ପୂଜା କମିଟି ତରଫରୁ ମା ଦୁର୍ଗା ଏବଂ ହର ପାର୍ବତୀ ଙ୍କ ମୃଣ୍ମୟ ମୂର୍ତ୍ତି ମାନ ସୁନ୍ଦର ମନଲୋଭା ମେଢ଼ ମାନଙ୍କରେ ସ୍ଥାପନ କରାଯାଇ ପୂଜା ମଣ୍ଡପରେ ଷୋଡଶ ମନ୍ତ୍ର ପାଠରେ ପୂଜା ଅର୍ଚ୍ଚନା କରାଯାଉଛି।



## ମା' ଶାଉନ୍ତେଇଶ୍ୱରୀ ବଏଲ୍ ଯାତ୍ରା

**ବଲାଙ୍ଗୀର, ,୩୦।୯ (ସଂଚାର ବ୍ୟୁରୋ):** ବଲାଙ୍ଗୀର ସହର ନିକଟ ସାଉଁନ୍ତପୁର ମା ଶାଉନ୍ତେଇଶ୍ୱରି ମନ୍ଦିର ରେ ବଏଲ୍ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରୁଆ ଦିହ ରେ ମା ଆବିର୍ଭାବ ହୋଇଥିଲେ ମା ଶିବ ମନ୍ଦିରରେ ଯାଇ ଶିବଙ୍କୁ ବରଣ କରିଥିଲେ ତାପରେ ଭକ୍ତ ମାନକ ଦୁଃଖ ଶୁଣି ମା ଭୈରବୀ ମନ୍ଦୀର କୁ ଯାଇଥିଲେ। ତାପରେ ମା ଗାଁରେ ହେଉଥିବା ଦୁର୍ଗା ପୂଜା କୁ ଆସିଥିଲେ ବହୁ ସଂଖ୍ୟାରେ କୁସମୁଣ୍ଡା ବଳି ଦିଅ ଯାଇଥିଲା ତାପରେ ମା ନିଜ ଖଳା କୁ ଚାଲି ଯାଇଥିଲେ ସେଠାରେ ମାଙ୍କ ବାଲି ପ୍ରଥା ୬ ଟା ୫୦ ରେ ଆରମ୍ଭ ହୋଇଥିଲା ଓ ୭ ଟା ୪୦ ଶେଷ ହୋଇଥିଲା ତାପରେ ମା ନିଜ ମନ୍ଦିର କୁ ଚାଲଯାଇଥିଲେ ମାନଙ୍କୁ ଦର୍ଶନ କରିବାକୁ ହଜାର ହଜାର ସଂଖ୍ୟାରେ ଭକ୍ତ ମାନଙ୍କ ଭିଡ଼ ଲାଗିଥିଲା।

## ମା'ଙ୍କ ପୀଠରେ ମହାଷ୍ଟମୀ ପୂଜା



ନାଉଗାଁ, ୩୦।୯: ପବିତ୍ର ଶାରଦୀୟ ଦୁର୍ଗାପୂଜା ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକରେ ଅନୁଷ୍ଠିତ ହୋଇଯାଇଛି।ଏହି ଅବସରରେ ବ୍ଲକର ବିଭିନ୍ନ ସ୍ଥାନରେ ମା'ଦୁର୍ଗାଙ୍କର ମୃଣ୍ମୟୀ ପ୍ରତିମା ନିର୍ମାଣ କରାଯାଇ ଯଥାରୀତି ପୂର୍ବକ ପୂଜାର୍ଚ୍ଚନା କରାଯାଉଛି। ମା'ଙ୍କର ଷଷ୍ଠୀ, ସପ୍ତମୀ ପୂଜା ପରେ ମଙ୍ଗଳବାର ମହାଷ୍ଟମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ବ୍ଲକର ଗଙ୍ଗଦାହାଟ, ନାଉଗାଁ ବଜାର, କଣ୍ଟୁଣିଆହାଟ, ମୁଣ୍ଡାଲୋ, ନନ୍ଦିଗ୍ରାମଠାରେ ମା'ଙ୍କ ମୂର୍ତ୍ତି ପୂଜା ପାଉଥିବା ବେଳେ ବ୍ଲକଛକ ଠାରେ ଶିବ, ପାର୍ବତୀ ମୂର୍ତ୍ତି ପୂଜା ପାଉଛନ୍ତି। ଏହି ପୂଜା ବେଶ ଧୁମଧାମରେ ପାଳିତ ହେଉଛି। ଦେବୀ ମଣ୍ଡପ ଗୁଡିକ ବିଭିନ୍ନ ରଙ୍ଗ ବେରଙ୍ଗର ଆଲୋକମାଳାରେ ସୁସଜ୍ଜିତ କରାଯାଇଥିବା ବେଳେ ଆକର୍ଷଣୀୟ ତୋରଣମାନ ନିର୍ମାଣ କରାଯାଇଛି। ମା'ଙ୍କର ଏହି ପୂଜା ଦେଖିବା ପାଇଁ ଦେବୀପୀଠ ନିକଟରେ ଶ୍ରଦ୍ଧାଳୁଙ୍କର ଭିଡ ଜମିବାରେ ଲାଗିଛି। ପୂଜା ମଣ୍ଡପ ଗୁଡିକୁ ବିଭିନ୍ନ ପୂଜା କମିଟିର ସଦସ୍ୟ ମାନେ ପରିଚାଳନା କରୁଛନ୍ତି।

## ଭୈରବ ଦେବଙ୍କ ଦଶହରା ପର୍ବ ପାଳିତ



**ଲାଞ୍ଜିଗଡ,୩୦।୯(ସଂଚାର ବ୍ୟୋରୋ):** ଲାଞ୍ଜିଗଡ଼ ବ୍ଲକ ବେଢ଼ାଗାଁ ପଞ୍ଚାୟତ ଅଧିନସ୍ତ ସିନ୍ଧିବାହାଲି ଏବଂ କୁମଖାଳ ପଞ୍ଚାୟତ ସ୍ଥିତ ପୁନିଗୁଡ଼ା ଗ୍ରାମରେ ଆରାଧ୍ୟ ଦେବତା ଭୈରବ ଦେବଙ୍କ ବାର୍ଷିକ ଦଶହରା ପୂଜା ମହାଆଡମ୍ବରେ ପାଳିତ ହୋଇଯାଇଛି। ବହୁ ଆବାହନ କାଳରୁ ଉକ୍ତ ବାର୍ଷିକ ଦଶହରା ପର୍ବ ପାଳିତ ହେଉଥିବାବେଳେ ଭୈରବ ଦେବଙ୍କ ରୀତିନୀତି ଅନୁସାରେ ଗ୍ରାମର ଗୌନ୍ତିଆ ମାନଙ୍କ ସମେତ ଅନ୍ୟ ସେବାୟତ ମାନେ ସାତ ଦିନ ପର୍ଯ୍ୟନ୍ତ ଉପବାସରେ ରହି ନିକଟସ୍ଥ ଜଙ୍ଗଲକୁ ଯାଇ ସେବାୟତ ମାନେ ବେଳ କଣ୍ଟାକୁ ଝାମେରା କଣ୍ଟାର ଦୋଳି ପ୍ରସ୍ତୁତ କରିଥାନ୍ତି। ସେହିବେଳେ କଣ୍ଟାରେ ନିର୍ମିତ କଣ୍ଟାଦୋଳି ଉପରେ ଦେବି ବସି ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି। ପୂଜକଙ୍କ ଦେହରେ ଭୈରବ ଦେବି ଅଭିର୍ଭାବ ହୋଇ କଣ୍ଟାଦୋଳିରେ ବସିଲା ବେଳେ ଦେବୀଙ୍କ ଉପରେ ଅନେକ ଆଶା ବିଶ୍ୱାସ ରଖି ଶ୍ରଦ୍ଧାଳୁ ଭକ୍ତମାନେ ଦେବୀଙ୍କ ଚରଣରେ ପ୍ରାର୍ଥନା କରି ତାଙ୍କ ନିଜ ନିଜ ଦୁଃଖ ଜଣାଇବା ସହ ମନବାଞ୍ଛା ପୁରଣ କରିବାକୁ ନିବେଦନ କରିଥିଲେ। ଶେଷରେ ମାନସିକ କରିଥିବା ଲୋକଙ୍କ ଦ୍ୱାରା ପାରା, କୁକୁଡ଼ା ଓ ଛେଳି ଭଳି ଅନେକ ପଶୁ ପକ୍ଷୀବଳି ଦିଆଯାଇଥିଲା। ପୁନିଗୁଡ଼ା ଠାରେ ଲୋକଙ୍କ ମନୋରଞ୍ଜନ ପାଇଁ 'ହସିଲା ସଂସାର ଭାଙ୍ଗିଲା କିଏ ବା ଭାସିଲା ପଥର ବୁଡ଼ିଲା ସୋଲ ନାମକ ଏକ ନାଟକର ଆୟୋଜନ କରାଯାଇଥିବାବେଳେ ନାଟକଟିକୁ ପୂର୍ବତନ ମନ୍ତ୍ରି ଡ. ବଳଭଦ୍ର ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୁଭ ଉଦଘାଟନ କରିଥିଲେ।

# ଅନନ୍ୟା ସାହିତ୍ୟ ସଂସଦ ପକ୍ଷରୁ ତ୍ରିଦିବସୀୟ ବକ୍ତୃତାମାଳା ଓ ବିରଜା ମହାନବମୀ ପାଳନ

**ଯାଜପୁର : ୩୦।୯ (ସଂଚାର ବ୍ୟୁରୋ):** ଯାଜପୁରର ଅନନ୍ୟା ସାହିତ୍ୟ ସଂସଦ ପକ୍ଷରୁ ତ୍ରିଦିବସୀୟ ବକ୍ତୃତା ମାଳା ଓ ବିରଜା ମହାନବମୀ ପାଳନ ଅବସରରେ ବିରଜା ରଥଦାଣ୍ଡରେ ଅନୁଷ୍ଠିତ ମହୋତ୍ସବ ସଭାପତି ସନ୍ତୋଷ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୀତିକଣ୍ଠ କାନୁନ୍‌ଗୋ ମୁଖ୍ୟ ଅତିଥିଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ମା'ବିରଜାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଆଜିର ସାନ୍ଧ୍ୟ ଅଧିବେଶନ ଉଦ୍‌ଘାଟନ କରିଥିଲେ। ସଂଗଠନ ସମ୍ପାଦକ ହୃଷିକେଶ ପତି ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ ସ୍ତୋତ୍ରପାଠ କରିଥିଲେ। ଅଧ୍ୟାପକ ଗିରିଶ ବିହାରୀ ମିଶ୍ର ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ସାଧାରଣ ସମ୍ପାଦକ ଡଃ କାହ୍ନୁ ଚରଣ ମିଶ୍ର ଦୀର୍ଘ ୩୪ ବର୍ଷଧରି ମା'ବିରଜାଙ୍କ ସମ୍ମୁଖରେ ଅନନ୍ୟା ସାହିତ୍ୟ ସଂସଦ ଏହି କାର୍ଯ୍ୟକ୍ରମ କରିଆସୁଥିବାର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ଯାଜପୁର ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ କାନୁନ୍‌ଗୋ ଯୋଗଦେଇ ମା'ବିରଜାଙ୍କର ଷୋଡ଼ଶୋ ନବ ଦିନାତ୍ମକ ଏହି ଉତ୍ସବ ଯାଜପୁରର ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଛି ବୋଲି ପ୍ରକାଶ କରିବା ସହିତ ଯାଜପୁରରେ ପରସ୍ପର ମଧ୍ୟରେ ଭାଇଚାରାର ଯେଉଁ ଅନନ୍ୟ ଉଦାହରଣ ରହିଛି ତାକୁ ଉଜ୍ଜୀବିତ କରିବା ପାଇଁ ଏହି ଅନୁଷ୍ଠାନର ପ୍ରୟାସ ଅତି ଉଚ୍ଚକୋଟିର ବୋଲି ପ୍ରଶଂସା କରିଥିଲେ। ମୁଖ୍ୟ ବକ୍ତାଭାବେ ଅଧ୍ୟାପକ ନିତ୍ୟାନନ୍ଦ ଦେଓ ଯୋଗଦେଇ ମା'ବିରଜାଙ୍କ ରଥଯାତ୍ରାର ତାତ୍ପର୍ଯ୍ୟ ଓ ମା'ବିରଜାଙ୍କ ମହିମା ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ବିଶିଷ୍ଟ ଲେଖକ ଅଧିକାରୀ ନବକିଶୋର ଦାସ, ପଣ୍ଡିତ କୃଷ୍ଣ ଚନ୍ଦ୍ର ମିଶ୍ର, ମନିସା ରାଉତ ଯୋଗଦେଇ ମନୁଷ୍ୟ ଜୀବନକୁ ସାତ୍ୱିକ ଅନୁଭବ ସମାଜକୁ କୁସଂସ୍କାର ଦୂରକରି ଶାନ୍ତି, ମୈତ୍ରୀର ବାତାବରଣ ସୃଷ୍ଟି କରିବାରେ ଅନନ୍ୟା ସାହିତ୍ୟ ସଂସଦ ଅବଦାନ ଅତୁଳନୀୟ ବୋଲି ପ୍ରକାଶ କରିଥିଲେ। ଯାଜପୁରର ନାଟ୍ୟ ଅନୁଷ୍ଠାନ ଆହ୍ୱାନ ପକ୍ଷରୁ ସମ୍ପାଦକ ବିଶ୍ୱଜିତ ସାହୁଙ୍କ ନିର୍ଦ୍ଦେଶନାରେ ପ୍ରଶାନ୍ତ ପତି, ଇଚ୍ଛାମୟୀ ଧଳ, ଅକ୍ଷୟ କୁମାର ପୃଷ୍ଟି ପ୍ରଭୃତି କଳାକାରମାନେ ସୁଲଳିତ କଣ୍ଠରେ ଭଜନ ପରିବେଷଣ କରିଥିଲେ। ଅନନ୍ୟା ସାହିତ୍ୟ ଗଣମାଧ୍ୟମର ସଂଯୋଜକ ଆଦିତ୍ୟା ମହାନ୍ତି ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିବା ବେଳେ ଏହି କାର୍ଯ୍ୟକ୍ରମରେ ସର୍ବଶ୍ରୀ ହରିଶ୍ଚନ୍ଦ୍ର ପଣ୍ଡା ସୁବାସ ମହାପାତ୍ର, ବୃନ୍ଦାବନ ମିଶ୍ର, ସୀମା ମିଶ୍ର, ମୀନକେତନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସର୍ବଶେଷରେ ଉପ-ସଭାପତି ବିଭୂତିଭୂଷଣ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



# ସୁପ୍ରତିଷ୍ଠିତ ଗୀତିକାର ସୁଦର୍ଶନ ସ୍ୱାଇଁଙ୍କ ଏକାଦଶାହରେ ସ୍ମୃତିସଭା



**ଜଗତସିଂହପୁର-୩୦।୯(ସଂଚାର ବ୍ୟୁର):** ଜଗତସିଂହପୁର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ବଡ଼ଲହଙ୍ଗା ଗ୍ରାମର ସୁପ୍ରତିଷ୍ଠିତ ଗୀତିକାର ତଥା ବେହେଲା ବାଦକ ସୁଦର୍ଶନ ସ୍ୱାଇଁଙ୍କ ଏକାଦଶାହରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ କଳାକାର ଯୋଗଦେଇ ସ୍ୱର୍ଗତ ସ୍ୱାଇଁଙ୍କ ଅନନ୍ୟ ପ୍ରତିଭା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ସୁଦର୍ଶନଙ୍କ ପେଶା ଥିଲା ସରକାରୀ ଚାକିରୀ ହେଲେ ନିଶା ଥିଲା ଗୀତ ରଚନା ଏବଂ ସଙ୍ଗୀତ ସାଧନା। ସୁମଧୁର ବେହେଲା ବାଦନ ସହିତ ଗ୍ରାମଫୋନ ରେକର୍ଡ ଏବଂ ପୁରୁଣା ରେଡ଼ିଓ ତଥା ବାଦ୍ୟଯନ୍ତ୍ର ସଂଗ୍ରହ କରି ସାଇତି ରଖିବା ଥିଲା ତାଙ୍କର ଅନ୍ୟ ଏକ ରୁଚି। ସୁଦର୍ଶନଙ୍କ ରଚିତ ଗୀତ ଓଡ଼ିଶାର ବହୁ ସୁନାମଧନ୍ୟ କଣ୍ଠଶିଳ୍ପୀ ସୁବାଷ ଦାଶ, ଶୈଳଭାମା, ବାଦଲ କୁମାର, ସୌରଭ ନାୟକ, ରୁଦ୍ର ନାରାୟଣ ଏବଂ ସୁଧୀର ପାଲ ପ୍ରମୁଖ ଗାଇଛନ୍ତି । ପିଲାଟି ଦିନରୁ ସଙ୍ଗୀତ ପ୍ରତି ଅହେତୁକ ରୁଚି ଓ ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ର ବଜାଇବାର ସଉକ ସହିତ ଗ୍ରାମଫୋନ ପ୍ରତି ତାଙ୍କର ରହିଥିଲା ଅହେତୁକ ଦୁର୍ବଳତା। ପରବର୍ତ୍ତୀ ସମୟରେ ୧୯୭୮ ମସିହାରେ କଟକ ସ୍ଥିତ ମତ୍ସ୍ୟ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଚାକିରୀ କରି ୨୦୧୫ ମସିହାରେ ଚାକିରୀରୁ ଅବସର ଗ୍ରହଣ କରିଥିଲେ। କିନ୍ତୁ ନିଜର କର୍ମମୟ ଜୀବନ ଏବଂ ଜଞ୍ଜାଳ ମୟ ପାରିବାରିକ ଜୀବନ ମଧ୍ୟ ପରାଜିତ ହୋଇଥିଲା ତାଙ୍କର ଏହି ସଙ୍ଗୀତ ନିଶା ଆଗରେ। ସୁଦର୍ଶନ ସ୍ୱାଇଁ ଙ୍କ ବଡ଼ ଝିଅ ମନସ୍ମିତା ସ୍ୱାଇଁ(ଡେଜି) ମଧ୍ୟ ଓଡ଼ିଶାର ଜଣେ ସୁନାମଧନ୍ୟ କଣ୍ଠଶିଳ୍ପୀ ଭାବେ ପରିଚିତ ହୋଇ ପାରିଛନ୍ତି। ସ୍ମୃତିସଭା ପରେ ଆୟୋଜିତ ହୋଇଥିଲା ଭଜନ ସନ୍ଧ୍ୟା । ଏଥିରେ କଣ୍ଠଶିଳ୍ପୀ କୃଷ୍ଣଚନ୍ଦ୍ର ସାହୁ(ପ୍ରାର୍ଥନା),ବିଷ୍ଣୁ ଚରଣ ମହାରଣା, ଡେଜି ସ୍ୱାଇଁ,ଗାୟତ୍ରୀ ଏବଂ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ଯୋଗଦେଇ ଭଜନ ପରିବେଷଣ କରିଥିଲେ । ସେହିପରି ସଙ୍ଗୀତ ନିର୍ଦ୍ଦେଶକ ଶ୍ରୀନିବାସ ବିଶ୍ୱାଳ, ନିରଞ୍ଜନ ତ୍ରିପାଠୀ ଏବଂ ଜିତୁ ପ୍ରମୁଖ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ ।

# ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟରେ ଅନିୟମିତତା

**● ଏନ୍‌ଏମ୍‌ଏମ୍‌ଏସ୍ ଫଟୋରେ ୮ ମହିଳା ଓ ୨ପୁରୁଷ, ମଷ୍ଟରରୋଲ ଉପସ୍ଥାନରେ ୪ପୁରୁଷ ଓ ୬ ମହିଳା**



**ନାଉଗାଁ, ୩୦।୯(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ବଛାଲୋ ପଞ୍ଚାୟତରେ ଏମ୍‌ଜିଏନ୍‌ଆରଇଜିଏସ ପ୍ରକଳ୍ପ କାର୍ଯ୍ୟରେ ଅନିୟମିତତା ହୋଇଥିବା ଜଣାଯାଇଛି। ଏହି ପ୍ରକଳ୍ପରେ ଏନ୍‌ଏମ୍‌ଏମ୍‌ଏସ୍ ଫଟୋରେ ୮ମହିଳା ଓ ୨ ପୁରୁଷ ଥିବା ବେଳେ ମଷ୍ଟରରୋଲରେ ୪ ପୁରୁଷ ଓ ୬ ମହିଳାଙ୍କ ଉପସ୍ଥାନ ନିଆଯାଇଥିବା ଏମ୍‌ଜିଏନ୍‌ଆରଇଜିଏସ୍ ପୋର୍ଟାଲରୁ ଜଣାଯାଇଛି। ଏନ୍‌ଏମ୍‌ଏମ୍‌ଏସ୍ ଆପରେ ଅପଲୋଡ ହେଉଥିବା ଫଟୋର ତଦାରଖ ପାଇଁ ସ୍ୱତନ୍ତ୍ର ଅଧିକାରୀ ନିଯୁକ୍ତି ପାଇଛନ୍ତି। ହେଲେ ଠିକ୍ ଭାବେ ତଦନ୍ତ ହେଉ ନଥିବାରୁ କାର୍ଯ୍ୟ ଦାୟିତ୍ୱରେ ଅଧିକାରୀମାନେ ମନୋମୁଖୀ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ସୂଚନା ମୁତାବକ ବଛୋଲୋ ପଞ୍ଚାୟତରେ 'ମା ପାଇଁ ଗଛ ଟିଏ' ଅଭିଯାନରେ ଚାରାରୋପଣ କରାଯାଉଛି। ଏହି ଚାରାରୋପଣ କାର୍ଯ୍ୟ ଅଲଣା-୨ର ପାଳେନ୍ଦୀ ଠାରୁ କୁଣ୍ଡିଗାଁ ଠାକୁରାଣୀ ପର୍ଯ୍ୟନ୍ତ କରାଯାଉଛି। ଏହି ପ୍ରକଳ୍ପରେ ଜବ୍‌କାର୍ଡଧାରୀଙ୍କ ଉପସ୍ଥାନ ନେବା ପାଇଁ ମଷ୍ଟରରୋଲ ସଂଖ୍ୟା-୮୨୧ ରହିଥିବା ପୋର୍ଟାଲରୁ ଜଣାଯାଇଛି। ଏହି ମଷ୍ଟରରୋଲରେ ୧୦ଜଣ ଜବକାର୍ଡଧାରୀଙ୍କ ନାମ ଥିବା ବେଳେ ଏଥିରେ ୪ ପୁରୁଷ ଓ ୬ ମହିଳାଙ୍କ ନାମ ରହିଛି। ହେଲେ ଏହି ମଷ୍ଟରରୋଲରେ ଅପଲୋଡ ହୋଇଥିବା ଏନ୍‌ଏମ୍‌ଏମ୍‌ଏସ୍ ଆପର ଫଟୋରେ ୮ମହିଳା ଓ ୨ଜଣ ପୁରୁଷ କାର୍ଯ୍ୟସ୍ଥଳରେ ଛିଡା ହୋଇଥିବା ଫଟୋରୁ ଜଣାଯାଇଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ଏମ୍‌ଜିଏନଆରଜିଏସ କାର୍ଯର୍ୟରେ ସ୍ୱଚ୍ଛତା ପାଇଁ କାର୍ଯ୍ୟସ୍ଥଳରେ ସକାଳ ସମୟରେ ଜବକାର୍ଡଧାରୀମାନଙ୍କର ଉପସ୍ଥାନ ଏନ୍‌ଏମ୍‌ଏମ୍‌ଏସ୍ ମାଧ୍ୟମରେ ଫଟୋ ଉତୋଳନ କରାଯାଇ ଆପରେ ଅପଲୋଡ କରାଯିବା ସହିତ ଅପରାହ୍ନରେ ମଧ୍ୟ କାର୍ଯ୍ୟରେ ନିୟୋଜିତ ଥିବା ଜବକାର୍ଡଧାରୀଙ୍କର ପୁନର୍ବାର ଫଟୋ ଉତୋଳନ କରାଯାଇ ଏନ୍‌ଏମ୍‌ଏମ୍‌ଏସ୍ ଆପରେ ଫଟୋ ଅପଲୋଡ କରାଯିବା ପାଇଁ ନିୟମ ରହିଛି। ଯାହାଫଳରେ ଏହି କାର୍ଯ୍ୟ ଠିକ୍ ଭାବେ ହେଉଛି କି ନାହିଁ ଏନ୍‌ଏମ୍‌ଏମ୍‌ଏସ୍ ଆପରେ ଅପଲୋଡ ହୋଇଥିବା ଫଟୋରୁ ଅଧିକାରୀମାନେ ତଦାରଖ କରିପାରିବେ। ଏତଦ୍ ବ୍ୟତୀତ ଏମ୍‌ଜି୍‌ଏନ୍‌ଆରଜିଏସ୍ କାର୍ଯର୍ୟରେ ଅଧିକ ସ୍ୱଚ୍ଛତା ସହିତ ଏନ୍‌ଏମ୍‌ଏମ୍‌ଏସ୍ ଆପରେ ଅପଲୋଡ ହୋଇଥିବା ଫଟୋକୁ ତଦାରଖ କରିବା ପାଇଁ ଜିଲ୍ଲା ପରିଷଦ କାର୍ଯ୍ୟାଳୟ, ଜଗତସିଂହପୁର ଚିଠି ସଂଖ୍ୟା ୩୧୭୯ ତା ୧୧ ଅଗଷ୍ଟ ୨୦୨୫ ରେ ଏହି ବ୍ଲକ ପାଇଁ ଡିଏସସି ରଞ୍ଜିତ କୁମାର ପରିଡ଼ାଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ଏହାସ୍ୱତେ ବଛାଲୋ ପଞ୍ଚାୟତରେ ଏମ୍‌ଜିଏନ୍‌ଆରଜିଏସ୍ କାର୍ଯର୍ୟରେ ମଷ୍ଟରରୋଲ ସଂଖ୍ୟା-୮୨୧ରେ ୪ ପୁରୁଷ ଓ ୬ମହିଳାଙ୍କ ନାମ ରହିଥିବା ବେଳେ ଏନ୍‌ଏମ୍‌ଏମ୍‌ଏସ୍ ଆପରେ ଅପଲୋଡ ହୋଇଥିବା ଫଟୋରେ ୮ମହିଳା ଓ ୨ ପୁରୁଷ ଛିଡା ହୋଇଛନ୍ତି। ଏପରିକି ଅପରାହ୍ନରେ ଏନଏମଏମଏସ ଫଟୋ ଅପଲୋଡ ହୋଇ ନଥିବା ପୋର୍ଟାଲରୁ ଜଣାଯାଇଛି। ଏହି କାର୍ଯ୍ୟରେ ବ୍ଲକସ୍ତରରେ ଥିବା ଅଧିକାରୀମାନେ ଠିକ୍ ଭାବେ ତଦାରଖ କରୁନଥିବାରୁ କାର୍ଯ୍ୟରେ ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏସମ୍ପର୍କରେ ବିଡିଓ ନିରଞ୍ଜନ ପରିଡ଼ାଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନଥିଲେ।

## ପ୍ୟାରୀ ମହାପାତ୍ରଙ୍କ ପତ୍ନୀ ବିୟୋଗ

**ଭୁବନେଶ୍ୱର,୩୦।୯(ସଂଚାର ବ୍ୟୁରୋ):** ଓଡ଼ିଶା ରାଜନୀତିର ଚାଣକ୍ୟ କୁହାଯାଉଥିବା ସ୍ୱର୍ଗତଃ ପ୍ୟାରୀମୋହନ ମହାପାତ୍ରଙ୍କ ଧର୍ମପତ୍ନୀ ପ୍ରତିଭା ମହାପାତ୍ରଙ୍କର ଆଜି ପରଲୋକ ହୋଇଯାଇଛି। ଡଲି ନାନୀ ଭାବେ ପରିଚିତ ଶ୍ରୀମତୀ ମହାପାତ୍ରଙ୍କର ଆଜି ପବିତ୍ର ଅଷ୍ଟମୀରେ ପରଲୋକ ହୋଇଛି। ତାଙ୍କ ପରଲୋକ ଖବର ପାଇବା ପରେ ସମ୍ପର୍କୀୟ ଓ ଶୁଭେଚ୍ଛୁମାନେ ତାଙ୍କ ବାସଭବନରେ ପହଞ୍ଚି ଅନ୍ତିମ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାର ଲୋକଙ୍କ ପ୍ରତି ସମବେଦନା ଜଣାଇଥିଲେ। ଏଥିସହ ସେମାନେ ସ୍ୱର୍ଗତାଃ ମହାପାତ୍ରଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।



ଶ୍ରୀମତୀ ମହାପାତ୍ର ଦୀର୍ଘଦିନ ଧରି କ୍ୟାନ୍ସର୍‌ରେ ପୀଡ଼ିତ ଥିଲେ। ଆଜି ପରଲୋକ ଗମନ କରିବା ସମୟରେ ତାଙ୍କୁ ୭୯ ବର୍ଷ ବୟସ ହୋଇଥିଲା। ମିଳିଥିବା ସୂଚନାନୁସାରେ, ଆଜି ସକାଳେ ଅଚାନକ ଶ୍ରୀମତୀ ମହାପାତ୍ରଙ୍କର ଅଚାନକ ବାନ୍ତି ହୋଇଥିଲା। ଏଥିସହ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ନିକଟସ୍ଥ ଏକ ଘରୋଇ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲେ ହେଁ କିଛି ସମୟ ପରେ ତାଙ୍କର ପରଲୋକ ହୋଇଯାଇଥିଲା। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁତ୍ର, ପୁତ୍ରବଧୂ ଓ ନାତୁଣୀ ଉପସ୍ଥିତ ଥିଲେ। ଆସନ୍ତାକାଲି ସ୍ଥାନୀୟ ସତ୍ୟନଗରସ୍ଥିତ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ପରିବାର ଲୋକଙ୍କ ସୂତ୍ରରୁ ଜଣାପଡ଼ିଛି।

## ମର୍ମନ୍ତୁଦ ସଡ଼କ ଦୁର୍ଘଟଣା: ୩ ମୃତ

**ନୟାଗଡ଼,୩୦।୯(ସଂଚାର ବ୍ୟୁରୋ):** ଗୋଡ଼ିପଲ୍ଲୀ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୩ଜଣଙ୍କର ମୃତ ହୋଇଛି। ମୃତକଙ୍କ ପରିଚୟ ମିଳିପାରିନଥିବା ଜଣାପଡିଛି। ତେବେ ଏଭଳି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି ଓଡ଼ଗାଁ- ଭଞ୍ଜନଗର ୨୧ ନଂ ରାଜ୍ୟ ରାଜପଥ ଗୋଡିପଲ୍ଲୀ ପଟ୍ଟନାୟକ ପେଟ୍ରୋଲ ପମ୍ପ ନିକଟରେ। ସୂଚନାନୁସାରେ, ନୟାଗଡ଼ ଜିଲ୍ଲା ଓଡ଼ଗାଁ- ଭଞ୍ଜନଗର ୨୧ନଂ ରାଜ୍ୟ ରାଜପଥ ଗୋଡିପଲ୍ଲୀ ପଟ୍ଟନାୟକ ପେଟ୍ରୋଲ ପମ୍ପ ନିକଟରେ ଏକ ଟିଭିଏସ ରାଇଡ଼ର ବାଇକକୁ ଏକ ବୁଲେଟ ଗାଡ଼ି ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ୩ ଜଣଙ୍କର ମୃତ୍ୟୁ ଘଟିଛି।

## ସୁନମ୍ର ଏକାଦଶାହରେ ଶ୍ରଦ୍ଧାଞ୍ଜଳି

**ବୈଶିଙ୍ଗା,୩୦।୯(ସଂଚାର ବ୍ୟୁରୋ):** ବୈଶିଙ୍ଗା ମିଡିଆ ସେଣ୍ଟରର ପରିଚାଳକ ତଥା ସାମ୍ବାଦିକ ବିମଳେନ୍ଦୁ ମହାପାତ୍ର ଙ୍କ ସାନ ଭାଇ ସୁନମ୍ର (ପପୁ)ର ଏକାଦଶାହ ରେ ଆଜି ସନ୍ଧ୍ୟାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲ।। ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ସାମ୍ବାଦିକ ସୀତାନାଥ ବେହେରା, ସଞ୍ଜୟ ମିଶ୍ର, ମଧୁସୂଦନ ମହାନ୍ତି,ବିମଳେନ୍ଦୁ ମହାପାତ୍ର,ସ୍ୱରୁପ ପଟ୍ଟନାୟକ ପ୍ରଭୃତି ଯୋଗ ଦେଇ ଅମର ଆତ୍ମାର ସଦ୍ ଗତି ପାଇଁ ନୀରବ ପ୍ରାର୍ଥନା କରିବା ସହିତ ପରିବାର ବର୍ଗଙ୍କୁ ଆଶ୍ୱାସନା ଦେଇଥିଲେ ।ବିଶିଷ୍ଟ ବ୍ୟକ୍ତି ଭାବେ ଆଇନଜୀବି କ୍ଷେତ୍ରମୋହନ ପଣ୍ଡା ତାଙ୍କ ସହଧର୍ମିଣୀ ଙ୍କ ସହ ଯୋଗ ଦେଇଥିଲେ। ଆଇନଜୀବି ମନୋଜ କୁମାର ପଣ୍ଡା, ସଦାଶିବ ପାଣି, ସୁଜୟ ପତି ପ୍ରମୁଖ ଯୋଗ ଦେଇ ଅମର ଆତ୍ମାର ସଦ ଗତି କାମନା କରିଥିଲେ। ବନ୍ଧୁ ବାନ୍ଧବ ତଥା ଗ୍ରାମବାସୀ ସହ ଯୋଗ କରିଥିଲେ।

